READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

ବର୍ଷ-୨ ସଂଖ୍ୟା-୨୮ ୨୩ - ୨୯ ଜୁଲାଇ, ୨୦୧୮ ଭୁବନେଶ୍ୱର | Monday Weekly | VOL-2 ISSUE-28 | 23rd - 29th JULY, 2018 | BHUBANESWAR | ₹ 5/- (8 Pages)

## ଅଗଷ୍ଟ ୧୬ରେ ଓଡ଼ିଶା ଆସିବେ ଉପରାଷ୍ଟ୍ରପତି



**ଭୁବନେଶ୍ୱର :** ଅଗଷ୍ଟ ୧୬ରେ ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁ ଭୁବନେଶ୍ୱର ଏମ୍ସର ପ୍ରଥମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଏମ୍ସ କର୍ତ୍ତୃପକ୍ଷ ସମସ୍ତ ପ୍ରକାର ପସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ କରିଥିବା ସୂଚନା ମିଳିଛି।



ପୁରୀ : ଶ୍ରୀମନ୍ଦିରକୁ ବାହୁଡ଼ିବା ଅପେକ୍ଷାରେ ତିନି ରଥ

### ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କମ୍ ମିଳିଲା
# ଫ୍ଲୋରଟେଷ୍ଟ୍‌ରେ ମୋଦି ପାସ୍

**ନୂଆଦିଲ୍ଲୀ :** ଲୋକସଭାରେ ସରକାରଙ୍କ ବିରୋଧରେ ମିଳିତ ବିରୋଧୀ ଦଳ ପକ୍ଷରୁ ଆଗତ ହୋଇଥିବା ପ୍ରଥମ ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଛି। ଅନାସ୍ଥା ସପକ୍ଷରେ ୧୨୬ ଭୋଟ୍ ମିଳିଥିଲା ବେଳେ ବିରୋଧରେ ୩୨୫ ଜଣ ମତଦାନ କରିଥିଲେ। ଫଳରେ ମୋଦି ସରକାରଙ୍କ ସହଜସାଧ୍ୟ ବିଜୟ ହୋଇଛି। ଏହି ଅନାସ୍ଥା ପ୍ରସ୍ତବରେ ୪୫୧ ଜଣ ସଦସ୍ୟ ମତଦାନ କରିଥିଲା ବେଳେ ସରକାରଙ୍କ ସପକ୍ଷରେ ଦୁଇତୃତୀୟାଂଶ ଭୋଟ୍ ଯାଇଥିଲା। ମତଦାନ ପୂର୍ବରୁ ପପୁ ଯାଦବ କକ୍ଷତ୍ୟାଗ କରିଥିଲେ। ବିଜେପି ସାଂସଦ କେସି ପଟେଲ ଓ ଭୋଲା ସିଂହ ଅସୁସ୍ଥ ଥିବା ସତ୍ତ୍ୱେ ମତଦାନ କରିବାକୁ ଆସିଥିଲେ। ତେବେ ଗୃହରେ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ପୂର୍ବରୁ ବିଜେଡି କକ୍ଷତ୍ୟାଗ କରିଥିଲା। ଏନ୍‌ଡିଏର ସହଯୋଗୀ ଶିବସେନା ମଧ୍ୟ ଏହାକୁ ବର୍ଜନ କରିଥିଲା। ମୋଦି ସରକାରଙ୍କ ୪ ବର୍ଷ ଶାସନ କାଳ ମଧ୍ୟରେ ବିରୋଧୀ ଦଳ ପକ୍ଷରୁ ପ୍ରଥମଥର ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ଉପରେ ୧୦ ଘଣ୍ଟା ଧରି ଲୋକସଭାରେ ଚାଲିଥିବା ବିତର୍କର ଉତ୍ତରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିରୋଧୀଙ୍କ ମୁହଁତୋଡ ଜବାବ ଦେଇଥିଲେ। ମୋଦି କହିଥିଲେ, ଏ ପ୍ରକାର ଅନାସ୍ଥା ଦେଶର ବିକାଶ ପ୍ରତି ବିରୋଧୀଙ୍କ ଏକ ନକାରାତ୍ମକ ମନୋଭାବ। ଏନ୍‌ଡିଏ ସରକାରଙ୍କ ଉପରେ ଜନସାଧାରଣଙ୍କ ପୂର୍ଣ୍ଣ ବିଶ୍ୱାସ ରହିଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧି ଉଠାଇଥିବା ସମସ୍ତ ପ୍ରସଙ୍ଗର ଗୋଟି ଗୋଟି କରି ଜବାବ ଦେଇଥିଲେ ମୋଦି। ରାହୁଲ ତାଙ୍କୁ ଆଲିଙ୍ଗନ



ସପକ୍ଷରେ ୧୨୬
ବିପକ୍ଷରେ ୩୨୫

କରିବା ସମ୍ପର୍କରେ ଉଲ୍ଲେଖକରି ମୋଦି କହିଥିଲେ, କଂଗ୍ରେସ ଅଧ୍ୟକ୍ଷ ପ୍ରଧାନମନ୍ତ୍ରୀ ହେବାକୁ ବ୍ୟଗ୍ର ହୋଇଉଠିଲେଣି। କେବଳ ଦେଶର ୧୨୫ କୋଟି ଜନସାଧାରଣ ସ୍ଥିର କରିବେ କିଏ ପ୍ରଧାନମନ୍ତ୍ରୀ ଚୌକିରେ ବସିବ। ଏହି ଫ୍ଲୋର୍ ଟେଷ୍ଟ୍ ସରକାରଙ୍କ ପାଇଁ ଶକ୍ତି ପରୀକ୍ଷା ନୁହେଁ ବରଂ ଏହା କଂଗ୍ରେସ ପାଇଁ 'ଫୋର୍ସଟେଷ୍ଟ୍' ବୋଲି କୁହାଯିବ। କଂଗ୍ରେସର କାହାରି ଉପରେ ବିଶ୍ୱାସ ନାହିଁ। ନିର୍ବାଚନ କମିଶନଙ୍କ ଉପରେ ଏହି ଦଳର ଭରସା ନାହିଁ। ନ୍ୟାୟପାଳିକା, ଭାରତୀୟ ରିଜର୍ଭ ବ୍ୟାଙ୍କ୍ କିମ୍ବା ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ଉପରେ ମଧ୍ୟ ବିଶ୍ୱାସ ନାହିଁ। ରାହୁଲ ଉଠାଇଥିବା କଳାଧନ ସମ୍ପର୍କରେ ସେ କହିଲେ, ୮୦ ହଜାର କୋଟି ଟଙ୍କାର କଳାଧନ ଫେରାଇ ଅଣାଯାଇଛି। ➤ ପୃ-୬

## ବନ୍ୟା ଆଶଙ୍କା, ସତର୍କତା ଜାରି



**ଭୁବନେଶ୍ୱର :** ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଉପରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ପ୍ରବଳ ବର୍ଷା ହେବା ଫଳରେ ବନ୍ୟା ଆଶଙ୍କା ଉପୁଜିଛି। ଅବପାତ କାରଣରୁ ସମୁଦ୍ର ଅଶାନ୍ତ ରହିଥିଲା। ବର୍ଷା ପ୍ରକୋପ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ଏନେଇ ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ବନ୍ୟା ଓ ଜଳଜମାଟ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଏମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ସ୍ୱତନ୍ତ୍ର କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇ ନଦୀଗୁଡ଼ିକର ଜଳସ୍ତର ଉପରେ ନଜର ରଖାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସହିତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟ ସତର୍କତା ସୂଚନା ଜାରି କରାଯାଇଛି। ଆଗକୁ ବନ୍ୟା ଭଳି ପରିସ୍ଥିତି ଉପୁଜିବାର ସମ୍ଭାବନା ଥିବାରୁ ସମସ୍ତ ଡାକ୍ତରଖାନାରେ ଅତ୍ୟାବଶ୍ୟକ ଔଷଧ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା ଜିଲ୍ଲାପାଳ ଓ ସିଡିଏମଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ମହିଳା, ଶିଶୁ ଓ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାକୁ ସେ କହିଛନ୍ତି। ଅପହଞ୍ଚ ଇଲାକାଗୁଡ଼ିକରେ ରହୁଥିବା ଆସନ୍ନ ପ୍ରସବାଙ୍କୁ ନିକଟସ୍ଥ ➤ ପୃ-୬

## 'ମୋ ସ୍କୁଲ'ରେ ସାମିଲ ହେଲା ୬ ଜିଲ୍ଲାର ୨୬୨ ସ୍କୁଲ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀଙ୍କ ଗୋଷ୍ଠୀ ସମ୍ପୃକ୍ତ ଶିକ୍ଷା କାର୍ଯ୍ୟକ୍ରମ 'ମୋ ସ୍କୁଲ' ଯୋଜନାର ପ୍ରଥମ ପର୍ଯ୍ୟାୟରେ ଅଗ୍ରାଧିକାର ଭିତ୍ତିରେ ୬ଟି ଜିଲ୍ଲାର ୨୬୨ଟି ସ୍କୁଲ ସାମଗ୍ରୀକ ବିକାଶ ଲାଗି ସ୍ଥିର କରାଯାଇଛି। ଏହି ଜିଲ୍ଲାଗୁଡ଼ିକ ହେଲା ଭଦ୍ରକ, ବରଗଡ଼, ଗଜପତି, ଜଗତସିଂପୁର, କଳାହାଣ୍ଡି ଓ ନୂଆପଡ଼ା। ଏହିସବୁ ଜିଲ୍ଲାରେ ୨କୋଟି ୬୬ଲକ୍ଷ ୨୧ହଜାର ୮୩୭ ଟଙ୍କା ବ୍ୟୟ କରାଯିବ। ଏଥିରୁ ରାଜ୍ୟ ସରକାର ୧ କୋଟି ୭୭ ଲକ୍ଷ ୧ହଜାର ୮୯୧ଟଙ୍କା ଅନୁଦାନ ଦେଇଥିବା ବେଳେ ଜନସଧାରଣଙ୍କଠାରୁ ୮୯ଲକ୍ଷ ୧୯ହଜାର ୯୪୭ଟଙ୍କା ସଂଗୃହୀତ ହୋଇଛି। ➤ ପୃ-୬



## ଏମ୍ସରୁ ଏବେ ଫେରିବେନି ଜଗା-ବଳିଆ

**ନୂଆଦିଲ୍ଲୀ :** ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଯୋଡ଼ାମୁଣ୍ଡ ଶିଶୁ ଜଗା-ବଳିଆଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଆଲୋଚନା କରିଛନ୍ତି। ମନ୍ତ୍ରୀ ଶ୍ରୀ ଜେନା ଏକ ୫ ଜଣିଆ ବିଶେଷଜ୍ଞ ଡାକ୍ତରୀ ଦଳ ସହ ଏମ୍ସରେ ପହଞ୍ଚି ଜଗା-ବଳିଆଙ୍କୁ ଦେଖିବା ପରେ ବରିଷ୍ଠ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ଜଗାର ସ୍ୱାସ୍ଥ୍ୟାବସ୍ଥା ବେଶ୍ ➤ ପୃ-୬

# ଟିଟୋକୁ ନେଇ ବିଜେଡି-ବିଜେପି ରାଜନୀତି

## ମନ୍ତ୍ରୀ ପଦରୁ ଇସ୍ତଫା ଦିଅନ୍ତୁ ଧର୍ମେନ୍ଦ୍ର : ପ୍ରତାପ

**ଭୁବନେଶ୍ୱର :** ନିକଟରେ ଓଡ଼ିଶା ପୋଲିସ ସ୍ୱତନ୍ତ୍ର ଟାସ୍କ ଫୋର୍ସ କୁଖ୍ୟାତ ଗ୍ୟାଙ୍ଗଷ୍ଟର ଟିଟୋ ଓରଫ ସୟେଦ ଉସମାନ ଅଲ୍ଲୀକୁ ଗିରଫ କରିଛି। ଟିଟୋ ନାମରେ ହତ୍ୟା, ଅପହରଣ, ଲୁଣ୍ଠନ, ଦାଦାବଟି ଆଦାୟ ଭଳି ୪୫ରୁ ଅଧିକ ସଂଗୀନ ମାମଲା ରହିଛି। ତେବେ ଟିଟୋକୁ ଗିରଫ କରାଯିବା ପରେ ଅପରାଧ ଦୁନିଆର ଅନେକ ଅଡୁଆ ସୂତା ଏବେ ଧୀରେ ଧୀରେ ଖୋଲିବାରେ ଲାଗିଛି। ଏହା ମଧ୍ୟରେ ଗୋଟିଏ ହେଉଛି ଟିଟୋ ନାମରେ ଥିବା ବେଆଇନ୍ ପେଟ୍ରୋଲ ଟାଙ୍କି। ଭାରତୀୟ ତୈଳ ନିଗମ (ଆଇଓସିଏଲ୍) ଦ୍ୱାରା ଟିଟୋକୁ ଏହି ପେଟ୍ରୋଲ ପମ୍ପ ଖୋଲିବା ପାଇଁ



ଅନୁମତି ମିଳିଥିଲା। କେନ୍ଦ୍ର ତୈଳ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଗ୍ୟାଙ୍ଗଷ୍ଟର ଟିଟୋ ମଧ୍ୟରେ ଲିଙ୍କ୍ ରହିଥିବା ଏଥିରୁ ସ୍ପଷ୍ଟ ହୋଇଛି। ମେସର୍ସ ସୟେଦ ବ୍ରଦର୍ସ ନାମରେ କେନ୍ଦ୍ରାପଡ଼ା ଜିଲ୍ଲା ବଡ଼ହାଟ ଠାରେ ପେଟ୍ରୋଲ ପମ୍ପ ଖୋଲା ଯାଇଛି। ଟିଟୋ ଓ ଏହାର ପରିବାର ଲୋକଙ୍କ ନାମରେ ଏହି ସ୍ଥାନର ମାଲିକାନା ମଧ୍ୟ ରହିଛି। ଡିସେମ୍ବର ୨୦୧୫ରେ ଏହି ପେଟ୍ରୋଲ ପମ୍ପ ଆରମ୍ଭ ହୋଇଥିଲା। ଟିଟୋର ପତ୍ନୀ ବେନଜୀର ବିବିଙ୍କ ନାମରେ ଏହାର ମାଲିକାନା ମଧ୍ୟ ରହିଛି। ଏହାବାଦ୍ ୨୦୧୭ ମସିହାରେ ଆଇଓସିଏଲ୍ ଟିଟୋକୁ ଜଗତସିଂହପୁର ଜିଲ୍ଲା ପାରାଦୀପ ପୋର୍ଟ ଟ୍ରଷ୍ଟ ଠାରେ ଆଉ ଏକ ପେଟ୍ରୋଲ ➤ ପୃ-୬


## ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ରହିଛି : ବିଜେପି

**ଭୁବନେଶ୍ୱର :** ଗ୍ୟାଙ୍ଗଷ୍ଟାର ଟିଟୋଙ୍କ ଦଶ ହଜାର କୋଟି ଟଙ୍କାର ଅପରାଧିକ ସାମ୍ରାଜ୍ୟ ପଛରେ ୧୯ ବର୍ଷର ବିଜେଡି ସରକାରର ପ୍ରୋତ୍ସାହନ ଓ ସହଭାଗିତା ରହିଛି ବୋଲି ବିଜେଡି ଉପରେ ପାଲଟା ଆକ୍ରମଣ କରି ଅଭିଯୋଗ କରିଛନ୍ତି ବିଜେପି ରାଜ୍ୟ ମୁଖପାତ୍ର ତଥା ଆଇନଜୀବୀ ପିତାମ୍ବର ଆଚାର୍ଯ୍ୟ। ଟିଟୋଙ୍କୁ ପେଟ୍ରୋଲ ଟାଙ୍କି ଆବଣ୍ଟନ ମାମଲାରେ ସିବିଆଇ ତଦନ୍ତ ନିର୍ଦ୍ଦେଶକୁ ବିଜେଡି ତରଫରୁ କଡା ସମାଲୋଚନା କରା ଯିବା ପରେ ସିବିଆଇ ତଦନ୍ତକୁ ସ୍ୱାଗତ କରିବା ପରିବର୍ତ୍ତେ ବିଜେଡି କାହିଁକି ଏହାକୁ ବିରୋଧ କରି ବ୍ୟତିବ୍ୟସ୍ତ ହୋଇ ପଡୁଛି ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି। ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସତ୍ୟକୁ ସାମନାକୁ ଆଣିବାକୁ ଚେଷ୍ଟା କରିଥିବା ବେଳେ ବିଜେଡି ଠାକୁର ଘରେ କିଏ, ମୁଁ କଦଳୀ ଖାଇନି ପରି ବୟାନ ଦେଇ ନିଜର ଭୟକୁ ସାର୍ବଜନୀନ କରିଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ଗତ କିଛି ଦିନ ତଳେ ଗ୍ୟାଙ୍ଗଷ୍ଟାର ଟିଟୋଙ୍କ ଭାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ



ଦ୍ୱାରା ଦଳକୁ ସ୍ୱାଗତ କରା ଯିବା ମାମଲା ଉଠାଇ ମୁଖ୍ୟମନ୍ତ୍ରୀଙ୍କ ସହ ଏହି ଅନ୍ତରଙ୍ଗ ଫଟୋକୁ ପ୍ରଦର୍ଶିତ କରିବା ସହ ଟିଟୋଙ୍କ ସାମ୍ରାଜ୍ୟର ଚେର ବିଜେଡି ମୁଖିଆଙ୍କ ପର୍ଯ୍ୟନ୍ତ ଲମ୍ବିଛି ବୋଲି ଶ୍ରୀ ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି। ସାଂସଦ ପ୍ରତାପ ଦେବ ତଥା କେନ୍ଦ୍ରାପଡା ଜିଲ୍ଲାର ଦୁଇ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ କିଶୋର ତରାଇଙ୍କ ନାଁ ନେଇ ନଦୀ ଘାଟ, ବାଲି, ମୋରମ ଉପରେ ଏକଚାଟିଆ ଅଧିକାର ଅପରାଧିକ ➤ ପୃ-୬

## ବକ୍ରବାଣୀ



ଏବେ ବେଳା ସତରେ କି ଖରାପ ପଡିଛି
ଯାହା କହିଲେ ବି ସବୁ ବିପରୀତ ହଉଛି
ଯେବେଳେ ସୁପ୍ରିମ କୋର୍ଟ ବଇରି ସାଧୁଛି
ଭଗବାନ ହେଇଗଲି କି ଖୋଲି କହୁଛି
ଝାଡୁଦାର କହି ଲୋକହସା ମୁଁ ହଉଛି
କୋଣାର୍କ ମନ୍ଦିର କାର୍ଡ ବି କୀଳା ଦଉଛି
ସବୁ ଯୋଜନା ଆମର ଫସର ଫାଟୁଛି
ଶହେ କୋଡିଏର ଆଶା ମଉଳି ଯାଉଛି
ସପନ ମୋର ସତେ ଅବା ପୁରା ହବକି
ଶାସନ ଡୋରି ପାଉ ପାଉ ଖସି ଯିବକି।

—— ଟୁଟୁ

### ନୂଆ ଗାଇଡ୍‌ଲାଇନ ଜାରିକଲା ବିଡିଏ
## ଖାଲୁଆ ଅଞ୍ଚଳରେ ଗୃହ ନିର୍ମାଣକୁ ନା

**ଭୁବନେଶ୍ୱର :** ରାଜଧାନୀର ଜଳବନ୍ଦୀ ସମସ୍ୟା ବିଡିଏକୁ ଚିନ୍ତାରେ ପକାଇଛି। ଖାଲୁଆ ଅଞ୍ଚଳରେ ଡ୍ରେନେଜ୍ ସୁବିଧା ନଥିଲେ ନିର୍ମାଣ ଅନୁମତି ନଦେବାକୁ ବିଡିଏ ଗାଇଡଲାଇନ୍ ଜାରି କରିଛି। ରାଜଧାନୀର ଖାଲୁଆ ଅଞ୍ଚଳକୁ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଅନ୍ତର୍ଭୁକ୍ତ କରିବାକୁ ବିଡିଏ ଘୋଷଣା କରିଛି। ଏଥିପାଇଁ ବିଡିଏ ନିଜର ମାଷ୍ଟର୍ ପ୍ଲାନ୍‌ରେ ସୂଚନା ଦେଇଛି। ଖାଲୁଆ ଅଞ୍ଚଳରେ ଉପଯୁକ୍ତ ଡ୍ରେନେଜ୍ ସୁବିଧା ନଥିଲେ ବିଲ୍ଡର୍‌ମାନଙ୍କୁ ନିର୍ମାଣ ଅନୁମତି ମିଳିବ ନାହିଁ। ବିଡିଏ ନିୟମାବଳୀରେ ଏଥିପାଇଁ ସଂଶୋଧନ କରାଯାଇଛି। ପ୍ଲାନିଂ ଆଣ୍ଡ୍ ବିଲ୍ଡିଂ ଷ୍ଟାଣ୍ଡାର୍ଡ ରେଗୁଲେସନ୍-୨୦୧୮ରେ ଏଥିପାଇଁ ଆବଶ୍ୟକୀୟ ସଂଶୋଧନ କରାଯାଇଛି। ୧ ଏକର ଜମିରେ ୪୦ ପ୍ରତିଶତ ଖାଲି ଅଞ୍ଚଳ ରହିବା ସହିତ ଏଥିରେ ୧୨ ମିଟରର ରାସ୍ତା ରହିବ। ଏହି ୪୦ ପ୍ରତିଶତ ଖାଲି ଅଞ୍ଚଳରେ ଉପଯୁକ୍ତ ଡ୍ରେନେଜ୍ ସୁବିଧା ରହିବ। ରାଜଧାନୀ ଭୁବନେଶ୍ୱରର ଦକ୍ଷିଣ-ପୂର୍ବ ଅଞ୍ଚଳରେ ଅଧିକ ଖାଲୁଆ ଅଞ୍ଚଳ ସହ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ରହିଛି। ଲିଙ୍ଗିପୁର, ଶିଶୁପାଳଗଡ଼, ବଡ଼ଧନପୁର, ବାମଘାଇ, ବାଙ୍କୁଆଳ, ବଡ଼ଗଡ଼, ମେହେରପଲ୍ଲୀ, କେସୁରା, ଝାରପଡ଼ା ଓ କୋରଡ଼କଣ୍ଟା ଅଞ୍ଚଳ ସହିତ ଉତ୍ତର-କେନ୍ଦ୍ରୀୟ ଅଞ୍ଚଳର ଚନ୍ଦ୍ରଶେଖପୁର, ଗାଡ଼କଣ ଓ ପଟିଆରେ ଅଧିକ ଖାଲୁଆ ଅଞ୍ଚଳ ରହିଛି। ଉପଯୁକ୍ତ ଡ୍ରେନେଜ୍ ସୁବିଧା ନରହିଏ ଏହି ଅଞ୍ଚଳଗୁଡ଼ିକରେ ବର୍ଷାଜଳ ଜମି ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଛି। ସେହିପରି ରାଜଧାନୀର ଉତ୍ତର ଭାଗରେ ନନ୍ଦନକାନନ ➤ ପୃ-୬

BHUBANESWAR DEVELOPMENT AUTHORITY




ସ୍ମାର୍ଟ ସିଟି ଭୁବନେଶ୍ୱରରେ ସ୍ୱଚ୍ଛତା ଅଭିଯାନର ଅଭିନବ ଦୃଶ୍ୟ

## ଖୁଣ୍ଟ ଅଛି, ଆବର୍ଜନା ଡବା ନାହିଁ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ସମାଜ ସେବାରେ ଲୋକଙ୍କ ପ୍ରିୟଭାଜନ ହେବେ। କର୍ମକ୍ଷେତ୍ରରେ ଆପଣଙ୍କୁ ଅପମାନିତ ହେବାକୁ ପଡିପାରେ। ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ନିମନ୍ତେ ବିଦେଶ ଯାତ୍ରା କରିବେ। ନୂତନ ବ୍ୟବସାୟ ସହ ମନୋମାଳିନ୍ୟ ହୋଇପାରେ।

**ବୃଷ** ପରିବାରରେ ଏକତା ଓ ମାନସିକ ଶାନ୍ତି ବଜାୟ ରହିବ। ଦାମ୍ପତ୍ୟ ଜୀବନରେ ସୁଖ ଭରିଯିବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳତା ଅର୍ଜନ କରିବେ। ଜମିଜମା ବିବାଦର ଶୁଭଫଳ ପାଇବେ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ।

**ମିଥୁନ** କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହ ବିବାଦ ଉପୁଜିପାରେ। ପରିବାରରେ ଅଶାନ୍ତି ଦେଖାଦେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ବିଫଳ ହୋଇପାରନ୍ତି। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ।

**କର୍କଟ** କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ। ଜମିଜମା ବିବାଦ ଲାଗିରହିବ।

**ସିଂହ** କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ନୂଆ ଗାଡି କିଣିବା ପାଇଁ ମନ ବଳିବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ ଉନ୍ନତି ହେବ।

**କନ୍ୟା** ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ବଦଳି ହୋଇପାରେ। ଗୃହରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ଶୁଭଫଳ ପାଇବେ।

**ତୁଳା** ଆର୍ଥିକ ସ୍ୱଚ୍ଛତା ଦେଖାଦେବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିବେ। ଦୀର୍ଘ ଦିନରୁ ଲାଗିରହିଥିବା ବିବାଦ ଲାଗି ରହିବ। ରାଜନୈତିକ ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ।


**ବିଛା** ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ମଧ୍ୟ କୃତିତ୍ୱ ଅର୍ଜନ କରିବେ। ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**ଧନୁ** ଧାର୍ମିକ ଓ ଆଧାତ୍ମିକ ସମ୍ବନ୍ଧରେ ରୁଚି ବୃଦ୍ଧି ହେବ। ନୂତନ କର୍ମରେ ଯୋଗ ଦେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ଉପୁଜିପାରେ। ରାଜନୀତିରେ ବିପଦ ବଢ଼ିବ। ବ୍ୟବସାୟରେ ଶୁଭଫଳ ପାଇବେ।

**ମକର** ଆର୍ଥିକ ସଙ୍କଟ ଦୂର ହେବ। ନୂତନ କର୍ମରେ ଯୋଗଦାନ କରିବେ। ସାମାଜିକ କାର୍ଯ୍ୟରେ ନିନ୍ଦା ସହିବାକୁ ପଡିବ। ଲାଗି ରହିଥିବା ବିବାଦର ସମାଧାନ ହେବ। ବ୍ୟବସାୟୀମାନେ ଲାଭବାନ୍ ହେବେ।

**କୁମ୍ଭ** ନୂତନ ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ। ବିଦେଶରୁ ଚାକିରୀର ସନ୍ଧାନ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ରହିବେ। ଦର୍ଶନୀୟ ସ୍ଥାନ ଭ୍ରମଣର ସୁଯୋଗ ଆସିବ।

**ମୀନ** ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ଘଟିପାରେ। ଆର୍ଥିକ ଚିନ୍ତା ଲାଗିରହିବ। ଗୃହ ନିର୍ମାଣର ସମୟ ଆସିବ। ରାଜନୈତିକ ବ୍ୟକ୍ତିମାନେ ଅପମାନିତ ହେବେ।


ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ‘ପ୍ରତି ଘରକୁ ବିଜୁଳି ଯୋଗାଇ ଦେବାରେ ଏନ୍‌ଡିଏ ସଫଳ’

**ନୂଆଦିଲ୍ଲୀ :** ୨୦୦୫ରେ କଂଗ୍ରେସ ସରକାର ୨୦୦୯ ସୁଦ୍ଧା ପ୍ରତି ଘରକୁ ବିଜୁଳି ଯୋଗାଇଦେବାକୁ ଘୋଷଣା କରିଥିଲେ। କିନ୍ତୁ ସ୍ୱାଧୀନତାର ୭୦ ବର୍ଷ ପରେ ବି ୧୮ ହଜାର ଗ୍ରାମରେ ବିଜୁଳି ଶକ୍ତି ପହଞ୍ଚି ପାରିନଥିଲା। ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ଗତ ୪ ବର୍ଷରେ ଅନ୍ଧାରରେ ଥିବା ଗାଁ ଗୁଡ଼ିକୁ ବିଜୁଳି ଶକ୍ତି ଯୋଗାଇଦେବାକୁ ସକ୍ଷମ ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ତାଙ୍କ ସରକାର ଅମଳରେ ବିଦ୍ୟୁତ୍‌କରଣ ହୋଇଥିବା ଗ୍ରାମଗୁଡ଼ିକର ଜନସାଧାରଣଙ୍କ ସହ ମୋଦି ଭିଡିଓ କନ୍‌ଫରେନ୍‌ସିଂ ଯୋଗେ ଆଲୋଚନା କଲାବେଳେ କଂଗ୍ରେସକୁ ଟାର୍ଗେଟ୍ କରିଥିଲେ। ସେ କହିଲେ, ତତ୍କାଳୀନ ଶାସକ ଦଳର ଅଧ୍ୟକ୍ଷ ପାଦେ ଆଗେଇଯାଇ କହିଥିଲେ, ସରକାର ପ୍ରତି ଘରକୁ ବିଜୁଳି ଯୋଗାଇଦେବେ। କିନ୍ତୁ କଂଗ୍ରେସ ଅଧ୍ୟକ୍ଷାଙ୍କ ଦୀର୍ଘ କାର୍ଯ୍ୟକାଳ ମଧ୍ୟରେ ସେଭଳି ପ୍ରତିଶ୍ରୁତି ରକ୍ଷା କରାଗଲା ନାହିଁ। ମୋଦି କହିଲେ, ୨୦୧୮ ଏପ୍ରିଲ ୨୮ ଭାରତର ବିକାଶ କ୍ଷେତ୍ରରେ ଏକ ଐତିହାସିକ ଦିବସ। ମଣିପୁରର ଲେଇସାଙ୍ଗ୍ ହେଉଛି ଶେଷ ଗାଁ, ଯେଉଁ ଗାଁକୁ ସବାଶେଷରେ ପାୱାରଗ୍ରୀଡ୍ ସହ ସଂଯୋଗ



କରାଗଲା। ବିଜୁଳି ଶକ୍ତି ପହଞ୍ଚି ନଥିବା ୧୮ ହଜାର ଗାଁ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ। ସେଠାରେ ପହଞ୍ଚିବା ସେତେ ସହଜ ନଥିଲେ ମଧ୍ୟ ଉତ୍ସର୍ଗୀକୃତ ଟିମ୍ ସେଠାରେ ପହଞ୍ଚି ବିଜୁଳି ସଂଯୋଗ ଦେବାକୁ ସକ୍ଷମ ହୋଇଛନ୍ତି। ସେ ଆହୁରି କହିଛନ୍ତି, ପୂର୍ବ ଭାରତ ଦେଶର ବିକାଶ ଯାତ୍ରାରେ ପ୍ରମୁଖ ଭୂମିକା ନିର୍ବାହ କରିପାରିବ। ପୂର୍ବଭାରତର ବିକାଶକୁ ତାଙ୍କ ସରକାର ଅଧିକ ପ୍ରାଥମିକତା ଦେଉଛନ୍ତି। ବିଦ୍ୟୁତ୍‌କରଣ ହୋଇପାରି ନଥିବା ୧୮ ହଜାର ଗାଁ ମଧ୍ୟରୁ ପୂର୍ବଭାରତରେ ୧୪,୫୦୦ ଗାଁ ରହିଥିଲା। ସରକାର ଏବେ ସେହି ଗାଁର ରୂପ ବଦଳାଇ ଦେବାରେ ସକ୍ଷମ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୧୫ ଅଗଷ୍ଟ ୧୫ରେ ମୋଦି କହିଥିଲେ, ହଜାରେ ଦିନରେ ପ୍ରତ୍ୟେକ ଗାଁକୁ ବିଜୁଳି ସଂଯୋଗ କରାଯିବ। ପଣ୍ଡିତ ଦୀନଦୟାଳ ଉପାଧ୍ୟାୟ ଗ୍ରାମଜ୍ୟୋତି ଯୋଜନାରେ ସରକାର ଦେଶର ଅନ୍ଧାରିମୂଲକରେ ପହଞ୍ଚିବାକୁ ସକ୍ଷମ ହୋଇଛନ୍ତି। ଭିଡିଓ କନ୍‌ଫରେନ୍‌ସିଂ ଯୋଗେ ମୋଦି ନୂଆ ବିଦ୍ୟୁତ୍ ଉପଭୋକ୍ତାଙ୍କ ସହ ଆଲୋଚନା କରିବା ଅବସରରେ ଜମ୍ମୁ-କଶ୍ମୀରର ଆରତି ଶର୍ମା କହିଥିଲେ, ପ୍ରଥମ ଥର ପାଇଁ ଆମେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବାର ସୌଭାଗ୍ୟ ପାଇଲୁ, ଯେ କି ଆମ ଗାଁକୁ ଆଲୋକିତ କରିଛନ୍ତି। ଅରୁଣାଚଳ ପ୍ରଦେଶର ତୱାଙ୍ଗ୍‌ର ଜନସାଧାରଣ କହିଛନ୍ତି, ତାଙ୍କର ପିଲାମାନେ ଏଣିକି ଭଲ ଭାବରେ ପଢ଼ାପଢ଼ି କରିପାରିବେ।

## ଜୈସ୍ ଆତଙ୍କୀ ନଜରରେ ଭାରତୀୟ ନୌସେନା



**ନୂଆଦିଲ୍ଲୀ :** ଗଭୀର ସମୁଦ୍ରରେ ଭାରତୀୟ ନୌସେନା ଯୁଦ୍ଧଜାହାଜକୁ ଧ୍ୱଂସ କରିବା ପାଇଁ ଜୈସ-ଇମହମ୍ମଦ ଆତଙ୍କବାଦୀ ସଂଗଠନ ଯୋଜନା କରୁଥିବା ସୂଚନା ପାଇବା ପରେ ଉଦବେଗ ପ୍ରକାଶ ପାଇଛି। ଏବେ ଜୈସ ଆତଙ୍କବାଦୀମାନେ ପାକିସ୍ତାନ ବାହାବଲପୁରରେ ଗଭୀର ସମୁଦ୍ରରେ ତାଲିମ ନେଉଛନ୍ତି ବୋଲି ଇଣ୍ଟେଲିଜେନ୍ସ ରିପୋର୍ଟ ଜଣାଇଛି। ଏବେ ଭାରତୀୟ ବୁଡ଼ାଜାହାଜ ବର୍ଗରେ ଆଇଏନ୍‌ଏସ୍ ଆରିହନ୍ତ ଓ ଆଇଏନ୍‌ଏସ୍ ଆରିଘାଟ୍ ସାମିଲ ହୋଇଛି। ଏହି ଦୁଇ ବୁଡ଼ାଜାହାଜରୁ ବାଲିଷ୍ଟିକ୍ ମିଶାଇଲ ଛଡ଼ାଯାଇପାରିବ। ଏବେ ଏହି ଦୁଇ ବୁଡ଼ାଜାହାଜ ସମେତ ରୁଷ ନିର୍ମିତ ଆଇଏନ୍‌ଏସ୍ ଚକ୍ର ବିଶାଖାପଟନମ୍ ନୌସେନା ଘାଟିରେ ସୁରକ୍ଷିତ ଅଛନ୍ତି। ଭାରତୀୟ ନୌସେନା ଘାଟିଗୁଡ଼ିକ ଆଲର୍ଟ କରି ଦିଆଯାଇଛି। ଅବଶ୍ୟ ଭାରତର ବନ୍ଦର ଓ ନୌସେନା ଭେଦ କରିବା ଆତଙ୍କବାଦୀଙ୍କ ପକ୍ଷେ ସମ୍ଭବ ନୁହେଁ। ଏକାଧିକ ସୁରକ୍ଷା ବ୍ୟବସ୍ଥା ଭେଦ କରିବାକୁ ହେବ। କେବଳ ସେତିକି ନୁହେଁ, ଗଭୀର ସମୁଦ୍ରରେ ବୁଡାଳୀମାନଙ୍କ ଉପରେ ସତର୍କ ନଜର ରଖିବା ପାଇଁ ସୁବ୍ୟବସ୍ଥା ଗ୍ରହଣ କରାଯାଇଛି।

### ସାବରିମାଳା ମନ୍ଦିର ସମ୍ପର୍କରେ ସୁପ୍ରିମ୍‌କୋର୍ଟଙ୍କ ରାୟ

## ମହିଳାଙ୍କୁ ପ୍ରବେଶ ଅନୁମତି ଦିଆଯାଉ

**ନୂଆଦିଲ୍ଲୀ :** ପୂଜାର୍ଚ୍ଚନା ମହିଳାଙ୍କ ସାମ୍ବିଧାନିକ ଅଧିକାର। ଏଥିପାଇଁ ମହିଳାଙ୍କୁ ଆଇନର ଅନୁମତି ଆବଶ୍ୟକ ନାହିଁ। ଯେଉଁଠିକୁ ଜଣେ ପୁରୁଷ ଯାଇପାରିବ, ସେଠିକୁ ଜଣେ ମହିଳା ମଧ୍ୟ ଯାଇପାରିବ। ଜଣେ ପୁରୁଷ ପ୍ରତି ଯେଉଁ ଆଇନ ଲାଗୁ ଜଣେ ମହିଳାଙ୍କ ପ୍ରତି ମଧ୍ୟ ସେହି ଆଇନ ଲାଗୁ। କେରଳର ସାବରିମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶ ସଂପର୍କୀତ ମାମଲାର ଶୁଣାଣି କରୁଥିବା ଅବସରରେ ଏହି ମନ୍ତବ୍ୟ ଦେଇଛନ୍ତି ନିଜେ ପ୍ରଧାନ ବିଚାରପତି ଦୀପକ ମିଶ୍ର। ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଖଣ୍ଡପୀଠ ଏହି ଖଣ୍ଡପୀଠର ଅନ୍ୟ ସଦସ୍ୟମାନେ ହେଲେ ବିଚାରପତି ଆରଏଫ ନରିମାନ, ଏଏମ ଖାନୱିଲକର, ଡିୱାଇ ଚନ୍ଦ୍ରଚୂଡ଼ ଏବଂ ଇନ୍ଦୁ ମାଲହୋତ୍ରା। ପ୍ରଥା ଓ ପରମ୍ପରା ଅନୁସାରେ ସାବରିମାଳା ମନ୍ଦିର ଭିତରକୁ ୧୦ରୁ ୫୦ ବର୍ଷ ବୟସର ମହିଳାଙ୍କ ପ୍ରବେଶ ନିଷିଦ୍ଧ ରହିଛି। ଏହାକୁ ଭିତ୍ତି କରି କେରଳ ହିନ୍ଦୁ ସାର୍ବଜନୀନ ଉପାସନାପୀଠ (ଅଧିକରଣ ଓ ପ୍ରବେଶ) ଆଇନ ୧୯୬୫ ପ୍ରଣୟନ କରାଯାଇଛି। ଏହି ଆଇନର ନିୟମ ୩(ଖ) ଅନୁସାରେ ସାବରିମାଳା ମନ୍ଦିର ଭିତରକୁ ୧୦ରୁ ୫୦ ବର୍ଷ ବୟସର ମହିଳାଙ୍କ ପ୍ରବେଶ ନିଷିଦ୍ଧ କରାଯାଇଛି। ଏହା ମହିଳାମାନଙ୍କର ମୌଳିକ ଅଧିକାର କ୍ଷୁଣ୍ଣ କରୁଛି ବୋଲି କୋର୍ଟରେ ଯୁକ୍ତି ଉପସ୍ଥାପନ କରିଛନ୍ତି ବିଶିଷ୍ଟ ଆଇନଜୀବୀ ଇନ୍ଦିରା ଜୟସିଂହ। ଶୁଣାଣି ସମୟରେ ବିଚାରପତି ଚନ୍ଦ୍ରଚୂଡ଼ କହିଥିଲେ ଯେ ସାବରିମାଳା ମନ୍ଦିର ପ୍ରବେଶ କଟକଣା ସମ୍ବିଧାନର ୧୭ ଧାରା ବା ଅସ୍ପୃଶ୍ୟତା ବିରୋଧୀ ଅଧିକାର ଅଧୀନରେ ଆସୁ ନାହିଁ। ଏହା ସମ୍ବିଧାନର ୨୫(୨)(ଖ) ଅଧୀନସ୍ଥ ‘ସବୁ ବର୍ଗ ଓ ସଂପ୍ରଦାୟ’ ବ୍ୟବସ୍ଥା ଭିତରେ ଆସୁଛି। ଏ ସଂପର୍କରେ ଜୟସିଂହ କହିଥିଲେ, ଋତୁସ୍ରାବ ହେଉଥିବା ମହିଳାମାନଙ୍କୁ ସାବରିମାଳା ମନ୍ଦିରର ପ୍ରଥା ଅନୁସାରେ ପ୍ରଦୂଷଣକାରୀ ବୋଲି ବିବେଚନା କରାଯାଇଛି। ମନ୍ଦିର ପ୍ରଶାସକଙ୍କ ଯୁକ୍ତି ଅନୁସାରେ ଏ ପ୍ରକାର ନିଷେଧାଦେଶ ଧର୍ମ ଅନୁସାରେ ଜାରି ହୋଇନାହିଁ, ପରମ୍ପରା ଅନୁସାରେ ଜାରି ହୋଇଛି। ଏ ସଂପର୍କରେ ପ୍ରଧାନ ବିଚାରପତି ଜଷ୍ଟିସ୍ ମିଶ୍ର କହିଥିଲେ, ଯେଉଁଠିକୁ ଜଣେ ପୁରୁଷ ଯାଇପାରିବ, ସେଠିକୁ ଜଣେ ମହିଳା ମଧ୍ୟ ଯାଇପାରିବ। ଯାହା ପୁରୁଷଙ୍କ ପ୍ରତି ପ୍ରଯୁଜ୍ୟ ତାହା ମହିଳାଙ୍କ ପାଇଁ ପ୍ରଯୁଜ୍ୟ।

## ଶପଥ ନେଲେ ରଘୁନାଥ ଓ ସୋନାଲ୍

**ନୂଆଦିଲ୍ଲୀ :** ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହୋଇଥିବା ବେଳେ ରାଷ୍ଟ୍ରପତିଙ୍କ ଦ୍ୱାରା ରାଜ୍ୟସଭାକୁ ମନୋନୀତ ୪ଜଣ ସଦସ୍ୟ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି। ସେମାନଙ୍କ ମଧ୍ୟରୁ ଓଡ଼ିଶାର ବିଶିଷ୍ଟ ସ୍ଥପତି ରଘୁନାଥ ମହାପାତ୍ର ଓ ପ୍ରଖ୍ୟାତ ନୃତ୍ୟାଙ୍ଗନା ସୋନାଲ ମାନସିଂହ ଅଛନ୍ତି। ଶପଥ ନେବା ପରେ ଶ୍ରୀ ମହାପାତ୍ର ନିଜ ପ୍ରତିକ୍ରିୟାରେ କହିଲେ ଯେ ଓଡ଼ିଶାରେ ଦ୍ୱିତୀୟ କୋଣାର୍କ ନିର୍ମାଣ ପାଇଁ ତାଙ୍କର ରହିଥିବା ଏକମାତ୍ର ସ୍ୱପ୍ନକୁ ସାକାର କରିବା କ୍ଷେତ୍ରରେ ଏବେ ସେ ଅଧିକ ପ୍ରୟାସ କରିବେ। ଶ୍ରୀମତୀ ମାନସିଂହ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ରାଷ୍ଟ୍ରପତି ତାଙ୍କୁ ଯେଉଁ ଉଦ୍ଦେଶ୍ୟରେ ମନୋନୀତ କରିଛନ୍ତି ତାକୁ ପୂରଣ କରିବା ପାଇଁ ସେ କଳାର ସମାଗ୍ରୀକ ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବେ।

## ପଞ୍ଜୀକରଣ ହେବ ରାଜ୍ୟରେ ପ୍ରତିଷ୍ଠିତ ଶିଶୁ ଥଇଥାନ କେନ୍ଦ୍ର

**ନୂଆଦିଲ୍ଲୀ :** ଦେଶରେ ମିଶନାରୀଜ୍ ଚାରିଟୀ ପରିଚାଳିତ ଶିଶୁ ଥଇଥାନ୍ କେନ୍ଦ୍ରଗୁଡ଼ିକ ଅନୁଧ୍ୟାନ କରିବାକୁ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଜୁଲାଇ ୫ ତାରିଖରେ ପୁଲିସ୍ ଝାଡ଼ଖଣ୍ଡର ରାଞ୍ଚିରେ ମିଶନାରୀଜ୍ ଚାରିଟୀ ଅଧିନସ୍ଥ ଏକ ସଂସ୍ଥା ପରିଚାଳିତ ଶିଶୁ ଥଇଥାନ କେନ୍ଦ୍ରର କର୍ମଚାରୀ ଗୋଟିଏ ଶିଶୁକୁ ଲକ୍ଷେ ୨୦ ହଜାର ଟଙ୍କାରେ ବିକିଥିବା ଅଭିଯୋଗରେ ଗିରଫ କରିଥିଲା। ଏହି ମାମଲା ସାମ୍ନାକୁ ଆସିବା ପରେ ସରକାରୀ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟରେ ପ୍ରତିଷ୍ଠିତ ପ୍ରତ୍ୟେକ ଶିଶୁ ଥଇଥାନ କେନ୍ଦ୍ରଗୁଡ଼ିକୁ ଗୋଟିଏ ମାସ ମଧ୍ୟରେ ପଞ୍ଜୀକରଣ କରି କେନ୍ଦ୍ରକୁ ଜଣାଇବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଛି। ଜୁଭେନାଇଲ୍ ଜଷ୍ଟିସ୍ (ଯତ୍ନ ଓ ଶିଶୁ ଅଧିକାର ସୁରକ୍ଷା) ଆଇନ୍ ୨୦୧୫ ଅନୁସାରେ ପ୍ରତ୍ୟେକ ଶିଶୁ ଥଇଥାନ୍ କେନ୍ଦ୍ରର ପଞ୍ଜୀକରଣ ହେବା ଜରୁରୀ। ପଞ୍ଜୀକରଣ ସମ୍ପର୍କରେ ବିଶଦ ତଥ୍ୟ ସେଣ୍ଟ୍ରାଲ ଆଡପ୍‌ସନ୍ ରିସୋର୍ସ ଅଥରିଟୀ(ସିଏଆରଏ)ଙ୍କୁ ପ୍ରଦାନ କରିବା ବାଧ୍ୟତାମୂଳକ। କିନ୍ତୁ ଦେଖାଯାଇଛି, କିଛି ଅନାଥ ଶିଶୁ ଥଇଥାନ କେନ୍ଦ୍ର ଏହି ଆଇନ୍‌କୁ ଉଲ୍ଲଂଘନ କରିଛନ୍ତି। ଝାଡ଼ଖଣ୍ଡରେ ଘଟିଥିବା ଏହି ଦୁଃଖଦ ଘଟଣା ପରେ କେନ୍ଦ୍ର ସରକାର ସବୁ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଶିଶୁ ଥଇଥାନ କେନ୍ଦ୍ରର ହିସାବ ଲୋଡ଼ିଛନ୍ତି। ଶିଶୁ ଥଇଥାନ କେନ୍ଦ୍ରରେ ପିଲାଙ୍କୁ ଉପଯୁକ୍ତ ଯତ୍ନ ମିଳୁଛି କି ନା’, ସେମାନଙ୍କ ସୁବିଧା ଅସୁବିଧା ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ଉଲ୍ଲେଖ ରହିଛି। ରାଞ୍ଚିସ୍ଥିତ ଅନାଥ ଆଶ୍ରମରେ ତିନିଜଣ ପିଲାଙ୍କୁ ବିକ୍ରି କରିଥିବା ଅଭିଯୋଗ ହୋଇଛି। ଗତବର୍ଷ ଡିସେମ୍ବରେ ସୁଦ୍ଧା ଦେଶରେ ୨୩୦୦ ଶିଶୁ ଥଇଥାନ କେନ୍ଦ୍ର କାର୍ଯ୍ୟ କରୁଥିବା ନେଇ ସିଏଆରଏଙ୍କ ନିକଟରେ ତଥ୍ୟ ଅଛି। ଆହୁରି ୪୦୦୦ରୁ ଅଧିକ ଶିଶୁ ଥଇଥାନ କେନ୍ଦ୍ର ଲିଙ୍କ୍ ଅପେକ୍ଷାରେ ଅଛନ୍ତି। ସିଏଆରଏଙ୍କ ମନ୍ଥର କାର୍ଯ୍ୟରେ ମନ୍ତ୍ରୀ ମାନେକା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନ୍ୟାସନାଲ୍ କମିଶନ୍ ଫର୍ ପ୍ରୋଟେକ୍ସନ୍ ଅଫ୍ ଚାଇଲ୍ଡ ରାଇଟ୍‌ସ (ଏନ୍‌ସିପିସିଆର୍) ତଥ୍ୟ ଅନୁଯାୟୀ ଦେଶରେ ପ୍ରତିଷ୍ଠିତ ପଞ୍ଜୀକୃତ ଓ ଅଣପଞ୍ଜୀକୃତ ଅନାଥ ଆଶ୍ରମରେ ପିଲାଙ୍କ ସଂଖ୍ୟା ୨ ଲକ୍ଷ ୩୩ ହଜାର ଟପିଛି।

## ନିର୍ବାଚନ ଶେଷ ପର୍ଯ୍ୟନ୍ତ ଜେଲ୍‌ରେ ସରିଫ୍ ଓ ମରିୟମ୍



**ଇସ୍‌ଲାମାବାଦ :** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫ୍, ତାଙ୍କ କନ୍ୟା ମରିୟମ୍ ଓ ଜ୍ୱାଇଁ କ୍ୟାପ୍‌ଟେନ୍ (ଅବସରପ୍ରାପ୍ତ) ମହମ୍ମଦ ସଫ୍‌ଦର୍ ନିର୍ବାଚନ ସରିବା ପର୍ଯ୍ୟନ୍ତ ଜେଲ୍‌ରେ ରହିବେ। ସେମାନଙ୍କ ପକ୍ଷରୁ ଇସ୍‌ଲାମାବାଦ ହାଇକୋର୍ଟରେ କରାଯାଇଥିବା ଅପିଲ୍ ଉପରେ ହାଇକୋର୍ଟ ଶୁଣାଣିକୁ ଜୁଲାଇ ଶେଷ ସପ୍ତାହ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ଆସନ୍ତା ୨୫ରେ ଦେଶରେ ସାଧାରଣ ନିର୍ବଚନ ହେବାକୁ ଯାଉଥିଲା ବେଳେ ଲଣ୍ଡନର ଆଭେନ୍‌ଫିଲ୍ଡ ହାଉସ୍ ମାମଲାରେ ଏମାନେ ଦୋଷୀ ସାବ୍ୟସ୍ତ ହୋଇ ଏବେ ରାୱଲପିଣ୍ଡିର ଆଦିଆଲା ଜେଲ୍‌ରେ ଅଛନ୍ତି। ଜଷ୍ଟିସ୍ ମହସିନ୍ ଅଖ୍‌ତାର୍ କୟାନି ଓ ଜଷ୍ଟିସ୍ ମିଆଁଗୁଲ୍ ହାସନ୍ ଔରଙ୍ଗଜେବ୍‌ଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଅପିଲ୍‌ର ଶୁଣାଣି କଲାବେଳେ ନ୍ୟାସ୍‌ନାଲ୍ ଆକାଉଣ୍ଟିବିଲିଟି ବ୍ୟୁରୋକୁ ନୋଟିସ୍ ଜାରି କରିଛନ୍ତି ଏବଂ ମାମଲାର ରେକର୍ଡ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ପାଇଁ ଜୁଲାଇ ୨୫ ଛୁଟି ଦିବସ ହୋଇଥିବାରୁ ଏହା ପରେ ଶୁଣାଣି କରାଯିବ। ତେଣୁ ନୱାଜ୍ କିମ୍ବା କନ୍ୟା ମରିୟମ ନିର୍ବାଚନ ପ୍ରଚାର କରିପାରିବେ ନାହିଁ। ନ୍ୟାସ୍‌ନାଲ୍ ଆକାଉଣ୍ଟିବିଲିଟି କୋର୍ଟ ଏହି ୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ନୱାଜଙ୍କୁ ୧୦ ବର୍ଷ, ମରିୟମ୍‌ଙ୍କୁ ୭ ବର୍ଷ ଓ ସଫ୍‌ଦର୍‌ଙ୍କୁ ୧ ବର୍ଷ ଜେଲ୍ ଦଣ୍ଡାଦେଶ କରିଛନ୍ତି। ଏହା ବିରୋଧରେ ସରିଫ୍‌ଙ୍କ ଓକିଲ ଖ୍ୱାଜା ହାରିସ୍ ହାଇକୋର୍ଟରେ ଅପିଲ କରିଥିଲା ବେଳେ ମରିୟମ୍ ଓ ତାଙ୍କ ସ୍ୱାମୀଙ୍କ ପକ୍ଷରୁ ଅପିଲ୍ କରିଛନ୍ତି ଅମ୍‌ଜାଦ୍ ପରଭେଜ୍।

## ‘ଲିଚିଂ’ ରୋକିବାକୁ ନୂଆ ଆଇନ୍ ଉପରେ ଗୁରୁତ୍ୱାରୋପ

**ନୂଆଦିଲ୍ଲୀ :** ଦେଶରେ ତଥାକଥିତ ଗୋରକ୍ଷା ନାଁରେ ଯେଭଳି ଅରାଜକତା ଚାଲିଛି ଏବଂ ଉତ୍ୟକ୍ତ ଲୋକେ ଗୁଜବରେ ମାତି ନିରୀହ ଲୋକଙ୍କୁ ପିଟି ପିଟି ମାରିଦେଉଛନ୍ତି, ସେଭଳି ‘ମବ୍ ଲିଞ୍ଚିଂ’ ଘଟଣାକୁ ରୋକିବା ଲାଗି ନୂଆ ଆଇନ ପ୍ରଣୟନ କରାଯିବାକୁ ସୁପ୍ରିମକୋର୍ଟ ପାର୍ଲାମେଣ୍ଟକୁ କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ରଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଦେଶରେ ସଦ୍ୟ ଘଟିଥିବା କେତେକ ଲିଞ୍ଚିଂ ମାମଲା ଉପରେ ଶୁଣାଣି ବେଳେ କହିଛନ୍ତି, ‘ନାଗରିକମାନେ କଦାପି ଆଇନକୁ ନିଜ ହାତକୁ ନେଇପାରିବେ ନାହିଁ କିମ୍ବା ନିଜ ମନଇଚ୍ଛା ଆଇନ କାର୍ଯ୍ୟକାରୀ କରିପାରିବେ ନାହିଁ। କିଛି ଲୋକ ଯେଭଳି ମାତିଉଠୁଛନ୍ତି ଏବଂ ନିରୀହ ଲୋକଙ୍କୁ ମାରପିଟ୍ କରିବା ସହ ଜୀବନରୁ ମାରି ଦେଉଛନ୍ତି, ତାହା କଦାପି କରିବାକୁ ଦିଆଯିବ ନାହିଁ। ଏ ପ୍ରକାର ବିଶୃଙ୍ଖଳାକୁ ଦୃଢ଼ ହସ୍ତରେ




ଦମନ କରିବାକୁ ପଡ଼ିବ।’ ଏହି ଖଣ୍ଡପୀଠର ବିଚାରପତିମାନେ ହେଲେ ଜଷ୍ଟିସ୍ ଏଏମ୍ ଖାନ୍‌ୱିଲ୍‌କର ଓ ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼। ଖଣ୍ଡପୀଠ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇ ପରବର୍ତ୍ତୀ ଶୁଣାଣି ପାଇଁ ଅଗଷ୍ଟ ୨୮କୁ ତାରିଖ ଧାର୍ଯ୍ୟ କରିଛନ୍ତି। ପୂର୍ବରୁ ସୁପ୍ରିମ୍‌କୋର୍ଟ ଏଭଳି ଲିଞ୍ଚିଂ ମାମଲାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକୁ ଏ ସମ୍ପର୍କରେ ସେମାନଙ୍କ ଦାୟିତ୍ୱ ବିଷୟରେ ସଚେତନ କରାଇ ରାୟ ସଂରକ୍ଷିତ ରଖିଥିଲେ। ଗତ ବର୍ଷ ସେପ୍ଟେମ୍ବର ୬ରେ ସର୍ବୋଚ୍ଚ ଅଦାଲତ ସମସ୍ତ ରାଜ୍ୟକୁ ଗୋରକ୍ଷା ନାଁରେ ଚାଲିଥିବା ହିଂସାକାଣ୍ଡ ତୁରନ୍ତ ରୋକିବା ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା ଏଭଳି ହିଂସାକାଣ୍ଡ ରୋକିବା ପାଇଁ ପ୍ରତି ଜିଲ୍ଲାରେ ଏକ ସପ୍ତାହ ମଧ୍ୟରେ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତି ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିନଥିବାରୁ ଏ ସଂକ୍ରାନ୍ତରେ ଆଗତ କୋର୍ଟ ଅବମାନନା ସମ୍ପର୍କିତ ଆବେଦନ ଉପରେ ସର୍ବୋଚ୍ଚ ଅଦାଲତ ରାଜସ୍ଥାନ, ହରିଆଣା ଓ ଉତ୍ତରପ୍ରଦେଶ ସରକାରଙ୍କୁ ଜବାବ ମାଗିଥିଲେ।

# ଫ୍ଲିପ୍‌କାର୍ଟ-ଆମାଜନ୍‌କୁ ଝଟ୍‌କା ଦେବ ଗୁଗୁଲ୍

**ନୂଆଦିଲ୍ଲୀ :** ଫ୍ଲିପକାର୍ଟ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଆମାଜନ୍ ପରି ପ୍ରମୁଖ ଅନ୍‌ଲାଇନ୍ ଶପିଂ ବା ଇ-କମର୍ସ କମ୍ପାନୀଙ୍କୁ ଝଟ୍‌କା ଲାଗିଛି। କାରଣ ସମଗ୍ର ବିଶ୍ୱରେ ସର୍ବାଧିକ ବ୍ୟବହାର ହେଉଥିବା ସର୍ଚ୍ଚ ଇଞ୍ଜିନ୍ ଗୁଗଲ ଆଣୁଛି ଏଭଳି ଏକ ପ୍ଲାଟଫର୍ମ। ବେଶ୍ କିଛି ପ୍ଲାଟଫର୍ମରେ ସଫଳ ହୋଇସାରିଥିବା ଗୁଗଲର ଏହି ପ୍ରୟାସକୁ ଗୁରୁତର ଧମକ ଭାବେ ବିଚାର କରିଛନ୍ତି ଅନ୍ୟ ସମସ୍ତ ଅନ୍‌ଲାଇନ୍ ଶପିଂ କମ୍ପାନୀ ଯାହାକି ଗୁଗଲରେ ସେମାନଙ୍କ ବିଜ୍ଞାପନ ସଂଖ୍ୟା କମିବାରୁ ସ୍ପଷ୍ଟ ଜଣାପଡୁଛି। ପୂର୍ବରୁ ଗୁଗଲର ବିଭିନ୍ନ ପ୍ଲାଟଫର୍ମ, ବିଶେଷକରି ୟୁଟ୍ୟୁବ୍‌ରେ ପ୍ରାୟତଃ ଆମାଜନ୍‌ର ବିଜ୍ଞାପନ ଦେଖିବାକୁ ମିଳୁଥିଲା। ଯାହାକି ହଠାତ କମିଯିବା ଏହି ଅବଶ୍ୟମ୍ଭାବୀ ଫାଟକୁ ସ୍ପଷ୍ଟ କରିସାରିଛି। ଗତ ବର୍ଷ ଉଭୟ ଅନ୍‌ଲାଇନ୍ ଶପିଂ କମ୍ପାନୀ ଗୁଗଲରେ ଶହଶହ କୋଟି ଟଙ୍କାର ବିଜ୍ଞାପନ ଦେଉଥିଲେ। କିନ୍ତୁ ଗତ କିଛି ମାସ ହେଲା ସେମାନେ ଅନ୍ୟ ବିକଳ୍ପ ଖୋଜିବା ଆରମ୍ଭ କରିସାରିଛନ୍ତି। ତୁଳନାତ୍ମକଭାବେ ଦେଖିବାକୁ ଗଲେ ଏଥିରେ ୩୦ ପ୍ରତିଶତ ହ୍ରାସ ହୋଇସାରିଲାଣି ଯାହାକି ଆଗକୁ ଆହୁରି କମିବ। ଏହାର କଳେବର ନେଇ କିଛି ସ୍ପଷ୍ଟ ଜଣା ପଡ଼ିନଥିଲେ ମଧ୍ୟ ଗୁଗଲ ଟେକ୍ନୋଲୋଜି ଦୃଷ୍ଟିରୁ ଯଥେଷ୍ଟ ଆଗରେ ଏବଂ ଇ-କମର୍ସ ବ୍ୟବସ୍ଥାର ପ୍ରଚାର ପ୍ରସାର ପାଇଁ ଯଥେଷ୍ଟ ସୁଯୋଗ ରହିଥିବାରୁ ସଫଳତା ମିଳିବା ପ୍ରାୟ ସୁନିଶ୍ଚିତ। ଏସବୁ ବାଦ ଗୁଗଲର ପ୍ରଚାର ପାଇଁ ଏହାର ନାମ ଯଥେଷ୍ଟ। ଯଦିଓ ଅର୍କୁଟ୍ ପରେ ସୋସିଆଲ ମିଡିଆରେ ଏତେଟା ସଫଳତା ମିଳିନାହିଁ, ଅନ୍ୟ ସମସ୍ତ ଆପ୍ଲିକେସନ୍ ଓ ୱେବ୍




ପ୍ଲାଟଫର୍ମର ପ୍ରଚାର ପାଇଁ ଗୁଗଲ୍‌ର ଗୁଡ୍ ୱିଲକୁ ହିଁ ଶ୍ରେୟ ଯାଏ। ଆମେରିକାରେ ପୂର୍ବରୁ ବୃହତ ପରିମାଣର ବିଜ୍ଞାପନ ଗୋଟାଉଥିବାରୁ ଗୁଗଲ ପାଇଁ ଏହି ଯୁଦ୍ଧ ସାମନ୍ୟ ହେବ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗ୍ରାହକମାନେ କିଛି ମଧ୍ୟ ଉତ୍ପାଦ କିଣିବା ପାଇଁ ଗୁଗଲରେ ସର୍ଚ୍ଚ କରିବା ବଦଳରେ ଆମାଜନ୍‌ରେ ହିଁ ସିଧାସଳଖ ସର୍ଚ୍ଚ କରୁଛନ୍ତି। ଏହି ପ୍ରକ୍ରିୟାକୁ ଆମାଜନ୍ ଆପ୍ଲିକେସନ୍ ଆହୁରି ସହଜ କରିଦେଇଥିବାରୁ ଏହା ଗୁଗଲର ମୂଳ ବ୍ୟବସାୟ ଡିଜିଟାଲ ମାର୍କେଟିଂ ପାଇଁ ମଧ୍ୟ ବିପଦ ହୋଇଛି। ଭାରତରେ ଗୁଗଲ ହିଁ ବିଜ୍ଞାପନ କ୍ଷେତ୍ରରେ ଅଗ୍ରଣୀ କମ୍ପାନୀ ଏହା ପରକୁ ଫେସବୁକ୍ ଏବଂ ତୃତୀୟ ସ୍ଥାନରେ ରହିଛି ଘରୋଇ ଅନ୍‌ଲାଇନ୍ ଶପିଂ କମ୍ପାନୀ ଫ୍ଲିପକାର୍ଟ। ଆଗାମୀ ମାର୍ଚ୍ଚ ସୁଦ୍ଧା ଫ୍ଲିପକାର୍ଟ ୨୦ କୋଟି ଡଲାରର ବ୍ୟବସାୟ ଟାର୍ଗେଟ୍ ରଖିଥିବାବେଳେ ଆମାଜନ୍ ମଧ୍ୟ ଏହି କ୍ଷେତ୍ରରେ ବେଶ ପ୍ରୟାସ ଆରମ୍ଭ କରିଛି। ପେଟିଏମ୍ ମଲ୍ ଏଯାଏ ଅନ୍‌ଲାଇନ୍ ଶପିଂ କ୍ଷେତ୍ରରେ ସଫଳ ହୋଇପାରିନାହିଁ। ତେଣୁ ଗୁଗଲର ଯୋଜନା କେତେଦୂର ସଫଳ ହେବ ତାହା ଅନିଶ୍ଚିତ ହେଲେ ହେଁ ତାର ବିଶ୍ୱସ୍ତରରେ ଉପସ୍ଥିତି ଅନ୍ୟମାନଙ୍କୁ ଝଟ୍‌କା ଦେବା ନିଶ୍ଚିତ।

# ୧୦୧ ବ୍ଲକ୍‌ରେ ପହଞ୍ଚିଲା 'ଆମ ଗାଁ ଆମ ବିକାଶ'

**ଭୁବନେଶ୍ୱର :** 'ଆପଣଙ୍କ ଗାଁର ଉନ୍ନତି ପାଇଁ ଆପଣମାନେ ପଠାଇଥିବା ପ୍ରକଳ୍ପକୁ ମୁଁ ମଞ୍ଜୁର କରିଛି। ଆପଣମାନେ ଖୁସି ତ?' ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଏହି ପ୍ରଶ୍ନର ଉତ୍ତରରେ ସମବେତ ହଜାର ହଜାର ଗ୍ରାମବାସୀମାନେ ଏକସ୍ୱରରେ କହି ଉଠିଥିଲେ 'ହଁ, ଆମେ ବହୁତ ଖୁସି।' ମୁଖ୍ୟମନ୍ତ୍ରୀ କହିଥିଲେ, 'ଏ ଟଙ୍କା ଆପଣମାନଙ୍କର, ଓଡ଼ିଶାବାସୀଙ୍କର। ଆପଣମାନେ ଭଲ କାମ କରନ୍ତୁ ଓ ଶୀଘ୍ର କାମ କରନ୍ତୁ।' ମୁଖ୍ୟମନ୍ତ୍ରୀ ଓ ଗାଁର ଲୋକମାନଙ୍କ ମଧ୍ୟରେ ଭିଡିଓ କନଫରେନ୍ସିଂ ଜରିଆରେ ହୋଇଥିବା ଏହି ଆଲୋଚନା ସମସ୍ତଙ୍କୁ ଉତ୍ସାହିତ କରିଥିଲା। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସେମାନଙ୍କ ନିକଟରେ ପାଇ ଲୋକଙ୍କର ଆନନ୍ଦ ବେଶ୍ ବାରି ହୋଇଯାଉଥିଲା। ଏହି କାର୍ଯ୍ୟକ୍ରମରେ ୬ଟି ଜିଲ୍ଲାର ୬ଟି ବ୍ଲକ୍‌ର ୧୪୭ଟି ପଞ୍ଚାୟତର ଗ୍ରାମବାସୀ ଭାଗ ନେଇଥିଲେ। ଗଞ୍ଜାମର ଧରାକୋଟ ବ୍ଲକ୍ ଥିଲା ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମର ୧୦୦ତମ ବ୍ଲକ୍। ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ୧୦୧ଟି ବ୍ଲକ୍‌ରେ ପହଞ୍ଚିଛି।



୨୧,୯୬୦ଟି ପ୍ରକଳ୍ପ ପାଇଁ ୫୪୭ କୋଟି ୭୪ ଲକ୍ଷ ୧୫ ହଜାର ୪୦୦ ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ଗ୍ରାମାଞ୍ଚଳର ସର୍ବାଙ୍ଗୀନ ତଥା ବହୁମୁଖୀ ବିକାଶ ଲକ୍ଷ୍ୟ ନେଇ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଗାଁ ଓ ସହର ମଧ୍ୟରେ ଦୂରତାକୁ ହ୍ରାସ କରି ବିକାଶର କେନ୍ଦ୍ର ଭାବରେ ଗାଁକୁ ଗଢ଼ି ତୋଳିବା ପାଇଁ ଏହି କାର୍ଯ୍ୟକ୍ରମ ଗତ ୫ ମାସ ମଧ୍ୟରେ ବେଶ୍ ଲୋକପ୍ରିୟ ହୋଇପାରିଛି। ବିକାଶଧାରାରେ ନିଜକୁ ସାମିଲ କରିବା ପାଇଁ ଲୋକମାନଙ୍କ ମଧ୍ୟରେ ଏକ ସୁଯୋଗ ମଧ୍ୟ ସୃଷ୍ଟି କରିପାରିଛି। ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କ ପାଇଁ ହେଉଥିବା ଏହି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳରେ ଭିତ୍ତିଭୂମିର ବିକାଶକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଓଡ଼ିଶାକୁ ଦେଶର ଏକ ନମ୍ବର ରାଜ୍ୟ କରିବା ପାଇଁ ଗାଁର ବିକାଶ ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରି ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ଏବଂ ଏହା ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ମୂଳମନ୍ତ୍ର ଥ୍ରୀ-ଟିର ଏକ ସଫଳ ଉଦାହରଣ ହୋଇପାରିଛି। ଏଥିରେ ଟ୍ରାନ୍ସପ୍ୟାରେନ୍ସି, ଟିମ୍ ୱାର୍କ ଓ ଟେକ୍ନୋଲୋଜିର ପ୍ରତିଫଳନ ହୋଇପାରିଛି। ପ୍ରଯୁକ୍ତି ବିଦ୍ୟା ଦ୍ୱାରା ସେ ଗାଁ ଲୋକଙ୍କ ପାଖରେ ପହଞ୍ଚି ପାରୁଥିବା ବେଳେ ଗାଁର ବିକାଶ ପାଇଁ ସବୁ ଲୋକ ଗୋଟିଏ ଜାଗାରେ ଏକାଠି ହେବା ହେଉଛି ଟିମ୍ ୱାର୍କର ପ୍ରତୀକ। ଆଗରୁ ଗାଁକୁ ଆସୁଥିବା ଟଙ୍କା ବିଷୟରେ ମାତ୍ର କିଛି ଲୋକ ଜାଣିପାରୁଥିବା ବେଳେ ଏବେ ମଞ୍ଜୁର ହେଉଥିବା ସବୁ ପ୍ରକଳ୍ପକୁ ହଜାର ହଜାର ଲୋକ ଏକ ସମୟରେ ଜାଣିପାରୁଛନ୍ତି। ଏହା ହେଉଛି ଟ୍ରାନ୍ସପ୍ୟାରେନ୍ସି ବା ସ୍ୱଚ୍ଛତାର ପ୍ରତୀକ। ତେଣୁ ଏହି କାର୍ଯ୍ୟକ୍ରମ ଥ୍ରୀ-ଟି ମନ୍ତ୍ରର ଶ୍ରେଷ୍ଠ ନିଦର୍ଶନ ହୋଇପାରିଛି। ମୁଖ୍ୟମନ୍ତ୍ରୀ ତରଭା ବ୍ଲକ୍‌ର ୨୧ଟି ପଞ୍ଚାୟତ ପାଇଁ ୩.୫୯ କୋଟି ଟଙ୍କାରେ ୧୪୧ଟି ପ୍ରକଳ୍ପ, ବସ୍ତା ବ୍ଲକ୍‌ର ୩୧ଟି ପଞ୍ଚାୟତ ପାଇଁ ୭.୧୫ କୋଟି ଟଙ୍କାରେ ୩୨୩ଟି ପ୍ରକଳ୍ପ, ବଅଁରପାଳ ବ୍ଲକ୍‌ର ୩୫ଟି ପଞ୍ଚାୟତ ପାଇଁ ୮.୭୯ କୋଟି ଟଙ୍କାରେ ୩୧୭ଟି ପ୍ରକଳ୍ପ, ଆଗଲପୁର ବ୍ଲକ୍‌ର ୨୦ଟି ପଞ୍ଚାୟତ ପାଇଁ ୫.୨୫ କୋଟି ଟଙ୍କାରେ ୨୬୨ଟି ପ୍ରକଳ୍ପ, ଧରାକୋଟ ବ୍ଲକ୍‌ର ୧୮ଟି ପଞ୍ଚାୟତ ପାଇଁ ୪.୫୦ କୋଟି ଟଙ୍କାରେ ୧୨୬ଟି ପ୍ରକଳ୍ପ ଓ ଝରିଗାଁ ବ୍ଲକ୍‌ର ୨୨ଟି ପଞ୍ଚାୟତ ପାଇଁ ୫.୫୩ କୋଟି ଟଙ୍କାରେ ୨୫୦ଟି ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହିପରି ସମୁଦାୟ ୬ଟି ବ୍ଲକ୍‌ର ୧୪୭ଟି ପଞ୍ଚାୟତ ପାଇଁ ମୁଖ୍ୟମନ୍ତ୍ରୀ ୩୪.୪୫୬ କୋଟି ଟଙ୍କାରେ ୧୪୧୯ଟି ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପରିଷଦର ସଦସ୍ୟ, ସାଂସଦ, ବିଧାୟକ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ, ଜିଲ୍ଲାପାଳ ଓ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଭୁବନେଶ୍ୱର ବର୍ଷାଜଳ ନିଷ୍କାସନ ଚିନ୍ତା

# ନିର୍ମାଣ ହେବ ଭୂତଳ ଡ୍ରେନ୍

**ଭୁବନେଶ୍ୱର :** ଭୁବନେଶ୍ୱର ସହରରେ ବର୍ଷାଜଳ ନିଷ୍କାସନ ପ୍ରଶାସନ ପାଇଁ ଏକ ମୁଖ୍ୟ ସମସ୍ୟା ପାଲଟିଥିବା ବେଳେ ଏହାର ସ୍ଥାୟୀ ସମାଧାନ ନେଇ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ସମସ୍ୟାର ସ୍ୱଳ୍ପସୂତ୍ରୀ ଏବଂ ଦୀର୍ଘସୂତ୍ରୀ ସମାଧାନ ନେଇ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଦୀର୍ଘସୂତ୍ରୀ ସମାଧାନ ଭାବରେ ଇସ୍କନ ମନ୍ଦିର ସାମ୍ନାରେ ଜାତୀୟ ରାଜପଥରେ ଜମୁଥିବା ବର୍ଷାଜଳର ନିଷ୍କାସନ ନିମନ୍ତେ ସିଆରପିଠାରୁ ଜୟଦେବ ବିହାର ଏବଂ ସେଠାରୁ ବାଣୀବିହାର ପର୍ଯ୍ୟନ୍ତ ରାସ୍ତାତଳେ ଡ୍ରେନ୍ ନିର୍ମାଣ କରାଯିବ। ରାଜ୍ୟ ପୂର୍ତ୍ତ ବିଭାଗ ଏହି କାର୍ଯ୍ୟ କରିବ। ଡ୍ରେନ୍ ନିର୍ମାଣ ପାଇଁ ରାଜ୍ୟ ସରକାର ସମସ୍ତ ପାଣ୍ଠି ଯୋଗାଇଦେବେ। ଏନେଇ ତୁରନ୍ତ ଏକ ସ୍ୱତନ୍ତ୍ର ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରି କାର୍ଯ୍ୟ ଆରମ୍ଭ କରିବାକୁ ପୂର୍ତ୍ତ ବିଭାଗ ସଚିବ ନଳିନୀକାନ୍ତ ପ୍ରଧାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ସ୍ୱୀକୃତି ଦେଇଥିବା ମୁଖ୍ୟ ଶାସନ ସଚିବ କହିଛନ୍ତି। ସେହିପରି ଭୁବନେଶ୍ୱରରେ ଥିବା ପ୍ରାକୃତିକ ନାଳଗୁଡ଼ିକର ପୁନରୁଦ୍ଧାର ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ। ସହରରେ ୯ଟି ବଡ଼ ଏବଂ ୩ଟି ଶାଖା ନାଳ ସହିତ ସମୁଦାୟ ୧୨ଟି ପ୍ରାକୃତିକ ନାଳ ରହିଛି। ଏହି ନାଳଗୁଡ଼ିକର କିଛି ଅଂଶ ବର୍ତ୍ତମାନ ଘରୋଇ ଜମି ଦେଇ ଯାଇଛି। ଘରୋଇ ଜମିରେ ଜଳପଥ ଅବରୋଧ ହେତୁ ପାଣି ନିଷ୍କାସନ ହୋଇପାରୁ ନାହିଁ। କେତେକ ଜାଗାରେ ମଧ୍ୟ ବେଆଇନ ଜବରଦଖଲ ହୋଇଛି। ଜବରଦଖଲ ଉଚ୍ଛେଦକୁ କଡ଼ାକଡ଼ି କରାଯିବା ସହିତ ଘରୋଇ ଜମି ବଦଳ ବା ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଆଜି ବୈଠକରେ ନିଷ୍ପତ୍ତି ହୋଇଛି। ସ୍ୱଳ୍ପସୂତ୍ରୀ ସମାଧାନ ଭାବରେ ଫାୟାର ସର୍ଭିସ ସଂସ୍ଥାଙ୍କୁ ଭୁବନେଶ୍ୱର ସହର ପାଇଁ ୨୦ଟି ଉଚ୍ଚ କ୍ଷମତା ସମ୍ପନ୍ନ ଜଳ ନିଷ୍କାସନ ପମ୍ପସେଟ୍ ଯୋଗାଇଦେବା ପାଇଁ କୁହାଯାଇଛି। ରାଜଧାନୀର ଚନ୍ଦକା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଗୌରୀ ନଗର, ଅହଲ୍ୟା ନଗର ଏବଂ ସୌଭାଗ୍ୟ ନଗର ଆଦି ସ୍ଥାନରେ ବର୍ଷା ପାଣି ଜମିରହୁଥିବା ବେଳେ ବର୍ତ୍ତମାନ ସହର ପାଇଁ ୮ଟି ପମ୍ପସେଟ୍ କାର୍ଯ୍ୟକ୍ଷମ ରହିଛି।

# ତେଲେଙ୍ଗାନା ଆଧାରରେ ଓଡ଼ିଶାରେ ଗଠନ ହେବ ବିଧାନପରିଷଦ

**ଭୁବନେଶ୍ୱର :** ତେଲେଙ୍ଗାନା ଆଧାରରେ ଓଡ଼ିଶାରେ ଗଠନ ହେବ ବିଧାନପରିଷଦ। ପରିବହନ ମନ୍ତ୍ରୀ ନୃସିଂହ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଏନେଇ ଗଠିତ ସ୍ୱତନ୍ତ୍ର କମିଟି ବିହାର ଓ ତେଲେଙ୍ଗାନା ଗସ୍ତରୁ ଫେରିବା ପରେ ଏହି ସୂଚନା ମିଳିଛି। କମିଟିର ଅଧ୍ୟକ୍ଷ ଶ୍ରୀ ସାହୁ କହିଛନ୍ତି ଯେ ବିଭିନ୍ନ ରାଜ୍ୟ ଗସ୍ତ କରିବା ପରେ ଖୁବ୍ ଶୀଘ୍ର କମିଟି ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବ। ମୁଖ୍ୟମନ୍ତ୍ରୀ ଏହି ରିପୋର୍ଟକୁ ଅନୁମୋଦନ କରିବା ପରେ ଆସନ୍ତା ମୌସୁମୀ ଅଧିବେଶନ ସମୟରେ ବିଧାନସଭାରେ ଏହା ଉପସ୍ଥାପିତ ହେବ। ତେବେ କମିଟି ପ୍ରଥମେ କର୍ଣ୍ଣାଟକ, ମହାରାଷ୍ଟ୍ର ଗସ୍ତ କରିବା ପରେ ନିକଟରେ ତେଲେଙ୍ଗାନା ଓ ବିହାର ଗସ୍ତ କରି ଫେରିଛି। ସେଠାକାର ବିଧାନପରିଷଦ ଗୁଡ଼ିକର କାର୍ଯ୍ୟଶୈଳୀ ଓ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ଏହି ରାଜ୍ୟରେ ଥିବା ବିଧାନପରିଷଦ ଅଧ୍ୟକ୍ଷମାନଙ୍କ ସହିତ ଆଲୋଚନା କରାଯାଇଛି। ଏହି ସମସ୍ତ ରାଜ୍ୟ ସମ୍ପର୍କିତ ଏକ ତୁଳନାତ୍ମକ ରିପୋର୍ଟ ପ୍ରସ୍ତୁତ କରାଯିବ। ତେବେ ନିକଟରେ ତେଲେଙ୍ଗାନା ଦ୍ୱାରା କରାଯାଇଥିବା ବିଧାନପରିଷଦ ସମ୍ପର୍କିତ ପ୍ରସ୍ତାବ ଓଡ଼ିଶା ପାଇଁ ଉପଯୁକ୍ତ ଏବଂ ଗ୍ରହଣୀୟ ହୋଇପାରିବ ବୋଲି ସେ ଆଶା ପୋଷଣ କରିଛନ୍ତି।

# ୩୧୬ ବାତ୍ୟା ଆଶ୍ରୟସ୍ଥଳୀରେ ହେବ ବଜ୍ରାଘାତ ନିରୋଧ ବ୍ୟବସ୍ଥା

**ଭୁବନେଶ୍ୱର :** ରାଜ୍ୟରେ ୩୪୦ଟି ସ୍ୱୟଂକ୍ରିୟ ପାଣିପାଗ କେନ୍ଦ୍ର ପ୍ରତିଷ୍ଠା ପାଇଁ ଟେଣ୍ଡର୍ ଆହ୍ୱାନ କରାଯାଇଛି। ୩୧୬ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ବଜ୍ରାଘାତ ନିରୋଧକ ଲଗାଇବା ପାଇଁ ନିଷ୍ପତ୍ତି ହୋଇଛି ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର୍ ତଥା ଓସ୍‌ଡେମାର ପରିଚାଳନା ନିର୍ଦ୍ଦେଶକ ବିଷ୍ଣୁପଦ ସେଠୀ କହିଛନ୍ତି। ସଚିବାଳୟରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରାଜ୍ୟରେ ରାସାୟନିକ ଦୁର୍ଘଟଣା ଓ ଶିଳ୍ପାନୁଷ୍ଠାନଗୁଡ଼ିକରେ ଦୁର୍ଘଟଣାଜନିତ ବିପର୍ଯ୍ୟୟ ପରିଚାଳନା ପାଇଁ ଓସ୍‌ଡେମାରେ 'ରାଜ୍ୟ କ୍ରାଇସିସ୍ ଗ୍ରୁପ୍' ଗଠନ ନିମନ୍ତେ ନିଷ୍ପତ୍ତି ହୋଇଛି। ବୈଠକ ପରେ ଶ୍ରୀ ସେଠୀ କହିଲେ ଯେ ରାଜ୍ୟରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲା ଓ ରାଜ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କରାଯାଇଛି। ତଦନୁଯାୟୀ ବହୁମୁଖୀ




ଆଶ୍ରୟସ୍ଥଳୀଗୁଡ଼ିକୁ ସୁରକ୍ଷିତ ରଖିବାକୁ ସେଠାରେ ପର୍ଯ୍ୟାୟକ୍ରମେ ବଜ୍ରାଘାତ ନିରୋଧକ ଲଗାଯିବ। ଆବଶ୍ୟକ ପଦକ୍ଷେପ ଓ ରକ୍ଷଣାବେକ୍ଷଣ ପାଇଁ ବ୍ୟବସ୍ଥା ଗ୍ରହଣ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଓସ୍‌ଡେମାରେ ଆପଦକାଳୀନ ସହାୟତା କେନ୍ଦ୍ର ରାସାୟନିକ ଦୁର୍ଘଟଣା ବିପର୍ଯ୍ୟୟ ପରିଚାଳନା କରିବାକୁ ଉପରେ ଶ୍ରୀ ପାଢ଼ୀ ଗୁରୁତ୍ୱ ଦେଇଛନ୍ତି। ଏହା ବ୍ୟତୀତ ବର୍ଷା, ମରୁଡ଼ି ମୃତ୍ତିକା ଆର୍ଦ୍ରତା ଆଦି ବିଷୟରେ ସଠିକ୍ କ୍ଷେତ୍ରସ୍ତରୀୟ ସୂଚନା ସଂଗ୍ରହ ପାଇଁ ପଞ୍ଚାୟତସ୍ତରରେ ସ୍ୱୟଂକ୍ରିୟ ପାଣିପାଗ ମାପକ ଏବଂ ବର୍ଷା ମାପକ ଯନ୍ତ୍ର ଷ୍ଟେସନ୍ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବର୍ତ୍ତମାନ ସୁଦ୍ଧା ବ୍ଲକ୍‌ସ୍ତର ପର୍ଯ୍ୟନ୍ତ ବର୍ଷା ମାପକ ଯନ୍ତ୍ରମାନ ବସାଯାଇଛି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ନିଆଯାଇଛି। ରାଜ୍ୟ ମରୁଡ଼ି ପରିଚାଳନା ସେଲ୍‌ର ଦକ୍ଷତା ବୃଦ୍ଧି କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଛି। ଏ ସମସ୍ତ ପ୍ରକଳ୍ପ ପାଇଁ ୧୯୨ କୋଟି ଟଙ୍କାର ବ୍ୟୟ ଅଟକଳ ମଞ୍ଜୁର କରାଯାଇଛି। ୬ଟି ତଟବର୍ତ୍ତୀ ଜିଲ୍ଲା ଅଧୀନସ୍ଥ ୨୨ଟି ବ୍ଲକ୍‌ରେ ପ୍ରାକ୍ ବିପର୍ଯ୍ୟୟ ସୂଚନା ପ୍ରସାରଣ ବ୍ୟବସ୍ଥାର ପ୍ରତିଷ୍ଠା ନିମନ୍ତେ କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରି ଏହି ପ୍ରକଳ୍ପ ଚଳିତ ବର୍ଷ ଜୁଲାଇ ଶେଷ ସୁଦ୍ଧା ପୂର୍ଣ୍ଣାଙ୍ଗ ଓ କାର୍ଯ୍ୟକ୍ଷମ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ପାଇଁ ସମୁଦାୟ ୭୫.୯ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ପୁଲିସ୍ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ଶାସନ ସଚିବ ଡ. ଚନ୍ଦ୍ରଶେଖର ସାହୁଙ୍କ ସମେତ ବିଭିନ୍ନ ବିଭାଗର ସଚିବ, ପ୍ରମୁଖ ସଚିବ, କମିଶନର୍ ଅଗ୍ନିଶମ ସେବା, ଓଡ୍ରାଫ୍‌ର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# କମ୍ପାନୀ କ୍ୟାମ୍ପ ସାଇଟ୍‌ରେ ତାଲା ପକାଇଲେ ଠିକାଦାର

**ମାର୍ଶାଘାଇ :** ପାରାଦୀପ-ହରିଦାସପୁର ରେଳ ପଥ ପ୍ରକଳ୍ପ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଏଆରଏସଏସର ମାର୍ଶାଘାଇ ଥାନା ଜୟଚନ୍ଦ୍ରପୁରସ୍ଥିତ କ୍ୟାମ୍ପ ସାଇଟ୍ ରେ ଠିକାଦାରମାନେ ତାଲା ପକାଇ ଦେଇଥିବା ଜଣା ପଡିଛି। ରେଳପଥ କାର୍ଯ୍ୟ ପାଇଁ ଏଆରଏସଏସ ଠିକାସଂସ୍ଥା ଆରଭିଏନଏଲ ଠାରୁ ଠିକା ନେଇଛି। ଏଆରଏସଏସ କମ୍ପାନୀ ରେଳପଥର ନିର୍ମାଣ ପାଇଁ ଆବଶ୍ୟକୀୟ ମାଟି,ବାଲି ଯୋଗାଇବା ପାଇଁ ସ୍ଥାନୀୟ ଛୋଟ ଠିକାଦାରଙ୍କର ସାହାଯ୍ୟ ନେଇ ମାଟି ବାଲି ସଂଗ୍ରହ କରି ସେମାନଙ୍କୁ କିଛି କିଛି ସମୟ ଅନ୍ତରାଳରେ ଟଙ୍କା ପୈଠ କରୁଥିଲା। ପ୍ରାୟ ୧ ବର୍ଷ ହେବ କମ୍ପାନୀ ଆଉ ବକେୟା ବିଲ ଦେଉ ନ ଥିବାରୁ ମାଟି ବାଲି ଯୋଗାଇଥିବା ୧୫ରୁ ଅଧିକ ଠିକାଦାର ବୁଧବାର ପ୍ରକଳ୍ପ ମ୍ୟାନେଜରଙ୍କୁ ଅଭିଯୋଗ କରିବାକୁ ଜୟଚନ୍ଦ୍ରପୁର ସାଇଟ୍ ଅଫିସକୁ ଯାଇଥିଲେ। ସେଠାରେ କୌଣସି ପଦାଧିକାରୀ ନ ଥିବାରୁ ଦୀର୍ଘ ସମୟ ଧରି ଗେଟ ସମ୍ମୁଖରେ ଧାରଣା ରେ ବସିଥିଲେ। ଅପରାହ୍ନ ପର୍ଯ୍ୟନ୍ତ କୌଣସି ପଦାଧିକାରୀ ନ ଆସିବାରୁ ମୂଖ୍ୟ ଗେଟରେ ତାଲା ପକାଇ ଦେଇଥିବା ଜଣାପଡିଛି।

# ବିଦ୍ୟାଳୟ ଛାତରୁ ଖସୁଛି କଂକ୍ରିଟ୍, ଭୟରେ ଛାତ୍ରଛାତ୍ରୀ

**ମାର୍ଶାଘାଇ :** ମାର୍ଶାଘାଇ ଥାନା ଅନ୍ତର୍ଗତ ତେରଗାଁ ପଞ୍ଚାୟତ ବେଲାର ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ କୋଠରୀର ଛାତରୁ କଂକ୍ରିଟ୍ ଖଣ୍ଡ ଖସୁଥିବା ନେଇ ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ସେହି ବିପଦପୂର୍ଣ୍ଣ ଛାତ ଥିବା କୋଠରୀରେ ଭୟଭୀତ ଅବସ୍ଥାରେ ଛାତ୍ରଛାତ୍ରୀମାନେ ପାଠ ପଢିବାକୁ ବାଧ୍ୟ ହେଉଛନ୍ତି। କେତେବେଳେ କିଛି ଅଘଟଣ ଘଟିବ ତାହା ଅଭିଭାବକ ମହଲରେ ଚିନ୍ତାର ବିଷୟ ପାଲଟିଛି। ମାତ୍ର ୧୦ ବର୍ଷ ପୂର୍ବେ ନିର୍ମାଣ କରାଯାଇଥିବା ଏହି ଶ୍ରେଣୀ ଗୃହର ନିର୍ମାଣ ନିମ୍ନ ମାନର ହୋଇଥିବାରୁ ଏଭଳି ଅବସ୍ଥା ହୋଇଛି ବୋଲି ଅଭିଯୋଗ ହେଉଛି। ସୂଚନା ଥାଉକି, ଦୀର୍ଘ ୪୦ ବର୍ଷ ପୂର୍ବେ ବିଦ୍ୟାଳୟରେ ନିର୍ମାଣ କରାଯାଇଥିବା ଆଜବେଷ୍ଟସ ଛାତ ଥିବା କୋଠରୀ ଏବେ ସଂପୂର୍ଣ୍ଣ ରୂପେ ଭଲ ଥିବା ବେଳେ ମାତ୍ର ୧୦ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା କଂକ୍ରିଟ ଛାତ ଘରର ଛାତରୁ କଂକ୍ରିଟ ଖଣ୍ଡ ଖସିବା ନେଇ ଗ୍ରାମର ବୁଦ୍ଧିଜୀବି ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ଛାତରୁ କଂକ୍ରିଟ୍ ଖଣ୍ଡ ଖସିବା ନେଇ ବିଦ୍ୟାଳୟ ପକ୍ଷରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଇ ନ ଥିବା ଜଣାପଡିଛି।ଏ ସଂପର୍କରେ ବିଦ୍ୟାଳୟର ବର୍ତ୍ତମାନର ପ୍ରଧାନ ଶୀକ୍ଷକ ରଂଜନ କୁମାର ସେନାପତିଙ୍କ ମତାମତ ନେବାରେ ସେ କୁହନ୍ତି, ମୋ ପୂର୍ବରୁ ପ୍ରଧାନ ଶିକ୍ଷକ ଥିବା ଶାରଦା ପ୍ରସନ୍ନ ମିଶ୍ର ଏଠାରୁ ଅଳ୍ପ ଦିନ ପୂର୍ବେ ପ୍ରମୋଶନ ପାଇ ଏଠାରୁ ବଦଳି ହୋଇଯାଇଛନ୍ତି।ମୁଁ ନୂଆ ଦାୟିତ୍ୱ ନେଇଛି, ଏ ବିଷୟରେ ଅଭିଯୋଗ କରିନାହିଁ ଖୁବ୍ ଶୀଘ୍ର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ କୋମଳମତୀ କୁନି କୁନି ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ଥିବା ଜାଣି ସୁଦ୍ଧା ବିଦ୍ୟାଳୟ ତରଫରୁ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦିଆ ନ ଯିବା। କୁନି କୁନି ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି କାହାରି ଦାୟିତ୍ୱ ନ ଥିବା ଏଥିରୁ ସ୍ପଷ୍ଟ ବୁଝା ପଡୁଛି। ସରୋଜ ମହାପାତ୍ର,ଆର୍ଯ୍ୟ ସ୍ୱାଇଁ,ବିପିନ ହୋତା,ହାପି ରାଉତ,ବିଜୟ ରାଉତ,ତୁଷାର ସାହୁ,ବାବୁ ମହାନ୍ତିଙ୍କ ସମେତ ଗ୍ରାମର ବିଶ୍ୱନାଥ ୟୁଥ୍ କ୍ଲବ୍ ର ସଦସ୍ୟମାନେ ଗଭୀର ଚିନ୍ତା ପ୍ରକଟ କରିବା ସହିତ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରିବାକୁ ଦାବି କରିଛନ୍ତି। ନିର୍ମାଣ ସମୟରେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ,ଏବଂ ଅନ୍ୟମାନଙ୍କୁ ତଦନ୍ତ ପରିସରଭୁକ୍ତ କରି ନିମ୍ନମାନର କାର୍ଯ୍ୟ ପାଇଁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଏବଂ ଅଭିଭାବକ ମହଲ ଦାବି କରିଛନ୍ତି।

# ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ପଠାଇଲା ପିସିସି

**ଭୁବନେଶ୍ୱର :** ଆଗୁଆ ସାଧାରଣ ନିର୍ବାଚନ ଚର୍ଚ୍ଚା ଜୋର ଧରିଥିବା ବେଳେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଏକ ସାମ୍ଭାବ୍ୟ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରିଛି। ଓଡ଼ିଶା ପିସିସି ପ୍ରଭାରୀ ଜିତେନ୍ଦ୍ର ସିଂହ ଏହି ତାଲିକାକୁ ଏଆଇସିସିକୁ ହସ୍ତାନ୍ତର କରିଛନ୍ତି। ପିସିସି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଜୁଲାଇ ୧୫ ତାରିଖ ସୁଦ୍ଧା ସାଂସଦ ପ୍ରାର୍ଥୀଙ୍କ ତାଲିକା ପଠାଇବା ପାଇଁ ଏଆଇସିସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁସାରେ ରାଜ୍ୟ କଂଗ୍ରେସ ସମନ୍ୱୟ କମିଟି ବୈଠକରେ ଏନେଇ ମାନସ ମନ୍ଥନ କରାଯିବା ପରେ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ଆଗ୍ରହୀ ପ୍ରାର୍ଥୀମାନେ ଏକ ନିର୍ଦ୍ଦିଷ୍ଟ ଫର୍ମାଟରେ ଏଥିପାଇଁ ଆବେଦନ କରିଛନ୍ତି। ରାଜ୍ୟର ସମସ୍ତ ୨୧ଟି ଲୋକସଭା ଆସନ ପାଇଁ ସାମ୍ଭାବ୍ୟ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ହୋଇଥିଲେ ସୁଦ୍ଧା ୮ଟି ଆସନରେ ଏକାଧିକ ସାମ୍ଭାବ୍ୟ ପ୍ରାର୍ଥୀ ରହିଥିବା ଦଳର ଜଣେ ବରିଷ୍ଠ ନେତା କହିଛନ୍ତି। ଏଆଇସିସି ସ୍କ୍ରିନିଂ କମିଟି ଏହି ତାଲିକାକୁ ଅନୁଧ୍ୟାନ କରିବା ପରେ ଏହି ପ୍ରସଙ୍ଗରେ କଂଗ୍ରେସ ହାଇକମାଣ୍ଡ ରାଜ୍ୟ ନେତୃତ୍ୱ ସହିତ ଆଲୋଚନା କରିବେ। ପରେ ସାମ୍ଭାବ୍ୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ତେବେ ଆସନ୍ତା ମାସ ରାହୁଲ ଗାନ୍ଧିଙ୍କ ଓଡ଼ିଶା ଗସ୍ତ ପୂର୍ବରୁ ପ୍ରାର୍ଥୀମାନଙ୍କ ନାମ ଚୂଡ଼ାନ୍ତ କରାଯିବ ବୋଲି ଜଣା ପଡ଼ିଛି। ସେହିପରି ୫୦ଟି ବିଧାନସଭା ଆସନ ପାଇଁ ମଧ୍ୟ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ହେଉଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# ବ୍ୟାଙ୍କକ୍‌କୁ ପୁନର୍ବାର ବିମାନ ଚଳାଚଳ ପାଇଁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ନିକଟରେ ଏୟାର ଇଣ୍ଡିଆ ଭୁବନେଶ୍ୱରରୁ ବ୍ୟାଙ୍କକ୍ ଓ ବେଙ୍ଗାଲୁରୁକୁ ବିମାନ ସେବା ବନ୍ଦ କରିଦେଇଛି। ଏହି ମର୍ମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ସେ ଏହି ସେବାକୁ ପୁନର୍ବାର ଆରମ୍ଭ କରିବାକୁ ଅନୁରୋଧ କରିଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ ଭୁବନେଶ୍ୱରରୁ ବ୍ୟାଙ୍କକ ମଧ୍ୟରେ ବିମାନସେବା ଆରମ୍ଭ ହେବାପରେ ଏହା ଆଗକୁ ଆହୁରି ସମ୍ପ୍ରସାରିତ ହେବ ବୋଲି ଆଶା କରାଯାଉଥିଲା। ମାତ୍ର ହଠାତ୍ ଏହି ସେବାକୁ ବନ୍ଦ କରିଦିଆଯିବା ଫଳରେ ରାଜ୍ୟର ବିମାନ ଚଳାଚଳ ଓ ପର୍ଯ୍ୟଟନ କ୍ଷେତ୍ର ପ୍ରଭାବିତ ହୋଇଛି। ଭୁବନେଶ୍ୱରରୁ ରାଜ୍ୟ ସରକାର ଶ୍ରୀଲଙ୍କା ଏବଂ ଇଣ୍ଡୋନେସିଆକୁ ଏୟାର ଇଣ୍ଡିଆ ବିମାନ ଚଳାଚଳ ନେଇ ଏକ ଆଶା ସୃଷ୍ଟି ହୋଇଥିଲା। ସେହିପରି ଭୁବନେଶ୍ୱରରୁ-ବାଙ୍ଗାଲୁରୁକୁ ସିଧାସଳଖ ଏୟାର ଇଣ୍ଡିଆ ବିମାନ ଚଳାଚଳ ବନ୍ଦ କରିଦିଆଯିବା କାରଣରୁ ରାଜ୍ୟର ଆଇଟି ଶିଳ୍ପ ପ୍ରଭାବିତ ହୋଇଛି। ଏଣୁ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଏୟାର ଇଣ୍ଡିଆ ପୁଣି ସେହି ସେବା ପ୍ରଦାନ କରିବା ନେଇ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଯଦି ସମ୍ଭବ ହୁଏ ତା'ହେଲେ ଦକ୍ଷିଣ-ପୂର୍ବ ରାଷ୍ଟ୍ରଗୁଡ଼ିକୁ ମଧ୍ୟ ଉକ୍ତ ସେବା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀ ଚିଠିରେ ଅନୁରୋଧ କିରଛନ୍ତି।


## ଜଳନିଷ୍କାସନ ସମସ୍ୟା ଯୋଗୁ ଅକଥନୀୟ କଷ୍ଟରେ ରାଜ୍ୟବାସୀ

# ଜନକଷ୍ଟ ପ୍ରତି ଆଖି ବୁଜି ଦେଇଛନ୍ତି ୧୯ ବର୍ଷର ମୁଖିଆ : ବିଜେପି

**ଭୁବନେଶ୍ୱର :** ରୋମ ଜଳୁଥିବା ବେଳେ ସେଠାର ସର୍ବମୟ କର୍ତା ଶାସକ ନିରୋ ବଂଶୀବାଦନ କରିବା ପରି ଓଡିଶାର ସହରାଚଂଳ ମାନଙ୍କରେ ଡ୍ରେନଜ ସୁବିଧା ନଥିବା କାରଣରୁ ଲୋକଙ୍କ ଘରେ ପାଣି ପଶି ରାସ୍ତାଘାଟରେ ନଇନାଳର ଭ୍ରମ ସୃଷ୍ଟି କରୁଥିବା ବେଳେ ରାଜ୍ୟର ୧୯ ବର୍ଷର ମୁଖିଆ ଜନକଷ୍ଟ ପ୍ରତି ନିରୋଙ୍କ ପରି ଆଖି ବୁଜି ଦେଇଛନ୍ତି ବୋଲି ରାଜ୍ୟ ମୁଖପାତ୍ର ଗୋଲକ ପ୍ରସାଦ ମହାପାତ୍ର ଅଭିଯୋଗ କରିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଛନ୍ତି ଯେ, ଓଡିଶାର ଐତିହ୍ୟର କେନ୍ଦ୍ର କୋଣାର୍କ ପାଖରେ ପାଣି ଜମିବା ନିଶ୍ଚିତ ଭାବେ ଚିନ୍ତାର ବିଷୟ । ତୁରନ୍ତ ଏହି ସମସ୍ୟାର ସମାଧାନ ରାସ୍ତା କଢା ଯିବା ଅତ୍ୟନ୍ତ ଜରୁରୀ। ମାତ୍ର କୋଣାର୍କର ପାଣି ନିଷ୍କାସନ ପାଇଁ କେନ୍ଦ୍ର ସରକାରଙ୍କୁ କଡା ଚିଠି ଅପରପକ୍ଷରେ ପାରମ୍ଭିକ ବର୍ଷାଦିନ ଗୁଡିକରେ ପାଣି ଭିତରେ ଜଳବନ୍ଦୀ ଜୀବନ କଟାଉଥିବା ଓଡିଶାର ବିଶେଷ ଭାବେ ସହାରଞ୍ଚଳର ଦୁଖ ଦୁର୍ଦ୍ଦଶା ପ୍ରତି ଆଖି ବୁଜି ଦେବା ନବୀନ ବାବୁଙ୍କର କି ପ୍ରକାର କଠିନ ପରିଶ୍ରମ ଓ ଆଦର୍ଶ ମୁଖ୍ୟମନ୍ତ୍ରୀତ୍ୱ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି। ବିଜୁ ଜନତା ଦଳର ୨୦୧୪ ମସିହାର ନିର୍ବାଚନ ଇସ୍ତାହାର ଓ ସରକାରଙ୍କ ତରଫରୁ ବିଧାନସଭାରେ ନିକଟ ଅତୀତରେ ଦିଆଯାଇଥିବା ଉତର ଓ ପ୍ରତିଶୃତିକୁ ଉଦ୍ଧୃତ କରି ଶ୍ରୀ ମହାପାତ୍ର ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇ ରାଜ୍ୟର ସହରାଚଂଳ ଲୋକଙ୍କୁ ପ୍ରତାରିତ କରିଛନ୍ତି ବୋଲି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି। ଶ୍ରୀ ମହାପାତ୍ର ଚଳିତବର୍ଷା ଋତୁର ଆଦ୍ୟ ବନ୍ୟାରେ ଅକଥନୀୟ ସମସ୍ୟାରେ ଥିବା ବସ୍ତିବାସିନ୍ଦାଙ୍କ ସାମ୍ନାରେ ୨୦୧୪ରେ ବିଜେଡି ଦେଇଥିବା ପ୍ରତିଶୃତିକୁ ମନେ ପକାଇ ଦେଇଛନ୍ତି । ୨୦୧୪ ପ୍ରତିଶୃତି ଯାହାକୁ ପରେ କ୍ୟାବିନେଟ ମୋହର ଲଗାଯାଇଥିଲା ସେଥିରେ ସମସ୍ତଙ୍କୁ ପକ୍କାଘର, ଟଙ୍କିକିଆ ଚାଉଳ, ସୁଧ ପାନୀୟ ଜଳ, ପକ୍କାରାସ୍ତା ସହ ବସ୍ତିମାନଙ୍କର ଡ୍ରେନଜ ବ୍ୟବସ୍ଥାକୁ ଏପରି ମଜଭୂତ କରାଯିବ । ବର୍ଷାଦିନେ ଜଳ ଠୁଳ ହେବାର ସମ୍ଭାବନା ରହିବ ନାହିଁ ବୋଲି ବିଜେଡି




କହିଥିଲା କି ନାହିଁ ଏହା ସରକାର ସ୍ପଷ୍ଟ କରନ୍ତୁ ବୋଲି ବିଜେପି ଦାବି କରିଛି। ୧୯ ବର୍ଷର ବିଜେଡି ଶାସନରେ ଗରୀବ, ବସ୍ତିବାସିନ୍ଦା ମାନେ ବର୍ଷାଦିନ ଆସିଲେ ସବୁଠୁ ଅଧିକ ଯନ୍ତ୍ରଣାର ଶିକାର ହେବା କାରଣ ବୋଲି କହିବା ସହ ୧୯ ବର୍ଷ ସରକାର ଅପାରଗତା ବିରୋଧରେ ଗରିବ ମାନେ ଯୁଦ୍ଧ ଘୋଷଣା କରିବା ସ୍ଥିତିକୁ ଆସିଲେଣି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଶ୍ରୀ ମହାପାତ୍ର ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗର ଅଣତାରକା ପ୍ରଶ୍ନ ୧୩୨୦ ଓ ୩୧୫ ଓ ତାରକା ପ୍ରଶ୍ନ ୨୦୪ ପ୍ରତି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ବିଧାନସଭାରେ ପ୍ରତିଶୃତି ଦେଇ କାହିଁକି ସାଧାରଣ ଜନତାଙ୍କୁ ପ୍ରତାରିତ କରିଛନ୍ତି ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ବିଧାନସଭାରେ ରାଜ୍ୟର ପୌରପରିଷଦ ଓ ବିଜ୍ଞାପିତ ଅଂଚଳ ପରିଷଦର ମାଷ୍ଟରପ୍ଲାନର ୬ ପୃଷ୍ଠା ବିଶିଷ୍ଟ ସାରଣୀ କ ଓ ଖ ରେ ପ୍ରଦାନ କରିବା ସତ୍ତ୍ୱେ ପ୍ରତିଶୃତି କାର୍ଯ୍ୟକାରୀ ହେବାରେ କେଉଁ ପ୍ରତିବନ୍ଧକ ଯୋଗୁଁ ରାଜ୍ୟ ସରକାର ସାଧାରଣ ଲୋକଙ୍କୁ ପ୍ରତାରିତ କଲେ ତାର ଉତର ରଖିବାକୁ ଶ୍ରୀ ମହାପାତ୍ର ଆହ୍ୱାନ ଜଣାଇଛନ୍ତି। ପବିତ୍ର ବିଧାନସଭାରେ କଟକ-ଭୁବନେଶ୍ୱରର ସ୍ୱେରଜ ଓ ଡ୍ରେନଜ ବ୍ୟବସ୍ଥା କାମ ଜାପାନ ସରକାରଙ୍କ ସହାୟତାରେ ୨୦୧୭ ସୁଦ୍ଧା ଶେଷ କରିବାର ଲକ୍ଷ୍ୟ ପୂରଣ ହୋଇନଥିବା ସ୍ୱୀକାର କରିଥିଲେ। ମାତ୍ର ଏହି ସମ୍ପୂର୍ଣ୍ଣ କାମକୁ ସେପ୍ଟେମ୍ବର ୨୦୧୮ ସୁଦ୍ଧା ଶେଷ କରିବାର ପ୍ରତିଶୃତି ଲିଖିତ ଭାବେ ବିଧାନସଭାରେ ଦେଇଥିଲେ। ମାତ୍ର କଟକ-ଭୁବନେଶ୍ୱରର ଦୟନୀୟ ଡ୍ରେନଜ ବ୍ୟବସ୍ଥାର ସ୍ଥିତି ରାଜ୍ୟ ସରକାରଙ୍କର ବିଧାନସଭା ଭିତରେ ଦେଇଥିବା ପ୍ରତିଶୃତି କେତେ ମାତ୍ରାରେ ପ୍ରବଚଂନା ପୂର୍ଣ୍ଣ ଏହା ସ୍ପଷ୍ଟ କରୁଛି। ପ୍ରତିଶ୍ରୁତି ସତ୍ତ୍ୱେ କାଯ୍ୟରେ କାହିଁକି ଅଗ୍ରଗତି ହୋଇପାରିଲା ନାହିଁ ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟବାସୀଙ୍କ ସାମ୍ନାରେ ସ୍ପଷ୍ଟୀକରଣ ରଖାଯିବା ସହ ନିଜର ବିଫଳତାକୁ ସ୍ୱୀକାର କରିବାକୁ ଶ୍ରୀ ମହାପାତ୍ର ଦାବି କରିଛନ୍ତି।



ନିଜ ସୁଖ ପାଇଁ କରାଯାଇଥିବା କର୍ମ ସୀମିତ ସୁଖ ଦେଇଥାଏ; କିନ୍ତୁ ପରୋପକାର ପାଇଁ କରାଯାଇଥିବା କର୍ମ ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୩ - ୨୯ ଜୁଲାଇ, ୨୦୧୮

# ଜାଗ୍ରତ ହେବାକୁ ପଡିବ

ସମ୍ପାଦକୀୟ



ତାରକ ମହାନ୍ତି

**ଖା**ଦ୍ୟରେ ଅପମିଶ୍ରଣ ଭଳି ଅଭାବନୀୟ ଘଟଣା ପୂର୍ବରୁ ବହୁବାର ଜଣାଯାଇଥିଲେ ମଧ୍ୟ ପନିପରିବା ଓ ମାଛ, ମାଂସରେ ଅପମିଶ୍ରଣ କରାଯିବା ଫଳରେ ମଣିଷ ବିଷାକ୍ତ ଖାଦ୍ୟକୁ ନେଇ ଅତିମାତ୍ରାରେ ଚିନ୍ତା ପ୍ରକଟ କଲାଣି। ନିକଟରେ ଆସାମ ସରକାର ଆନ୍ଧ୍ର ମାଛରେ ଫର୍ମାଲିନ୍ ମିଶିଥିବା କାରଣରୁ ନିଜ ରାଜ୍ୟକୁ ମାଛ ଆମଦାନୀ ବନ୍ଦ କରିଛନ୍ତି। ପୂର୍ବରୁ ସୋସିଆଲ ମିଡିଆରେ ମାଛରେ ଫର୍ମାଲିନ୍ ମିଶିଯିବା ଦୃଶ୍ୟ ଘୁରି ବୁଲୁଥିଲା ବେଳେ ଜନସାଧାରଣ ଏଥିପ୍ରତି ଯେତିକି ସଚେତନ ବା ସତର୍କ ରହିବା କଥା ତାହା ହୋଇପାରି ନଥିଲା। କିନ୍ତୁ ଆସାମରେ ଫର୍ମାଲିନ୍‌ଯୁକ୍ତ ମାଛ ବ୍ୟାନ୍ ହେବା ପରେ ଓଡ଼ିଶାରେ ମଧ୍ୟ ଏହାକୁ ନେଇ ପ୍ରଶାସନିକ ସ୍ତରରେ କାର୍ଯ୍ୟାନୁଷ୍ଠାନ ବୃଦ୍ଧି ପାଇଛି। ତେବେ ଏହି ଫର୍ମାଲିନ୍ କ'ଣ ? ଏହା ଏଭଳି ଏକ ବିଷାକ୍ତ ରାସାୟନିକ ଦ୍ରବ୍ୟ ଯାହା ମୃତ ମଣିଷର ଶରୀରକୁ ଦୀର୍ଘଦିନ ପର୍ଯ୍ୟନ୍ତ ସତେଜ ରଖିବାରେ ବ୍ୟବହାର ହୁଏ। ସାଧାରଣ ମଣିଷର ବ୍ୟବହାର ପାଇଁ ଏହା ଆଦୌ ପ୍ରଯୁଜ୍ୟ ହୋଇ ନଥିଲା ବେଳେ କେତେକ ଅସାଧୁ ମାଛ ବ୍ୟବସାୟୀ ମାଛକୁ ଅଧିକ ଦିନ ତଟକା ରଖିବା ଲକ୍ଷ୍ୟରେ ଏଥିରେ ଫର୍ମାଲିନ୍ ମିଶାଉଥିବା କଥା ସାମ୍ନାକୁ ଆସିଛି। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ସରକାର ତତ୍ପର ହୋଇଉଠିବା ସହିତ ରାଜ୍ୟର ବିଭିନ୍ନ ସ୍ଥାନରୁ ମାଛ ନମୁନା ସଂଗ୍ରହ କରି ଏହାକୁ ପରୀକ୍ଷା ନିମନ୍ତେ ପରୀକ୍ଷାଗାରକୁ ପଠାଉଛନ୍ତି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ସାମ୍ନାକୁ ଆସିଥିବା ତଥ୍ୟ ଅନୁସାରେ କିଛି ପମ୍ଫ୍ରେଟ୍ ଜାତୀୟ ମାଛରେ ଫର୍ମାଲିନ୍ ପ୍ରୟୋଗ କରାଯାଇଥିବା ଜଣାପଡିଛି। ଅନ୍ୟ ମାଛରେ ଫର୍ମାଲିନ୍ ମିଶାଯାଉଛି କି ନାହିଁ ଏହା ଏପର୍ଯ୍ୟନ୍ତ ସାବ୍ୟସ୍ତ ହୋଇନଥିଲା ବେଳେ ଖାଉଟିମାନେ ଚିନ୍ତାରେ ପଡିଛନ୍ତି। କାରଣ ଫର୍ମାଲିନ୍ ଯୁକ୍ତ ମାଛ ଖାଇବା ଫଳରେ ମଣିଷ ଶରୀରରେ କ୍ୟାନ୍ସର ରୋଗ ସୃଷ୍ଟି ହୋଇଥାଏ। ତେଣୁ ଏଭଳି ଏକ ବିପଦପୂର୍ଣ୍ଣ ଆଶଙ୍କା ଯୋଗୁଁ ଏବେ କିଛି ଲୋକ ମାଛ ଖାଇବାକୁ ଉପଯୁକ୍ତ ମଣୁନାହାନ୍ତି। ଉତ୍ତମରୂପେ ଚିନ୍ତା କଲେ ଏହା ନିଶ୍ଚିତ ସଚେତନତା ପାଇଁ ଏକ ଆହ୍ୱାନ ଦେଇଛି। ତେବେ କେବଳ ମାଛରେ କ'ଣ ବିଷ ମିଶାଯାଉଛି ନାଁ ମଣିଷ ଦୈନନ୍ଦିନ ଜୀବନରେ ଖାଉଥିବା ତଟକା ପନିପରିବା ଓ ଫଳମୂଳରେ ଏହା ରହିଛି ତାହା ଚିନ୍ତା କରିବା ସମୟ ଆସିଛି। କାରଣ ସୋସିଆଲ ମିଡିଆରେ ପ୍ରଘଟ ହୋଇଥିବା ଅନେକ ଘଟଣାରେ ପନିପରିବାରେ ବିଷାକ୍ତ ରଙ୍ଗ ମିଶାଯାଇ ଏହାକୁ ସଦ୍ୟ ଅମଳ କରାଯାଇଥିବା ପନିପରିବା ଭାବେ ଚଢ଼ା ଦରରେ ବିକ୍ରି କରାଯାଉଥିଲା ବେଳେ ଏହାର ବାସ୍ତବ ଦିଗ ପ୍ରତି କେହି କେବେ ସଚେତନ ହୋଇନାହାନ୍ତି। କଲରା, ପୋଟଳ ଭଳି ଦାମୀ ପରିବାକୁ ଅତ୍ୟନ୍ତ ଗୋପନୀୟ ଭାବେ ରାସାୟନିକ ରଙ୍ଗ ପାଣି ମିଶା କୁଣ୍ଡରେ ପକାଯାଇ ବଜାରରେ ଉପଲବ୍ଧ କରାଯାଉଥିବା ଘଟଣା ମଧ୍ୟ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ। ସେହିଭଳି ରାଜ୍ୟ ବାହାରୁ ଆସୁଥିବା ବିଭିନ୍ନ ଫଳ ଉପରେ ରସାୟନ ଆସ୍ତରଣ ଥିବା କଥା ଚର୍ଚ୍ଚା ହୋଇଥାଏ। କେହି କେହି ଦାମୀ ସେଓ ଉପରେ ମହମ ପ୍ରଲେପ ଦିଆଯାଉଥିବା କଥା କହୁଥିଲା ବେଳେ ଏହାର ବାସ୍ତବତା କ'ଣ ତାହାକୁ ପରୀକ୍ଷା ନିରୀକ୍ଷା କରିବାର ସମୟ ଏବେ ଉପନୀତ। କାରଣ ଆମେ ଯାହାକୁ ତଟକା ପନିପରିବା ବା ଫଳମୂଳ କହୁଛେ ସେଥିରେ ବିଷ ମାତ୍ରା କେତେ ପରିମାଣ ରହିଛି ତାହା ଆମେ ଜାଣି ନପାରିଲେ ମଧ୍ୟ ଏଥିପ୍ରତି ସଜାଗ ରହିବାର ଆବଶ୍ୟକତା ରହିଛି। କାରଣ ବିଷଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ମଣିଷ ଶରୀର ରୋଗାକ୍ରାନ୍ତ ହୋଇଯିବା ସହିତ ଆୟୁଷ କମିଯାଏ ବୋଲି ଜଣାପଡିଛି। ଆଗକାଳରେ ଫସଲରେ ସାର କିମ୍ବା କୀଟନାଶକର ବ୍ୟବହାର କମ୍ ରହିଥିଲା ବେଳେ ବର୍ତ୍ତମାନ ଏହାର ପରିମାଣ ବ୍ୟାପକ ହୋଇଛି। ସଦ୍ୟ କୀଟନାଶକ ବ୍ୟବହୃତ ପନିପରିବା ମଧ୍ୟ ଶରୀର ପାଇଁ କ୍ଷତିକାରକ। ପନିପରିବାରେ ହର୍ମୋନ ଦିଆଯାଉଥିବା କଥା ମଧ୍ୟ ସମୟେ ସମୟେ ଆଲୋଚନା ହୋଇଥାଏ। ଏହା କେତେଦୂର ସତ ବା ଯୁକ୍ତିସଙ୍ଗତ ତାହା ପରୀକ୍ଷା ନିରୀକ୍ଷା ପରେ ଜଣାପଡିବ। କିନ୍ତୁ ମାଛକୁ ନେଇ ଖାଉଟିଙ୍କ ମନରେ ସୃଷ୍ଟି ହୋଇଥିବା ଆଶଙ୍କା ଦୂର କରିବା କ୍ଷେତ୍ରରେ ପ୍ରଶାସନିକ ତତ୍ପରତା ଓ ସଚେତନତା ସୃଷ୍ଟି କରିବା ଜରୁରୀ ହୋଇପଡିଛି।

ଆଗରୁ ମାଛକୁ ଅଧିକ ଦିନ ସତେଜ ରଖିବା ପାଇଁ ବରଫ ବ୍ୟବହାର କରାଯାଉଥିଲା। କିନ୍ତୁ କିଛି ଲୋକଙ୍କ କହିବା କଥା କେତେକ ସ୍ଥାନରେ ବରଫ ନ ମିଳିବା ଓ ଏହା ମୂଲ୍ୟ ଦୃଷ୍ଟିରୁ ଅଧିକ ରହିବା ଫଳରେ ମାଛ ସଂରକ୍ଷଣ କରୁଥିବା ବ୍ୟବସାୟୀମାନେ ଫର୍ମାଲିନ୍ ବ୍ୟବହାର କରୁଛନ୍ତି। ଲାଭ ଦୃଷ୍ଟିକୋଣରୁ ଯଦି ବ୍ୟବସାୟୀମାନେ ଏଭଳି କରୁଥାନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ ଓ ବେଆଇନ କାର୍ଯ୍ୟ ଅଟେ। କାରଣ ମଣିଷ ଖାଉଥିବା ଖାଦ୍ୟ ପଦାର୍ଥରେ ବିଷ ମିଶାଉଥିବା ବ୍ୟକ୍ତିମାନେ ନିଶ୍ଚୟ ଜଣେ ଜଣେ ଅପରାଧୀ। ତେଣୁ କାହା ଜୀବନ ସହିତ ଖେଳ ଖେଳିବାର ଚିନ୍ତାଧାରା ଯେଉଁ ଅସାଧୁ ବ୍ୟବସାୟୀଙ୍କ ମୁଣ୍ଡରେ ଜୁଟିଛି ସେମାନେ ତୁରନ୍ତ ଏଥିରୁ ନିବୃତ ନହେଲେ ସମାଜ ପ୍ରତି ଏହା ଘୋର ଆତଙ୍କ ସୃଷ୍ଟି କରିବ। ତେବେ ପ୍ରଶ୍ନ ଉଠୁଛି ଅନ୍ୟ ରାଜ୍ୟରେ ମାଛ ବ୍ୟାନ ହେବା ପରେ ଆମର ସରକାରୀ ଅଫିସରମାନେ ତତ୍ପର ହେଉଥିଲା ବେଳେ ପୂର୍ବରୁ ଏ ସମସ୍ତ ଜିନିଷ ଯାଞ୍ଚ କରିବାକୁ ଥିବା ବିଭାଗର କର୍ମଚାରୀମାନେ କ'ଣ କରୁଥିଲେ। ଯଦି ସେମାନଙ୍କ ନିକଟରେ ସାଧନ ଓ ଲୋକବଳ ରହିଛି ତେବେ ସେମାନେ ନିୟମିତ ଭାବେ ଏ ସମସ୍ତ ପଦାର୍ଥର ଯାଞ୍ଚ କରୁନାହାନ୍ତି କାହିଁକି ? ନିୟମିତ ଯାଞ୍ଚ କରାଯିବା ବ୍ୟବସ୍ଥାକୁ କଡାକଡି କରାଯାଉଥିଲେ ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଆଶଙ୍କା ବା ଆତଙ୍କ ସୃଷ୍ଟି କରନ୍ତାନାହିଁ। ପ୍ରତ୍ୟେକ ଖାଦ୍ୟ ଦ୍ରବ୍ୟର ମାନ ଓ ଗୁଣବତ୍ତା ଯାଞ୍ଚ କରିବାର ପ୍ରକ୍ରିୟା ସଠିକ୍ ଭାବେ କରାନଯିବା ଫଳରେ ବ୍ୟବସାୟୀମାନେ ମୁନାଫା ପାଇଁ ବିଭିନ୍ନ ଫନ୍ଦିଫିକର କରିବା କିଛି ନୂଆ ନୁହେଁ। ତେବେ ଅସାଧୁ ବ୍ୟବସାୟୀଙ୍କୁ ଆକଟ କରିବା ଓ ତଦାରଖ କରିବା ଦାୟିତ୍ୱ ସରକାରଙ୍କର। ସରକାର ନିୟମିତ ବ୍ୟବଧାନରେ ବଜାରରେ ଉପଲବ୍ଧ ହେଉଥିବା ଖାଦ୍ୟ ସାମଗ୍ରୀ ତଥା ବିଭିନ୍ନ ସାମଗ୍ରୀ ଉପରେ ଯାଞ୍ଚ କଲେ ଏହାର ପ୍ରଭାବ ନିଶ୍ଚୟ ପଡନ୍ତା। ଫଳରେ ଅସାଧୁ ବ୍ୟବସାୟୀ ସତର୍କ ରହିବା ସହିତ ତ୍ରୁଟି କରିବାକୁ ପଛାଇ ଯାଆନ୍ତେ। ଏହା କେବଳ ଖାଦ୍ୟ ସାମଗ୍ରୀ ବିକ୍ରି ଘଟଣା ନୁହେଁ, ବରଂ ସରକାର ନିୟମିତ ଭାବେ ରନ୍ଧା ଖାଦ୍ୟ ଓ ପଥପ୍ରାନ୍ତରେ ମିଳୁଥିବା ଗୁପ୍‌ଚୁପ୍, ଚାଟ୍ ଏବଂ ଫାଷ୍ଟଫୁଡ୍ ଗୁଡିକ ଯାଞ୍ଚ କରିବା କଥା। ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ତଥା ବିକ୍ରି ସମ୍ପୂର୍ଣ୍ଣ ବେଆଇନ ହୋଇଥିଲା ବେଳେ ଯାଞ୍ଚ ପ୍ରକ୍ରିୟା ନଥିବା ଯୋଗୁ ଏହା ଜାରି ରହିଥିବାର ସମସ୍ତେ ଅନୁଭବ କରୁଛନ୍ତି। ହେଲେ ଏ ବାବଦରେ ପ୍ରଶାସନକୁ ଜଣାଇବା କିମ୍ବା ବିଷ ଖାଦ୍ୟ ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା ଭଳି କାର୍ଯ୍ୟ କେହି କରୁନଥିବାରୁ ଏହାର ଫାଇଦା ନେଉଛନ୍ତି ସମ୍ପୃକ୍ତ ଅସାଧୁ ବ୍ୟବସାୟୀ। ସମ୍ପ୍ରତି ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏକ ଯାଞ୍ଚ କମିଟି ବିଭିନ୍ନ ଜିଲ୍ଲାରେ ଥିବା ମାଛ ଗୋଦାମ ମାନଙ୍କରୁ ନମୁନା ସଂଗ୍ରହ କରୁଛନ୍ତି। ତେବେ ପ୍ରାଥମିକ ଭାବେ ଏହି କମିଟି ଯେଉଁ ରିପୋର୍ଟ ଦେଇଛି ସେଥିରେ ମଧୁର ଜଳରୁ ଆମଦାନୀ ହେଉଥିବା ମାଛରେ ଫର୍ମାଲିନ୍ ମିଳିନଥିବା କହିଛନ୍ତି। ତେବେ ଯେଉଁ ସମୟରେ ଯାଞ୍ଚ ବା ଚଢ଼ଉ କରାଯାଏ ସେ ସମୟରେ ଅସାଧୁ ମାଛ ବ୍ୟବସାୟୀମାନେ ନିଜ ଗୋଦାମ ବା ଦୋକାନରେ ଫର୍ମାଲିନ୍‌ଯୁକ୍ତ ମାଛ ରଖିବେ କିପରି। ତେଣୁ ରିପୋର୍ଟରେ ଯାହା ଥାଉ ନା କାହିଁକି ଖାଉଟିଙ୍କୁ ଏ ଦିଗରେ ଜାଗ୍ରତ ହେବାକୁ ପଡିବ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬ ,ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ମନ୍ଦିରରେ ପ୍ରବେଶାଧିକାର



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



**ଜ**ଗତର ନାଥ ପୁଣ୍ୟବ୍ରହ୍ମ ସ୍ୱୟଂ ଭଗବାନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ପାଇଁ ଆମ ଭିତରେ ବିବିଧତା ରହୁଛି କ'ଣ ପାଇଁ ? ଏହା ସତ ଯେ ଶ୍ରୀମନ୍ଦିର ଅଣହିନ୍ଦୁ ପ୍ରବେଶ ନେଇ ମାନ୍ୟବର ସୁପ୍ରିମକୋର୍ଟ ବିଚାର କରିବାକୁ ପରାମର୍ଶ ଦେବା ପରେ ଏ ପ୍ରସଙ୍ଗ ଗମ୍ଭୀରତାର ରୂପ ନେଇଛି। ଏଠାରେ ଉଲ୍ଲେଖନୀୟ ଯେ, ଶ୍ରୀମନ୍ଦିର ସତ୍ତ୍ୱଲିପି ଦ୍ୱିତୀୟ ଭାଗର ୪୭ ପୃଷ୍ଠାରେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ପାଇଁ ରହିଥିବା କଟକଣା ସମ୍ପର୍କରେ ସ୍ପଷ୍ଟ ସୂଚୀତ ହୋଇଛି। ୧୯୫୨ ମସିହା ଶ୍ରୀମନ୍ଦିର ସତ୍ତ୍ୱଲିପି ତଥ୍ୟ ଅନୁଯାୟୀ ଭିନ୍ନ ଧର୍ମାବଲମ୍ବୀଙ୍କ ପ୍ରବେଶକୁ ବାଧା କରାଯାଇଛି। କେବଳ ସେତିକି ନୁହେଁ ମନ୍ଦିର ଭିତରକୁ କୁଷ୍ଠରୋଗୀଙ୍କ ପ୍ରବେଶ ମଧ୍ୟ ନିଷିଦ୍ଧ କରାଯାଇଛି। ଜଗନ୍ନାଥ ସଂସ୍କୃତି ଗବେଷକଙ୍କ ତଥ୍ୟ ଅନୁଯାୟୀ ଶ୍ରୀମନ୍ଦିରରେ କେବଳ ହିନ୍ଦୁମାନେ ପ୍ରବେଶ କରନ୍ତି ଯାହାକି ଶହ ଶହ ବର୍ଷର ପ୍ରଚଳିତ ପରମ୍ପରା। ଏପରିକି ଯେଉଁ ସମୟରେ ଶ୍ରୀମନ୍ଦିର ଗୋରା ଇଂରେଜ ଶାସକଙ୍କ କର୍ତ୍ତୃତ୍ୱରେ ଥିଲା ସେତେବେଳେ ମଧ୍ୟ ଗୋରା ସାହେବମାନେ ଶ୍ରୀମନ୍ଦିର ନିୟମ ଓ ଜଗନ୍ନାଥ ସଂସ୍କୃତିକୁ ସମ୍ମାନ କରୁଥିଲେ ଏବଂ ଶ୍ରୀମନ୍ଦିର ପରମ୍ପରା ଓ ନିୟମରେ କୌଣସି ହସ୍ତକ୍ଷେପ କରୁନଥିଲେ। ଏପରିକି ଜଣେ ବ୍ରିଟିଶ ପଦାଧିକାରୀ ଏମ୍.ଆର. ମଠ ଚକଡାରେ ଶ୍ରୀମନ୍ଦିର ଦର୍ଶନ କରୁଥିଲେ।

ଶ୍ରୀମନ୍ଦିରକୁ ନେଇ କେବଳ ସାଧାରଣ ନାଗରିକ ନୁହଁନ୍ତି ଭାରତ ବର୍ଷର ପ୍ରସିଦ୍ଧିଲାଭ କରିଥିବା ରାଷ୍ଟ୍ରନେତାମାନେ ବି ପ୍ରବେଶର ସୁଯୋଗ ପାଇନାହାନ୍ତି। ଶ୍ରୀମନ୍ଦିରକୁ ପ୍ରବେଶ ଅନୁମତି ଚାହିଁଲେ ମଧ୍ୟ ପ୍ରବେଶରୁ ବଞ୍ଚିତ ହୋଇଥିବା ବ୍ୟକ୍ତିତ୍ୱମାନେ ହେଉଛନ୍ତି ଜାତିର ପିତା ମହାତ୍ମା ଗାନ୍ଧୀ, ଆଚାର୍ଯ୍ୟ ବିନୋବା ଭାବେ, ନୋବେଲ ବିଜେତା ରବୀନ୍ଦ୍ରନାଥ ଟାଗୋର, ଭାରତର ସମ୍ବିଧାନ ପ୍ରଣେତା ଡକ୍ଟର ବି.ଆର.ଆମ୍ବେଦକର, ଇସ୍କନର ପ୍ରତିଷ୍ଠାତା ସ୍ୱାମୀ ପ୍ରଭୁପାଦ, ବ୍ରିଟିଶ ଭାଇସ୍‌ରାୟ ଲର୍ଡ଼ କର୍ଜନ, ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ, ଥାଇଲ୍ୟାଣ୍ଡର ରାଣୀ ମହାଚକ୍ରୀ ଶ୍ରୀଧରନ୍ ଓ ସୁଇଜରଲ୍ୟାଣ୍ଡର ଏଲିଜାବେଥ ଜିଗଲର। ତେବେ ହିନ୍ଦୁ ଧର୍ମରେ ଦୀକ୍ଷା ନେବାପରେ ଶ୍ରୀମନ୍ଦିରକୁ ଦୟାମାତା ନାମକ ଜଣେ ଆମେରିକୀୟ ନାଗରିକ ପ୍ରବେଶ ଅନୁମତି ପାଇଥିଲେ। ୧୮୩୪ରେ ଜାତିର ପିତା ମହାତ୍ମା ଗାନ୍ଧୀ ହରିଜନ ମାନଙ୍କୁ ନେଇ ଶ୍ରୀମନ୍ଦିରକୁ ପ୍ରବେଶ ଚାହିଁଥିଲେ ବି ତାହା ଫଳବତୀ ହୋଇନଥିଲା। ଭୂଦାନ ଆନ୍ଦୋଳନର ସ୍ରଷ୍ଟା ତଥା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସମାଜ ସେବକ ଆଚାର୍ଯ୍ୟ ବିନୋବା ଭାବେ ମଧ୍ୟ ଶ୍ରୀମନ୍ଦିରକୁ ପ୍ରବେଶ ପାଇଁ ଅନୁମତି ପାଇ ନଥିଲେ। ୧୯୭୭ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଭିତରକୁ ଯିବାକୁ ଚାହିଁଥିଲେ ବି ସୁଯୋଗ ପାଇ ନଥିଲେ। ୧୯୪୫ରେ ସମ୍ବିଧାନ ସ୍ରଷ୍ଟା ବି.ଆର.ଆମ୍ବେଦକର ଜଗନ୍ନାଥଙ୍କ ଦର୍ଶନରୁ ବଞ୍ଚିତ ହୋଇଥିଲେ। ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଶ୍ରୀମନ୍ଦିର ପ୍ରବେଶରୁ ମଧ୍ୟ ବଞ୍ଚିତ ହୋଇଥିଲେ। ଯଦିଓ ୨୦୦୫ରେ ଥାଇଲ୍ୟାଣ୍ଡର ରାଣୀ ମହାଚକ୍ରୀ ଶ୍ରୀଧାରିଣୀଙ୍କୁ ଶ୍ରୀମନ୍ଦିର ଅନୁମତି ମିଳିନଥିଲା କାରଣ ସେ ଜଣେ ବୌଦ୍ଧ ଧର୍ମାବଲମ୍ବୀ ଥିଲେ। ସୁଇଜରଲ୍ୟାଣ୍ଡର ଏଲିଜାବେଥ ଜିଗଲର ନାମକ ଜଣେ ମହିଳା ଶ୍ରୀମନ୍ଦିରକୁ ପାଖାପାଖି ୧କୋଟି ୭୮ଲକ୍ଷ ଦାନ କରିଥିଲେ ମଧ୍ୟ ମନ୍ଦିର ଭିତରକୁ ପ୍ରବେଶର ସୁଯୋଗ ପାଇନଥିଲେ। ତେବେ ଆମେରିକାନ୍ ନାଗରିକ ହିନ୍ଦୁଧର୍ମ ଗ୍ରହଣ କରିଥିବା ଦୟାମାତା ୧୯୫୦ ମସିହା ତଥା ରାଜା ବୀରକିଶୋରଙ୍କ ସମୟରେ ରାଜାଙ୍କ ଅଧୀନରେ ମନ୍ଦିରର ପରିଚାଳନା ଦାୟିତ୍ୱ ଥିବାରୁ ସେ ମନ୍ଦିରରେ ପ୍ରବେଶର ସୁଯୋଗ ପାଇଥିଲେ।

ପତିତ ଜନଙ୍କୁ କୋଳେଇ ନେବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ ବଡ଼ଦାଣ୍ଡକୁ ଓହ୍ଲାଇ ଥିବାବେଳେ ମନ୍ଦିରରେ ପ୍ରବେଶାଧିକାରକୁ ନେଇ ମନ ଭିତରେ ବିଭିନ୍ନ ପ୍ରସଙ୍ଗ ଉଠୁଛି । ୧୯୪୮ ମସିହା ଠାରୁ ଶ୍ରୀମନ୍ଦିରରେ ଦଳିତମାନଙ୍କ ପ୍ରବେଶା ଅଧିକାର ଉପରେ ଥିବା ଆଇନଗତ କଟକଣା ଉଠିଯାଇଥିଲେ ବି ସାମାଜିକ ଚଳଣୀର ଦୃଷ୍ଟିକୋଣକୁ ନେଇ ରାଜ୍ୟର ଅନ୍ୟ ମନ୍ଦିର ମାନଙ୍କରେ ଏହି ନିଷେଧାଦେଶ ଏଯାବତ୍ ବଳବତ୍ତର ରହିଛି । କିଛି ବର୍ଷ କେନ୍ଦ୍ରାପଡ଼ା ରାଜନଗର ଠାରେ ଜଗନ୍ନାଥ ମନ୍ଦିରରେ ଏହି ପ୍ରସଙ୍ଗକୁ ନେଇ ଚର୍ଚ୍ଚାର ପ୍ରସଙ୍ଗ ସୃଷ୍ଟି ହୋଇଥିଲା । ମନ୍ଦିରରେ ପ୍ରବେଶାଧିକାରକୁ ନେଇ ସାମ୍ବିଧାନିକ ଆଇନ ଓ ସାମାଜିକ କଟକଣା ଭିତରେ ବିଭିନ୍ନ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି । କେନ୍ଦ୍ରାପଡ଼ାର କେରଡ଼ାଗଡ଼ ସ୍ଥିତ ଜଗନ୍ନାଥ ମନ୍ଦିରରେ ୨୦୦୬ ମସିହାରେ ପ୍ରବେଶାଧିକାରକୁ ନେଇ ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ଭିତରେ ବିବାଦ ଜାତୀୟ କ୍ଷେତ୍ରରେ ଚହଳ ସୃଷ୍ଟି କରିଥିଲା । ସେହିପରି ୨୦୧୦ରେ ପୁରୀର ବ୍ରହ୍ମଗିରି ସନ୍ନିକଟ ରଣପଡ଼ାରେ ରହିଥିବା କାଳୀ ମନ୍ଦିରରେ ଦଳିତମାନଙ୍କ ପ୍ରବେଶାଧିକାରକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା । ୨୦୧୧ରେ କଂଗ୍ରେସ ନେତା ଜଗଦୀଶ ଟାଇଟେଲରଙ୍କ ଶ୍ରୀମନ୍ଦିର ପ୍ରବେଶକୁ ନେଇ (ଶିଖ୍ ସମ୍ପ୍ରଦାୟର ହୋଇଥିବାରୁ)ଅଭିଯୋଗ ବି ଉଠିଥିଲା ।

ପୁରୀର ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ଅଣହିନ୍ଦୁଙ୍କ ପ୍ରବେଶକୁ ନେଇ ବର୍ତ୍ତମାନ ସୁଦ୍ଧା ଚର୍ଚ୍ଚାର ଅନ୍ତ ହୋଇନାହିଁ । ପୁରୀ ଶ୍ରୀମନ୍ଦିରରେ କେବଳ ବ୍ରିଟିଶ ସରକାରର ଭାଇସରାୟ ଲର୍ଡ଼ କର୍ଜନ ନୁହଁନ୍ତି, ବିଶ୍ୱକବି ନୋବେଲ ବିଜେତା ରବୀନ୍ଦ୍ରନାଥ ଟାଗୋର, ସମ୍ବିଧାନ ପ୍ରଣେତା ଭୀମରାଓ ସାହେବ୍ ଆମ୍ବେଦକର, ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ, ଧର୍ମଗୁରୁ ଦଲାଇଲାମା, ଥାଇଲ୍ୟାଣ୍ଡର ରାଜକୁମାର ମହାଚକ୍ରୀ ସିରିନ୍‌ଧୋର୍ଣ୍ଣଙ୍କ ଭଳି ବିଶିଷ୍ଟ ଲୋକଙ୍କୁ ଅନୁମତି ମିଳିନଥିଲା । ୧୯୦୦ ମସିହାରେ କର୍ଜନ ସାହେବ, ୧୯୪୫ରେ ଆମ୍ବେଦକର, ୧୯୮୪ରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହୋଇଥିଲେ । ତେବେ ୨୦୦୫ରେ ବୌଦ୍ଧ ହୋଇଥିବାରୁ ଥାଇଲାଣ୍ଡର ରାଜକୁମାର ଜଗନ୍ନାଥଙ୍କ ଦର୍ଶନ ପାଇଥିବାବେଳେ ୧୯୮୪ରେ ଶ୍ରୀମନ୍ଦିର ଭିତରକୁ ନଯାଇ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ରଘୁନନ୍ଦନ ଲାଇବ୍ରେରୀର ଛାତ ଉପରୁ ଶ୍ରୀ ମନ୍ଦିର ଦର୍ଶନ କରିଥିଲେ । କିନ୍ତୁ ଇତିହାସ ପୃଷ୍ଠାରେ ଲିପିବଦ୍ଧ ତଥ୍ୟ ଅନୁଯାୟୀ ସନ୍ଥ କବୀର ଓ ନାନକ ମହାପ୍ରଭୁଙ୍କ ଦର୍ଶନର ସୁଯୋଗ ପାଇଥିଲେ । ୨୦୦୬ରେ ସୁଇଜରଲାଣ୍ଡର ଏଲିଜାବେଥ ଜିଗ୍‌ଲର ଶ୍ରୀମନ୍ଦିରକୁ ରେକର୍ଡ଼ ସଂଖ୍ୟକ ହୁଣ୍ଡିକୁ ଏକ କୋଟି ଅଠୋସ୍ତରୀ ଲକ୍ଷ ଦାନ ଦେଇଥିଲେ ମଧ୍ୟ ସେ ଜଣେ ଖ୍ରୀଷ୍ଟିଆନ ହୋଇଥିବାରୁ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିନଥିଲେ । ଇତିହାସର ତଥ୍ୟ ଅନୁଯାୟୀ ୧୯୫୮ରେ ଆମେରିକାନ୍ ଫ୍ରାଏରାଇଟ୍ ପୁରୀର ଶଙ୍କରାଚାର୍ଯ୍ୟଙ୍କ ଦର୍ଶନ କରିବା ସହିତ ମୁକ୍ତିମଣ୍ଡପ ଠାରୁ ବିଧିବଦ୍ଧ ଅନୁମତି ପାଇଥିଲେ । ସେ ପରମହଂସ ଯୋଗାନନ୍ଦଙ୍କ ଦୀକ୍ଷିତ ହୋଇ ହିନ୍ଦୁଧର୍ମ ଗ୍ରହଣ କରିବା ସହିତ ଦୟାମାତା ନାମରେ ପରିଚିତ ଥିଲେ । ଶ୍ରୀମନ୍ଦିରରେ ପ୍ରବେଶାଧିକାରକୁ ନେଇ ୧୯୫୫ ମସିହାରେ ଏକ ଆଇନ ପ୍ରଣୟନ ହୋଇଛି । ଶ୍ରୀଜଗନ୍ନାଥ ଟେମ୍ପୁଲ୍ ଆଇନ ୧୯୫୫(୩୦-ଏ, ୪-ବି ଓ ସି)ରେ ଲିପିବଦ୍ଧ ରହିଛି । ବିଭିନ୍ନ ସମୟରେ ଧରାନପଡ଼ି ମନ୍ଦିର ଭିତରକୁ ପଶିଯାଇଥିବା କିଛି ଅନ୍ୟଧର୍ମର ଲୋକଙ୍କୁ ନେଇ ଶ୍ରୀମନ୍ଦିରରେ ଉତ୍ତେଜନା ସୃଷ୍ଟି ହୋଇଥାଏ । ଭାରତୀୟ ସମ୍ବିଧାନର ୧୪, ୧୫ ଓ ୧୯ ଧାରାରେ ବ୍ୟକ୍ତି ସ୍ୱାଧୀନତା ଓ ବ୍ୟକ୍ତି ଅଧିକାର ଉଲ୍ଲେଖ ଥିଲେ ବି ସାମାଜିକ ବିଧିବ୍ୟବସ୍ଥା ମନ୍ଦିରର ପ୍ରବେଶାଧିକାର କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରୁଛି (!) ୧୯୩୪ରେ ଜାତିର ପିତା ମହାତ୍ମା ଗାନ୍ଧିଜୀ ଶ୍ରୀମନ୍ଦିରରେ ଅନ୍ୟଧର୍ମର ଲୋକ ତଥା ଦଳିତଙ୍କୁ ପ୍ରବେଶ କରାଇବା ନେଇ ଉଦ୍ୟମ କରିଥିଲେ ବି ମନ୍ଦିର କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ପାଇନଥିଲେ । ତେବେ ଏହା ବିରୋଧରେ ସେ ସିଂହଦ୍ୱାର ଠାରୁ ହିଁ ହରିଜନ ପଦଯାତ୍ରା ଆରମ୍ଭ କରିଥିଲେ । ତେବେ ୧୯୪୮ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡଃ.ମହତାବ ଶ୍ରୀମନ୍ଦିରରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରି ଦଳିତମାନଙ୍କୁ ପ୍ରବେଶାଧିକାର କରାଇଥିଲେ । ୧୯୭୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସ ଅଣହିନ୍ଦୁଙ୍କ ମନ୍ଦିରପ୍ରବେଶାଧିକାରକୁ ବିରୋଧ କରି ନିଜେ ମହାପ୍ରଭୁଙ୍କୁ ଦର୍ଶନ କରିନଥିଲେ ।

ପ୍ରଶ୍ନ ଉଠୁଛି ଜଗତରନାଥ ଭାବେ ପରିଚିତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଜାତି ଓ ଧର୍ମର ବାଧକ ରହିବା ଉଚିତ କି ? ଗବେଷକମାନେ ଶ୍ରୀମନ୍ଦିର ପ୍ରତିଷ୍ଠା ବେଳେ କଟକଣା ନଥିଲା ବୋଲି କହୁଛନ୍ତି । ଇତିହାସର ତଥ୍ୟ ଅନୁଯାୟୀ ଷଷ୍ଠଶତାବ୍ଦୀର ରକ୍ତବାହୁ ଠାରୁ ବିଭିନ୍ନ ସମୟରେ ବିଧର୍ମୀ ଶକ୍ତିମାନେ ମନ୍ଦିର ଉପରେ ଆକ୍ରମଣ କରି ଧ୍ୱଂସବିଧ୍ୱଂସ କରିଛନ୍ତି । ଜଗନ୍ନାଥଙ୍କ ଉପରେ ୧୮ଥର ଆକ୍ରମଣ ହୋଇଥିବାବେଳେ ମହାପ୍ରଭୁ ୨୧ଥର ଶ୍ରୀମନ୍ଦିର ବାହାରେ ଏକ ପ୍ରକାର ଅଜ୍ଞାତବାସରେ ରହିଛନ୍ତି । ୧୭୦୦ ଶତାବ୍ଦୀର ବାମଦେବ ସଂହିତା ଓ ୧୮୦୦ ଶତାବ୍ଦୀର ନିଳାଦ୍ରୀ ମହୋଦୟ ପୁସ୍ତକରେ ଅଣହିନ୍ଦୁମାନଙ୍କ ପ୍ରବେଶାଧିକାରକୁ ନେଇ କଟକଣା ସମ୍ପର୍କରେ ତଥ୍ୟ ଲିପିବଦ୍ଧ ରହିଛି । ଇଂରେଜ ଶାସନାଧୀନ ସମୟରେ ପୁରୀର କଲେକ୍ଟର ଥିବା ଗ୍ରୁମ୍ ସାହେବ ସ୍ୱୟଂ ଆଇନ କରିଥିଲେ ଯେ କେବଳ ଅର୍ଥୋଡକ୍ସ ହିନ୍ଦୁମାନେ ଜଗନ୍ନାଥ ମନ୍ଦିରକୁ ପ୍ରବେଶ କରିପାରିବେ । ଦୁନିଆରେ ଗୋଟିଏ ଜାତି ତାହା ହେଉଛି ମଣିଷ ଜାତି ଆଉ ଗୋଟିଏ ଧର୍ମ ତାହା ବି ହେଉଛି ମାନବିକତାର ଧର୍ମ । ବିଶାଳ ହୃଦୟରେ ଦିବ୍ୟ ପ୍ରଦତ୍ତ ଉଦାରତାର ଦ୍ୱାର ପ୍ରଶସ୍ତ କରି ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ଯେ ଭାରତୀୟ ଏହା ଭୁଲିବା ଉଚିତ ହେବନାହିଁ । ଏହି ପ୍ରସଙ୍ଗରେ ବର୍ତ୍ତମାନର ଯୁଗପୁରୁଷୋତ୍ତମ କଲକୀ ବିଗ୍ରହ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସାନ୍ତାଳ ମାନଙ୍କର ମନ୍ଦିର ପ୍ରବେଶ ସମ୍ବନ୍ଧରେ ମତ ପ୍ରକାଶ କରିକହିଲେ - ମୋର ମନେହୁଏ, ମନ୍ଦିରରେ ବିଗ୍ରହର ବେଦୀ ଯଦି ଉଚ୍ଚରେ ହୋଇଥାଏ ଓ ସମ୍ମୁଖରେ ଏକ ନାଟ ମନ୍ଦିର ଥାଏ, ତାହାଲେ ସେଠାରେ ସମସ୍ତ ଭକ୍ତବୃନ୍ଦ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଉପସ୍ଥିତ ହେବେ ଏବଂ ସେମାନଙ୍କର ଅର୍ଘ୍ୟ ଆଦି ବହନ କରି ବିଗ୍ରହର ଚରଣରେ ଉତ୍ସର୍ଗ କରିବା ପାଇଁ ପୁରୋହିତମାନେ ଏକ ପାର୍ଶ୍ୱ ରାସ୍ତା ଦେଇ ବିଗ୍ରହ ଚରଣରେ ନିବେଦନ କରିପାରିବେ। କେହି ବ୍ୟକ୍ତି ବିଗ୍ରହ ବା ପ୍ରତୀକଙ୍କୁ ସ୍ପର୍ଶ କରିପାରିବେ ନାହିଁ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଜାତି, ଧର୍ମ, ବର୍ଣ୍ଣ ଅପେକ୍ଷା ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସଦାଚାରକୁ ଗୁରୁତ୍ୱ ଦେଇ କହିଛନ୍ତି - ଭାରତ ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ, ତେବେ ସମ୍ପ୍ରଦାୟଗତ ବିରୋଧ ଭୁଲି, ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧାସମ୍ପନ୍ନ ହୁଅ ଆଉ ତୁମର ମୂର୍ତ୍ତ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ, ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର, ଯେଉଁମାନେ ତାଙ୍କୁ ଭଲପାଆନ୍ତି । କାରଣ, ପୂର୍ବବର୍ତ୍ତୀଙ୍କୁ ଅଧିକାର କରି ହିଁ ପରବର୍ତ୍ତୀଙ୍କର ଆବିର୍ଭାବ।

*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୧୪

"କୋଳାଗ୍ରତ କରି ବୋଲନ୍ତି ହାଡ଼ିପା ଏ
କର୍ମ କିମ୍ପା ରାଜନ।
ନୀଚକୁଳେ ମୁହିଁ ଜନମ ଲଭିଛି କିମ୍ପା ଧର
ମୋ ଚରଣ ॥"

ମାତାଙ୍କ ମୁଖକୁ ଚାହିଁ ପୁତ୍ର ଗୋବିନ୍ଦ କହିଲେ- ହେ'ମାତା, ତୁମ୍ଭ ଦିବ୍ୟ କଲ୍ୟାଣ ଓ ହାଡ଼ିପାଙ୍କର ତପଶକ୍ତି ଦେଖି ମୋର ଚିତ୍ତ ସଂସାର ମୋହଭ୍ରମରୁ ମୁକ୍ତ ହୋଇଛି। ଏବେ ତୁମ୍ଭ ଚରଣରେ ପଡ଼ି ଭିକ୍ଷା ମାଗୁଛି, ଯୋଗୀର ସରଞ୍ଜାମ ସବୁ ଯୋଗାଇ ଦିଅ,ଗୁରୁ ହାଡ଼ିପା ଅନ୍ତର୍ଜ୍ଞାନ ଦିଅନ୍ତୁ। ପୁତ୍ରର ଉତ୍କଣ୍ଠା ବଚନରେ ପ୍ରୀତ ହୋଇ ମୁକ୍ତାଦେଈ କହିଲେ, ହେ'ଗୋବିନ୍ଦାଇ,ଏବେ ତୋର ପ୍ରତୀକ୍ଷାର ଅନ୍ତ ଘଟିଛି। ଏବେ ଚାଲ ଦେଖିବା ଗୁରୁ କିପରି ଅଛନ୍ତି ! ଏଇକ୍ଷଣି,ଏଇ ନିଶାର୍ଦ୍ଧରେ ଗୁରୁଙ୍କର ଶରଣ ନେଇଯାଅ ପୁତ୍ର। କାଲି ପ୍ରଭାତରୁ ଅମରପୁର ଅଭିମୁଖେ ଯାତ୍ରା ଆରମ୍ଭ କର ! ଚାଲ ପୁତ୍ର, ଫୁଲ ଚାଙ୍ଗୁଡ଼ି, ବଟାଚନ୍ଦନ,ରାମ ତିଳକ ଧରି ଏଇ ମୁହୂର୍ତ୍ତରେ ଗୁରୁଙ୍କ ନିକଟକୁ ଚାଲ। ତୋର ଚେତନା, ମୋର କଲ୍ୟାଣ, ଗୁରୁଙ୍କ ଦୀକ୍ଷା ପରେ ଆଗକୁ ଆସିବେ କ୍ଷୀରସାଗରବାସୀ ଅନନ୍ତ ନାରାୟଣ ! ଯାହାଙ୍କ ସଙ୍ଗରେ ନିତ୍ୟଲୀଳା କଲେ ଜୀବ ଭବସାଗର ପାର ହୋଇଥାଏ,ସେଇ ବିଷ୍ଣୁଙ୍କ ବିନୁ ଅମରବର କାହୁଁ ମିଳିବ !

ମାତାଙ୍କ ମଧୁର ବଚନରେ ତୃପ୍ତ ହୋଇ ଯୁବରାଜ ଗୋବିନ୍ଦ ହାଡ଼ିପାଙ୍କର ତପଶକ୍ତିକୁ ସ୍ମରଣ କଲେ। ରାତ୍ରଅର୍ଦ୍ଧରେ ଫୁଲଚାଙ୍ଗୁଡ଼ି ଧରି ଦୀନହୀନ ବେଶରେ ମାତାଙ୍କ ପଛରେ ପାଦ ଥାପିଲେ। ନଅର ରକ୍ଷୀଙ୍କୁ ଲୁଚି ଛପି ମାତା ପୁତ୍ର ଦୁହେଁ ଚଣ୍ଡାଳ ସାହିରେ ପହଞ୍ଚିଲେ। ହାଡ଼ିପା ଯୋଗବଳରେ ଏ କଥା ଜାଣି ପାରିଲେ ! ଯାହାଙ୍କର ଅନ୍ନରେ ପ୍ରତିପାଳିତ ହୋଇ ଅଭିଶପ୍ତ ଜୀବନ ବିତାଉଛନ୍ତି,ସେଇ ଅନ୍ନଦାତ୍ରୀ ମାତା ମୁକ୍ତାଦେଈ ଆସୁଛନ୍ତି ସୂଚନା ପାଇ ହାଡ଼ିପା ବିସ୍ମୟରେ ଦାଣ୍ଡବେରଣ୍ଡା ଯାଏଁ ଚାଲି ଆସିଲେ। ନଗର ପ୍ରଜାଙ୍କ ନିଦ୍ରାଚ୍ଛନ୍ନ ବେଳାରେ ଏକାକୀ ମାତା ପୁତ୍ରଙ୍କୁ ଦେଖି ହାଡ଼ିପା ଏହାର ରହସ୍ୟ ଠଉରାଇ ପାରିଲେ ନାହିଁ। ସେ ରାଜା ଓ ରାଜମାତାଙ୍କୁ ପ୍ରଣିପାତ କରିବା ପୂର୍ବରୁ ମୁକ୍ତାଦେଈ ହାଡ଼ିପାଙ୍କ ପାଦ ସ୍ପର୍ଶ କରି କହିଲେ,ହେ'ମହାଜ୍ଞାନୀ,ଆମ୍ଭେ ମାତା ପୁତ୍ର ମୁନିବ ଭାବ ନେଇ ଆସିନାହୁଁ। ମୋର ପୁତ୍ରକୁ ଦୀକ୍ଷା ଦେଇ ମୋକ୍ଷପଥରେ ବାହି ନେବା ଉଦ୍ଦେଶ୍ୟରେ ନିବେଦନ କରିବା ପାଇଁ ଆସିଛି। ହେ'ସିଦ୍ଧଯୋଗୀ,ତୁମ୍ଭର ଅତୀତ ବର୍ତ୍ତମାନର ଘଟଣାକ୍ରମ ମୋର ଗୁରୁ ଗୋରେଖ ଗୋସାଇଁଙ୍କ ମୁଖରୁ ଶୁଣିଥିଲି। ସେଇ ଗୋରେଖଙ୍କ ଆଜ୍ଞାରେ ଆଜି ତୁମ୍ଭ ନିକଟକୁ ଧାଇଁ ଆସିଛି। ମୋର ବିନମ୍ର ନିବେଦନ ଗ୍ରହଣ କର ଋଷିପୁତ୍ର। ଏକଇର ବଳା ବିଶିକେଶନ ପୁତ୍ର ଗୋବିନ୍ଦକୁ ସଂସାର ବନ୍ଧନରୁ ମୁକ୍ତ କରି ଜୀବନ ମରଣ ବିପତ୍ତିରୁ ରକ୍ଷା କର ମହାଭାଗ ! ଏଇ ଚତୁର୍ଦ୍ଦଶୀର ନିଶାର୍ଦ୍ଧରେ ତୁମ୍ଭ ଚରଣରେ ମୋର ପୁତ୍ରକୁ ଶରଣ ଦିଅ। ରାତ୍ରିପାହିଲେ ପରମ କଲ୍ୟାଣମୟୀ ଜ୍ଞାନଦାତ୍ରୀ ମହାକାଳୀଙ୍କର ପୂଜା ଉତ୍ସବ ପାଳନ ହେବ। ଏଇ ମାହେନ୍ଦ୍ରବେଳାରେ ରାଜା ଗୋବିନ୍ଦକୁ ଶିଷ୍ୟେ ଗୋବିନ୍ଦ ଭାବରେ ଗ୍ରହଣ କରି ଐଶ୍ୱରୀକ ପଥରେ ନେଇ ଚାଲ।

ମାତାଙ୍କ ଆଜ୍ଞାରେ ଯୁବରାଜ ଗୋବିନ୍ଦ ଅଜ୍ଞାନ ବାଳୁତ ପରି ହାଡ଼ିପାଙ୍କ ପାଦତଳେ ଫୁଲଚନ୍ଦନ ଦେଇ ସାଷ୍ଟାଙ୍ଗେ ପ୍ରଣିପାତ କଲେ। ହାଡ଼ିପା କିଛି ବୁଝି ନ ପାରି ଯୁବରାଜଙ୍କୁ ବକ୍ଷଦେଶକୁ ଟେକି ନେଇ କହିଲେ-ହେ'ଯୁବରାଜ,ନୀଚକୁଳରେ ମୋର ଜନ୍ମ। ତୁମ ରାଜପ୍ରାସାଦର ମଇଳା ଉଠାଇ ତୁମ୍ଭ ଦାନାପାଣିରେ ଜୀବନ ବଞ୍ଚାଇଛୁ। ତୁମେ ରାଜପୁତ୍ର ହୋଇ ମୋ ଭଳି ଚଣ୍ଡାଳର ଗୋଡ଼ ଧରିବା ଅଶୋଭନୀୟ। ଲୋକଲୋଚନରେ ତୁମେ ରାଜା,ମୁଁ ସେବକ। ବହୁ ଉର୍ଦ୍ଧ୍ୱରେ ରହି ରାଜ କାର୍ଯ୍ୟ ସଂପାଦନ କରୁଛ। ତୁମ୍ଭ ପାଇଖାନା ସଫା କଲେ ମୋର କଲ୍ୟାଣ ହେବ। ତୁମ୍ଭେ ମୁନିବ ହୋଇ ପାଦ ଧରିଲେ ମୋର ବଡ଼ ପାପ ହେବ। ସେପରି କର ନାହିଁ ରାଜା। ତହିଁପରେ କରଯୋଡ଼ି ମୁକ୍ତାଦେଈଙ୍କୁ ବିନୟ ବଚନରେ କହିଲେ,ହେ'ରାଣୀମାତା, ତୁମ୍ଭେ ରାଜମାତା ହୋଇ ଏପରି ନିଷ୍ପତ୍ତିରେ ଅବତୀର୍ଣ୍ଣ ହେଲ କିପରି ? ତୁମ୍ଭର ଏକମାତ୍ର ଉତ୍ତରାଧିକାରୀ ରାଜପୁତ୍ର ହେବ ଯୋଗୀ,ଏହା ତ ବିପରୀତ ବୋଧ ହେଉଛି ! ରଜୋଗୁଣଧାରୀ ପ୍ରଜାପାଳକ ରାଜା ଭଗବାନଙ୍କର ସ୍ୱରୂପ। ସତ୍ତ୍ୱଗୁଣ ଧରି ଯୋଗୀ ହେବା ସହଜ କଥା ନୁହେଁ। ଅନ୍ୟପକ୍ଷରେ ରାଜ୍ୟ ସମ୍ଭାଳିବ କିଏ ? ଏତେ ବଡ଼ରାଜ୍ୟ,ପ୍ରଜାଗଣ, ଯୁବାରାଣୀମାନଙ୍କ ଅବସ୍ଥା ଅସମ୍ଭାଳ ହେଲେ ସେମାନଙ୍କୁ କିଏ ସୁରକ୍ଷା ଦେବ ? ସର୍ବୋପରି ତୁମ୍ଭର ବୈଧବକାଳରେ କାହା ସାହାରାରେ କାଳଯାପନ କରିବ ? ହାଡ଼ିପାଙ୍କ ବଚନ ଶ୍ରବଣ କରି ମୁକ୍ତାଦେଈ ଚକ୍ଷୁରୁ ଲୋତକ ଝରାଇଲେ। ବାଷ୍ପରୁଦ୍ଧ କଣ୍ଠରେ କହିଲେ- ହେ'ଯୋଗୀବର,ଦୁନିଆ ଜାଣେ ତୁମ୍ଭେ ସାମାନ୍ୟ ଚାକରପଣରେ ଦିନ ବିତାଉଛ। ତୁମ୍ଭେ ଜଣେ ମହାନ ସିଦ୍ଧଯୋଗୀ ତାହା କେବଳ ଆମ୍ଭେ ମାତା ପୁତ୍ର ଜାଣିଛୁ। ଅଭିଶାପ ଦ୍ୱାରା କେବଳ ଶରୀର ବଦଳିଯାଏ। ମାତ୍ର ବିଭୁଜ୍ଞାନ ଅକ୍ଷୁର୍ଣ୍ଣ ରହିଥାଏ। ତୁମ୍ଭେ ସେହିଭଳି ଜଣେ ତ୍ରିକାଳଦର୍ଶୀ,ମହାପୁରୁଷ। ତୁମ୍ଭେ ଯୋଗବଳରେ ସଭିଙ୍କ ଅନ୍ତଃକଥା ଜାଣିପାର ! ମୋର ପୁତ୍ରର ଜୀବନ ଆଗରେ ଧନଭଣ୍ଡାର,ରାଜ୍ୟ,ରାଜପଣ,ଏ ସବୁ ପାର୍ଥିବ ବସ୍ତୁ ତୁଚ୍ଛ ମନେ ହୁଏ। କାଳଫାଶରେ ପୁତ୍ରର ଜୀବନ ଚାଲିଯାଉ ଅଥବା ତୁମ୍ଭ କୃପାରୁ ଅମରପୁରରେ ବାସ କରୁ,ଅଳ୍ପବୟସରୁ ସିଂହାସନ ତ୍ୟାଗ କରିବା ନିମନ୍ତେ ବିଧାତା ତାର ଲଲାଟପଟରେ ଲେଖିଛନ୍ତି,ତାହା ସ୍ୱଚକ୍ଷୁରେ ପାଠ କରିବା ପରେ ଏପରି ଦିବ୍ୟତ୍ୱ ସନ୍ଧାନପଥରେ ପାଦ ଥାପିଛୁ। ହେ'ବ୍ରହ୍ମଜ୍ଞାନୀ,ମୋର ବିନତୀ ଗ୍ରହଣ କର। ବିଧାତାର ଏଇ ମାୟାଖେଳରୁ ମୋର ପୁତ୍ରକୁ ରକ୍ଷା କରିବାକୁ ଚାହୁଁଛି। ରାଜରାଣୀ ନୁହେଁ, ଜଣେ ମା'ର କର୍ତ୍ତବ୍ୟ ବୋଧତା ନେଇ ତୁମ୍ଭ ଶରଣ ନେଉଛୁ। ମୋର ଏଇ ଅଜ୍ଞାନ ପୁତ୍ରକୁ ସଦ୍‌ଜ୍ଞାନ ଦେଇ ମହାସଂକଟରୁ ଉଦ୍ଧାର କର ! ହରି ଓଁ ତତସତ୍ !

*ଦୂରଭାଷ-୯୭୬୮୭୩୧୨୫୭*




ଏବେ ରାତି ଦଶଟା ହେଲାଣି! ଗାଁରେ ସମସ୍ତେ ଖାଇପିଇ ସାରି ଟି.ଭି ଦେଖୁଥିବେ। ବାପା ଆଜି ଖୁବ୍ ରାଗିଲେ ମୋ ଉପରେ। ତାଙ୍କ ମନଶାନ୍ତ ହେଲା ପରେ ଅବା ତୁ କହିପାରୁ ଗାଳି କରି ଥକିଗଲା ପରେ ଖାଇକି ଶୋଇବାକୁ ଗଲେ। ଅବଶ୍ୟ ମୁଁ ଜାଣେ ସେ ଶୋଇନଥିବେ। ବଡବଡ ହେଉଥିବେ ମନକୁ ମନ। ଅଭିଆଡୀ ଝିଅର ବାପମାନଙ୍କୁ ନିଦ ହୁଏନି ବୋଲି ଶୁଣିଥିଲି ଦେବା। ଆଜି ଅଙ୍ଗେ ନିଭାଉଛି! ତୁ ହୁଏତ ପଢୁଥିବୁ। ନିଦ ଆସିବାକୁ ଡେରିଥିବ ବୋଲି। ଶୋଇଲାବେଳେ ତୋର ପଢିବା ଅଭ୍ୟାସ ବୋଲି ଏବେ ବି ମନେ ଅଛି ମୋର। ତୋ ଅଫିସ୍‌ରୁ ଫେରି ମନପସନ୍ଦର ଜିନିଷ ଖାଇଥିବୁ ନିଶ୍ଚୟ। ଠିକ୍‌ରେ ଦେହର ଯତ୍ନ ନେଉଥିବୁ। ହଁ ସେଠି ଚାକର ପୂଜାରି ସମସ୍ତେ ବନ୍ଧା ଥିବେ..ଏ ଉଙ୍କୁଣୀ ମୁଣ୍ଡି କଥା ପଚାରେ କିଏ ଯେ!

ତୋର କଣ ମନେଥିବ ମୋ ହାତ ତିଆରି ଶାଗଭଜା କି ଚକୁଳି ପିଠାର ସ୍ୱାଦ କି ତୁ ରାଗିକି କିଛି କହିବା ପରେ ମୋର ବତୁରି ଯାଉଥିବା ଆଖି। ତୁ କାଳେ ମୋ ଲୁହ ଦେଖିଦେବୁ ବୋଲି ମୁଁ ଅଣିନିଶ୍ୱାସୀ ହୋଇ ଧାଏଁ ତୋଠୁ ଦୂରକୁ। ଏକାକୀ ହୋଇ ଢେର୍ କାନ୍ଦେ। ମୋ ଭିତରର କୋହକୁ ମାରି ମୁଁ ବାରିସାରା ବୁଲେ। ହେଲେ ମଝିରେ ମଝିରେ କଇଁ ଉଠେ ବୋଲି ବାପା ପଚାରନ୍ତି- କିଏ କଣ କହିଲା କି ତୋତେ? ନା କନ୍ଦୁଥିଲୁ? ମୁଁ ତାକୁ ବୋକା ବନାଏ ସବୁବେଳେ। ଜୀବନଟା ସାରା ବାପାକୁ ମୋର ବୋକା ବନେଇଲି। ହେଲେ ଏବେ ଦେଖ୍ ମୁଁ ବୋକୀ ବନିଯାଇଛି ଆଉ ବାପା...! ବାପା ପରାସ୍ତ..!

ମନକୁ ବୁଝାଇ କିଛି ସମୟ ପରେ ତୋରି ପାଖରେ ପୁଣି ପହଂଚେ। ତୋତେ ଜଣାଇଦିଏ ଯେ ମୁଁ ଆସିଛି। ହେଲେ ତୁ ତ ସବୁବେଳେ ପ୍ରତିକ୍ରିୟାହୀନ। ମୋର ସୁଖ କି ଦୁଃଖ ତୋତେ ଛୁଇଁପାରନ୍ତିନି। ମୋର ଆବେଗ କି ଅଭିମାନ ତୋତେ ଆନମନା କରିପାରନ୍ତିନି! ମୋର କୋହ କି ଲୁହ ତୋତେ ବଦଳାଇ ପାରନ୍ତିନି। କାହିଁକି ଦେବା? ମୁଁ କଣ ତୋତେ ଭଲ ପାଇବାକୁ ଅକ୍ଷମ? ତୋଠାରୁ କିଛି ଆଶା କରିବାଟା କଣ ମୋ ପାଇଁ ପାପ? ଦେବା କି ଭୁଲ୍ କରିଥିଲି ମୁଁ? ଯେଉଁ ବୟସରେ ଆମେ ସାଙ୍ଗ ହୋଇଥିଲେ ସେ ବୟସରେ କଣ କାହା ଉପରେ ଏତେ ରାଗିପାରନ୍ତି? ଏତେ କଣ କାହାକୁ ଘୃଣା କରିପାରନ୍ତି? ଆମ ପିଲାଳିଆମୀ ଭିତରେ ଘୃଣା କୋଉଠି ଥିଲା କହିପାରିବୁ? ହେଲେ ମୋ ଭଳି ବୋକୀଟେ ହାରିଗଲା।

ତିରସ୍କୃତ ହୋଇ ବି ଦେଖ୍ ତୋ ବାଟକୁ ଆକୁଳ ପ୍ରତୀକ୍ଷା ପରିଛି! ବିକଳ ହୋଇ ତୋ ଭଲ ପାଇବାକୁ ଚାହିଁ ବସିଛି! ଏତେବର୍ଷ ବିତିଗଲାଣି। କେତେମାସ ବି ଚାଲି ଗଲାଣି ହିସାବ କରିନି ମନକଷ୍ଟ ହେବ ବୋଲି! ଏତିକି ଜାଣୁଛି ବହୁତ୍ ଡେରି..! କିନ୍ତୁ ତୁ ସେପଟେ ମାୟାନଗରୀରେ..ଯେଉଁଠୁ କେହି କେବେ ଫେରନ୍ତିନି! ମୁଁ ଜାଣିସାରିଲେ ବି ବିଶ୍ୱାସ କରିପାରୁନି। ହେଲେ ଏଠି କାହା କଡେଇର ଛୁଙ୍କ ବାସ୍ନା ସାରା ଗାଁକୁ ଖେଳିଯାଏ। ତୁ ସେଠି ପ୍ରଶସ୍ତିର ବାନା ଉଡାଉଛୁ। ଆଉ ମୁଁ ଏଠି ତତଲା ଲୁହରେ ନିଜ ମନକୁ ଫୋଟକା କରିଚାଲିଛି! ତୁ ସେଠି ନିଜ ସଫଳତା ଭିତରେ ବିସ୍ମୃତ। ମୁଁ ଏଠି ତୋ ଚିନ୍ତନ ଭିତରେ..! ତୁ ସେଠି ଜୀବନକୁ ଉପଭୋଗ କରୁଛୁ ଆଉ ମୁଁ..! ମୁଁ ତୋତେ ଅନୁଭବ କରି ଜୀଉଁଛି। ଆମ ଭିତରେ ଢେର୍ ଗୁଡେ ପାର୍ଥକ୍ୟ,ବୈଷମ୍ୟ। କିନ୍ତୁ ମୋର ଦୁର୍ଭାଗ୍ୟ ଯେ ମୁଁ ସେଥିରୁ ମୁକୁଳି ଯାଇପାରୁନି।

ଦେବା,ଜାଣୁ ପ୍ରତିଦିନ ଅଭ୍ୟାସ କରି ଏମିତି ଅନାବନା କଥା ବଖାଣି ତୋ ପାଖକୁ ଚିଠି ଲେଖେ। ମୋ ଭଲପାଇବାକୁ ତୁ କେବେ ମର୍ମେ ମର୍ମେ ଅନୁଭବ କରିପାରିବୁ ବୋଲି ଆଶା କରି ଏ ଚିଠି ସବୁ ଲେଖୁନି। ଲେଖୁଛି ମୋ ଭିତରର ଅନାବିଳ ମମତାକୁ ସବୁ ଏ ନିର୍ଜୀବ କାଗଜ କଲମଙ୍କ ଜରିଆରେ ଝରାଇ ଦେବାକୁ। କାଳେ ସରିଯିବ ସବୁତକ ମୋହ। ତୁଟିଯିବ ତୋ ଉପରେ ଥିବା ସମସ୍ତ ଆକର୍ଷଣ! ହେଲେ ଏ ଅଲକ୍ଷଣା ମନକୁ ଦେଖ୍..ଯେତେ ଜଣାଉଛି ସେତେ ଡୁବୁଛି। ଯେତେ ଲେଖୁଛି ସେତେ ବାକି ରହିଯାଉଛି! ଏମିତି କଣ କେହି କାହାକୁ ଭଲପାଆନ୍ତି?

ଈଶ୍ୱର ଏ ପ୍ରେମକୁ କାଇଁ ତିଆରିଛନ୍ତି? କେତେ କଷ୍ଟ ଏଥିରେ..ଓଃ..ମୁଁ ଆଉ ପାରୁନି। ଛାତି ଭିତରେ କୋହର ହିମାଳୟ..ଝରିବାକୁ ସମସ୍ତ ରୋକ୍। ଆଖିରେ ସମୁଦ୍ର ଯାକର ଲୁହ। ହେଲେ ମାଟିର ସାମର୍ଥ୍ୟ ନାହିଁ ଧରି ରଖିବାକୁ। ଭାସିଯିବ ସବୁ। ଭାସିଯିବେ ମୋ ବାପା..ତୋ ଘର ଦ୍ୱାର ସବୁ! କଣ କରିବି କହ। କେମିତି ତୋ ଚିନ୍ତା, ଚେତନା, କଳ୍ପନା ଓ ସ୍ୱପ୍ନରୁ ମୁକ୍ତ ହେବି କହି ଦେଇ ଯା ଦେବା। ଦେବା..ଦେବା..ରେ। ଏ ଦେବା..ଶୁଣି ଯାଆ ଟିକେ ମୋ କଥା। କୋଉ ଭୁଲ୍ ପାଇଁ ଦଣ୍ଡ ଦେଉଛୁ? କୋଉଥି ପାଇଁ ଅଗ୍ନି ପରୀକ୍ଷା ଚାହୁଁଛୁ ମୋଠୁ? କହିଦେ’ ସବୁ ପରୀକ୍ଷା ଦେଇଦେବି। ମୋ ନିଶ୍ୱାସରେ ଏତେ ବିଶ୍ୱାସ ଅଛି ଯେ...ତୁ ଦେଖୁ ଦେଖୁ ବୁଝିଯିବୁ.. ତୋ ପାରୋର ମନଟା ପୁରା ସ୍ୱଚ୍ଛ! ହେଲେ ଥରୁଟେ ଆସିଲେ ସିନା..! ଦେବା..!! ଗୋଟେ ଚିତ୍କାରରେ ଥରିଗଲା ସେ ଅଂଚଳ!

ଚାରିଆଡ ନିସ୍ତବ୍ଧ। ରାତି ତିନିଟା ହେବ କି କଣ! ହୃଷି ଆଖିରେ ନିଦ ନାହିଁ। ସନ୍ଧ୍ୟାବେଳର ପାରୋର ମୂର୍ଚ୍ଛିତ ଚେହେରା ମନେପଡୁଛି। ଉଦାସ ଆଖି, ଥରଥର ଚାଲି, ବିକ୍ଷିପ୍ତ ବେଶବାସ,ନିଖୁରା କେଶ..କେମିତି ଗୋଟେ ଅସଂଭବ ନୀରବତାରେ ସେ ଭାଙ୍ଗିଗଲା ପରି ଲାଗୁଛି! କଣ ହୋଇଛି ତାର। କୋଉ ରହସ୍ୟ ଭିତରେ ସେ ବନ୍ଦୀ ରହିଯାଇଛି ଯେ..ସେଠୁ ଫେରିପାରୁନି। ଅସରନ୍ତି ପ୍ରଶ୍ନ ମନତଳେ। ଆଜି ସେ ତାକୁ କହିଥାନ୍ତା ନିଜ ମନକଥା। ତା ସମ୍ମତି ମାଗିଥାନ୍ତା! ଏମିତିରେ କେତେସବୁ ଭଲଭଲ ପ୍ରସ୍ତାବ ଆସୁଛି ତା ପାଇଁ। କିନ୍ତୁ ସେ ଅମଙ୍ଗ ହେଉଛି ସବୁ ପ୍ରସ୍ତାବରେ। କିନ୍ତୁ ତାର ଏଭଳି ପାଗଳୀ ରୂପ ଦେଖି କିଛି କହିପାରିଲାନି। ମନକଥା ମନରେ ରହିଗଲା।

ଭଲ ଲାଗୁନି। ମନଟା ମରିଯାଇଛି ଯେମିତି! ଯାହାପାଇଁ ଏତେସବୁ ସ୍ୱପ୍ନ ସେ ସ୍ୱପ୍ନ କାଇଁ ହୃଷି ଦେଖିପାରୁନି ତା ଆଖିରେ। ଛାତ ଉପରକୁ ଆସିଲା ସେ..! ଗୋଟେ ଶବ୍ଦର ଗହଗହ ନାଦରେ ଥରିଗଲା ରାତି..ବସାରୁ ଫଡ୍‌ଫଡ୍ ହୋଇ ଉଡିଗଲେ କେଇଟା ରାତି ଚଢେଇ। ହୃଷି ଚାହିଁଲା..ଅଶରୀରି ଆତ୍ମା ନୁହଁ ତ? ଏମିତି ରାତି ଅଧରେ ଡାହାଣି ଚିରୁଗୁଣୀ ମାନେ ଡାକ ଦିଅନ୍ତି। ଛାତି ଭିତରଟା ଥରିଗଲା। ପିଜୁଳି ଗଛର ଡାଳ ହଲୁଛି। ପବନ ବି ସେତେ ନାହିଁ ଡାଳ ଥରିବା ପରି! କୌଣସି ପ୍ରେତାତ୍ମା କି? କଦଳୀ ଗଛ ପାଖରୁ କିଛି ଶବ୍ଦ ଭାସିଆସୁଛି। କିଏ ହୋଇଥିବ। କାହାର ସେ ହୃଦଥରା ସ୍ୱର! କାହାର ଯନ୍ତ୍ରଣା ବିଜଡିତ ସ୍ୱର ଆଚ୍ଛନ୍ନ କରୁଛି ରାତିକୁ।

ଆଉ ଛାତରେ ନାରୀର ପ୍ରତିମୂର୍ତ୍ତି ନା ଛାୟା..! କାହା ଛାତ? ପାରୋର..! ସେ ପାରୋ ନା କୌଣସି ପ୍ରେତ? ନିରିଖେଇ ଚାହିଁଲା ହୃଷି। ନା ସେ ଛାଇ ହଲୁଛି। ଚାଲୁଛି.. ପୁଣି କେବେ ସିଡିଘରକୁ ଆଉଜି ପଡୁଛି। କାହାକୁ ଯେପରି ତାର ଏ ଅନ୍ତହୀନ ପ୍ରତୀକ୍ଷା..! ପାରୋର ଏଭଳି ରୂପ ଅଛି ତେବେ..! ତା ଭିତରର ଅସଂଖ୍ୟ ଆନ୍ଦୋଳନ ଅଗଣିତ ପାଗଳପଣ! କିନ୍ତୁ ଦେଖିଲେ ଲାଗେ ସେତେଯେପରି ଶାନ୍ତ..ସରଳ ନିରୀହ ଝିଅଟେ ସ୍ୱମନସ୍କ ହୋଇ ଚାଲୁଥାଏ ପାଦ ଗଣିଗଣି! ଆଗରୁ ସେ ହୁଣ୍ଡି ଝିଅଟା ହଠାତ୍ ଏମିତି ପରିବର୍ତ୍ତନ ହୋଇଗଲା କେମିତି! କେମିତି ତା ଭିତରେ ଉଇଁ ଉଠିଲା ଜୀବନର ଆଦ୍ୟ ଓ ଅସ୍ତରାଗର ରଙ୍ଗ! କେମିତି ସେ ଜାବୋଡି ଧରିଲା ସଂସାର ସଂରଚନାର ସମସ୍ତ କଳା କୌଶଳ। କଣ ଥିଲା ତା ଭିତରେ ଯାହା କାହା ଆଖିକୁ ଦିଶୁନି।

ଦୁଇଟା ଛାତ ଡେଇଁଲେ ତା ଛାତ। ଯାଇପାରିବ ତା ପାଖକୁ। ହେଲେ ସେ ଭୁଲ୍ ବୁଝିବନି ତ! ସାରା ସଂସାରଟା ନିସ୍ତେଜ ହୋଇ ପଡିଥିଲା ବେଳେ ଦୁଇଜଣ ଚେଇଁଥିଲେ। ସେ ଦୁଇଜଣ ପାରୋ ଓ ହୃଷି। ପାରୋ ନିଜ ଭିତରେ ଜୀବନ ସହିତ ଯୁଝିଲାବେଳେ ହୃଷି ପାରୋ ଭିତରେ ଜୀବନକୁ ଖୋଜୁଥିଲା। ସମସ୍ତେ ନିଜର ଭିନ୍ନ ଭିନ୍ନ ଦୁଃଖକୁ ନେଇ ବଂଚିବାର ବୃଥା ଅଭିନୟ କରୁଥିଲେ। ହୃଷି କିନ୍ତୁ ନିଶ୍ଚିତ ହୋଇଗଲା ଯେ ପାରୋ ସ୍ୱାଭାବିକ ଜୀବନ ଜୀଉଁନି। ତା ଭିତରେ ଅନେକ କିଛି ଯୁଦ୍ଧ ଚାଲିଛି! ତା ଭିତରେ ଆକାଶର ତାରାମାନଙ୍କ ପରି ଅସଂଖ୍ୟ ସମୀକରଣର ଗହଳି। ଏ ସମସ୍ତ ଚକ୍ରବ୍ୟୁହ ଭିତରୁ ତାକୁ ଆବିଷ୍କାର କରିବାକୁ ହେବ। ତା ଭିତରର ଦୁର୍ବଳତାକୁ ଉନ୍ମୋଚିତ କରିବାକୁ ହିଁ ହେବ। **(କ୍ରମଶଃ...)**

ବିଶେଷ କବିତା

# ବାଲିରଥ



ବଂଶୀଧର ଷଡଙ୍ଗୀ

ଅଭାବ ଅଣଭାବ ଭାବ ମହାଭାବ
ଏସବୁ ଅନୁଭବରେ ଥାଏ
କେତେବେଳେ କାହାଠି ଡେଣା ଲାଗିଯାଏ ଯେ
ସେ ଉଡିଯାଏ କୁଆଡେ ନା କୁଆଡେ
ସେ ଲୋକଟି କେବଳ କଷ୍ଟ ପାଇବା ସାରହୁଏ

ଭାବସମୁଦ୍ର କଥା ସେ ଲୋକଟି ଯଦି ଜାଣିଥାଆନ୍ତା
ତେବେ ଆମର ଜଣେ କବି ଓ ଭକ୍ତଙ୍କ ଭଳି
ତିନୋଟି ବାଲିରଥ ତିଆରି କରି
ଯାହାକୁ ଇଚ୍ଛା ତାକୁ ଅଟକେଇ ପାରିଥାଆନ୍ତା

ଜଣଙ୍କୁ ନ ଡାକିଲେ
ସେ କେମିତି ଜାଣିବ ଯେ ତମେ ତାକୁ ଲୋଡୁଛ ବୋଲି
ଏମିତି ପଚରା ପଚରିରେ ସିନା ସମ୍ପର୍କ ବଢ଼େ

ସକାଳ ହେଲେ କେହି କାହା କଥା ଭୁଲନ୍ତି ନି
କୁଆ କା କରିବା ଏବଂ ଚଢ଼େଇମାନେ
ଯେଝା ସ୍ୱରରେ ଗୀତ ଗାଇବା ଆଦି
କାହା ଦାୟିତ୍ୱରେ କେହି ହେଳା କରନ୍ତିନି
ଯିଏ ଯେଝା ଭାବରେ ଲିପ୍ତ ଥାଆନ୍ତି

ବାକ୍ୟଟିଏ ଲେଖିଲା ବେଳକୁ
ସେଥିରେ ବିଶେଷଣ କି କ୍ରିୟା
ରହିବ କି ନାଇଁ
ସେ କଥା ସେ ବାକ୍ୟର ଭାବ ଉପରେ
କାଳେ ନିର୍ଭର କରିଥାଏ
ଯେମିତି ଆମେ କୋଉବାଟେ ଯିବା
ସେକଥା ଆମ ଲକ୍ଷ୍ୟ ଉପରେ ପର୍ଯ୍ୟବେସିତ ଥାଏ

ଭାବକୁ ସବୁକଥା ନିକଟ
ଓ ଅଭାବକୁ ଦୂର ବୋଲି କୁହାଯାଇଥାଏ
ଆମ ଝରକା ଆରପଟ
ଛୋଟ ଆକାଶିଆ ଗଛଟି
ପବନରେ ଦୋହଲି ଗଲେ ବି
ପୁଣି ଠିଆ ହେବାକୁ ଚେଷ୍ଟା କରୁଥାଏ
ଯେମିତି ସଂଘର୍ଷ କରୁଛି ଉର୍ଦ୍ଧ୍ୱକୁ ଯିବାକୁ

ବଞ୍ଚିଥିବା ଯାଏ ଭାବ ଅଭାବ ଆଦି
କିଛି ଅପ୍ରାସଙ୍ଗିକ ନୁହେଁ
ପ୍ରତ୍ୟେକ ପ୍ରତ୍ୟେକଟି ଉପରେ ନିର୍ଭରଶୀଳ
ଜୀବନର ଅର୍ଥ ବୁଝିବାକୁ ହେଲେ
ବାଲିରଥର ପରିଭାଷା
ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ

■■

*ଗୁହାଳପଡା, ନିମାପଡା, ପୁରୀ, ପିନ୍-୭୫୨୧୦୬*




# ଏମିତିରେ ବଞ୍ଚିଛି

ମନୋରମା ବେହେରା



**ପ**ରିବାରଠୁ ଚାଲି ଆସିଛି ବହୁ ଦୂର
ଯଉବନର ଉତୁରା ବୟସଠୁ ବି
ମୋ ହସ ଖୁସିର ସାଙ୍ଗସାଥୀଙ୍କଠୁ
ମୋ ନିଜ ଛାଇଠୁ / ଚାକିରି ଜୀବନଠୁ
ଯାହାକୁ ନେଇ ସାତ ଜନ୍ମର ସ୍ୱପ୍ନ ଦେଖୁଥିଲି
ସେଇ ଦରଦୀ ବନ୍ଧୁଟିଏଠୁ / ବ୍ୟସ୍ତମୟ ଜୀବନଠୁ
କେବଳ ଟିକେ ତୋର ସେଇ
ଚହଲା ପାଣିର କୁଳୁକୁଳୁ ନାଦ
ବହି ଯାଉଥିବା ଝରଣାର ଶିରିଶିରି ଶବ୍ଦ
ତରଙ୍ଗର ଢ଼େଉ ଶୁଣିବା ପାଇଁ ଧାଇଁ ଆସିଛି।




ବହୁଦିନ କୋଳାହଳମୟରେ
ଚଲାବାଟ ସରିଯାଇଛି, ହିସାବ ନାହିଁ
ଗାଁର ସେ କୋଇଲିର କୁହୁତାନ
ମୁଁ ରହୁଥିବା ସହରରେ ଆଉ ଶୁଭୁନି
ଯାନ୍ତ୍ରିକ ଘୁ ଘୁ ଶବ୍ଦରେ ଛାତି ଧଡ଼ପଡ
ଶୁଭୁନି ଗାଉଁଲି ମାଇପିଙ୍କ କଣ୍ଠାବାଡରେ
ଲୁଗା ପକଉେ କଳି କରିବାର ରୋଳ
ନାଳିପାଣି ପିଇଥିବା ଲୋକର
ବିକୃତ ଚେହେରାକୁ ସାମ୍ନା କରିବାର
ସାହସ ନାହିଁ ତ ନିଜ ଭିତରେ ଭାଙ୍ଗିପଡୁଛି।
ତୋର ସେଇ ଶୀତଳ ପବନର ଛୁଆଁ
ଲୁଚି ରହିଥିବା ସ୍ମିତହାସ୍ୟକୁ ମୋର
କେତେ ଗୁଣ କଲ୍ଲୋଳିତ କରୁଛି ଯେ
ମନଛୁଆଁ ସ୍ୱରରେ ମୁଁ ଗୀତ ବୋଲୁଛି
ଟିକେ ଶାନ୍ତି ପାଇଁ ତୋ ନିକଟକୁ ଚାଲିଆସିଛି।

ନିଜ ଛାଇର ସେ ଉତପ୍ତ ନିଶ୍ୱାସ
ମୋ ଦେହକୁ କେବେଠୁ ବସ କରିନେଇଛି
ସଂସ୍କାରରେ ବନ୍ଧା ପଡିଛି ଜୀବନ
ସମାଜ କଟକଣା ପାଦରେ ଜଞ୍ଜିର ବାନ୍ଧିଚି
ପ୍ରତି ମୁହୂର୍ତ୍ତରେ ଜୀବନର ନାନା ରଙ୍ଗକୁ / ବାସ୍ନାକୁ
ଆଘ୍ରାଣ କରି ଚହଲା ପବନରେ ଦୋଳି ଖେଳୁଛି।

*ଡାବର, ନାଉଗାଁ ହାଟ, ଜଗତସିଂହପୁର*
*ମୋ : ୯୪୩୮୪୪୬୯୧୩*

# ଅଛିଣ୍ଡା ପ୍ରଶ୍ନ

ଆର୍ତ୍ତବନ୍ଧୁ ଦାସ




**ମୋ** ପରି ଅନାମଧେୟ,ଅଧମ ମନରେ କାହିଁକି ଯେ ଏପରି ଅମିମାଂଶିତ ଅଦମ୍ୟ ପ୍ରଶ୍ନ ଉଙ୍କି ମାରୁଛି ?

ସତରେ କଣ ଏ ପ୍ରଶ୍ନର କିଛି ସମାଧାନ ସମ୍ଭବ ?ନା ଏପରି ଯୁଗେ ଯୁଗେ ପୁନରାବୃତି ହୋଇ ଚାଲୁଥିବ ? ସୃଷ୍ଟିକର୍ତ୍ତା ପରମାତ୍ମା ତ ଅହେତୁକ କ୍ଷମାଶୀଳ ଦାନକର୍ତ୍ତା-ମାନବୋତ୍ତର ଇତର ପ୍ରାଣୀଙ୍କୁ ପ୍ରାକୃତିକ ନିୟମ ପାଳନରେ ଯଦିଚ ସ୍ୱେଚ୍ଛାଚାରୀ ବନାଇ ନାହାନ୍ତି ତେବେ କିଆଁ? ଶ୍ରେଷ୍ଠ ପ୍ରାଣୀ ବୋଲାଉଥିବା ମାନବ ସମାଜକୁ ଏପରିବାବେ ସାଧୀନତା ଦେଇ,ପ୍ରକୃତିକୁ ବିକୃତି କରିବାରେ ସହାୟକ ହୋଇଛନ ଆଉ ସତରେ କଣ ଏ ମଣିଷକଂ ଭିତରେ ଯେଉଂମାନେ ଉନ୍ନତ ଉଚ୍ଚତ୍ତର ପ୍ରଭାବଶାଳୀ କ୍ଷମତା ସମ୍ପନ୍ନ ସେମାନେ ଯେଉଁ ହାରରେ ସଦୁପଯୋଗ ପରିବତ୍ତେ ଦୁରୁପଯୋଗ କରିବାରେ ଅଭ୍ୟସ ତାର କଣ କିଛି ଅନ୍ତ ନାହ ନା ଯାର ପରିବତ୍ତନ ସମ୍ଭବ ନୁହେ ଇତର ପ୍ରାଣୀକଂ ଠାରେ ଯେମିତି ଧରାବନ୍ଧା ପ୍ରାକୃତିକ ନିୟମ କାନୁନ କାଯ୍ୟକାରି କାଇଂ ସେମାନେ ତ କେବେ ସେଥିରୁ ବହିର୍ଭୁତ ହେଉନାହାନ୍ତି ମଣିଷକଂ ଭିତରେ ଉଚଂ ନୀଚଂ ଧନୀ ଗରିବ ବଡ଼ ସାନ ଭାବେ କିମିତି ଜଳା ମୁଖୀ ? ଆଉବା ତାର ସଂଶୋଧନ କିଏ କାହିଂକି କରିବାକୁ ଚାହିଂବ ? ପିଢ଼ି ପରେ ପିଢ଼ି ଗତାନୁଗତିକ ପଦ୍ଧତିରେ ଏଇମିତି ହୋଇ ଚାଲିଥିବ ନା ଏବେ ଯେଉ ସୂଧୀନତା ସାମ୍ୟ ବାଦାର କୁହେଳିକା ଅପରିବର୍ତ୍ତନିୟ ଭାବେ ଯେମିତି ସେମିତି ତାର କାୟା ବିସ୍ତାରୁଥିବ ? ଦେଶ ଜାତି ସମାଜ କାହିଂକି କୋଉ ଥିରେ କେମିତି ସାଧୀନ ? ବାଦର ପ୍ରକୃତ ରୂପ ରେଖ କଣ ସମାନ ନହୋଇ ଦିନୁ ଦିନ ଯଥା ପୂବ ତଥା ପର ନୀତିରେ ଅବାରିତ ଧାରା ରେ ପ୍ରବାହ ମାନ ହେଉଥିବ ? ମଣିଷ ପରି ଅନ୍ୟ କେଉଂ ଜୀବ ଏତେ ସ୍ୱାର୍ଥାନ୍ଧ ନୁହଁନ୍ତି କାରଣ କଣ ଏଇୟା କି ମଣିଷ ଠାରେ ଅହଂକାର ପୂର୍ଣ୍ଣ ମାତ୍ରାରେ ବସା ବାନ୍ଧି ରହିଛି କିନ୍ତୁ ଅନ୍ୟ ପ୍ରାଣୀଙ୍କ ଠାରେ ଏପରି ଅନୁମେୟ ହେଉନି କାହିଁକି? କ’ଣ ଏହାର ପ୍ରକୃତ ସ୍ୱରୂପ? କିଏ କାହିଁକି ଏ ବିଷୟରେ ଗଭୀର ଭାବେ ଚିନ୍ତା କରିବ ବା ଚିନ୍ତା କରିବାକୁ ବେଳ କାହାପାଖରେ କାହିଁ? ଦେଖାଯାଉଛି ଅତତନ୍ତ୍ର ସର୍ବତ୍ର କିମିତି ବଡ଼ ହେବା? ସେ ବରଂ ଯେଉଁ ଉପାୟରେ ହେଉନା କାହିଁକି? ଆପେ ବଂଚିଲେ ବାପାର ନା” ବିଶେଷ କରି ଯୁଗୋପଯୋଗୀ ନୀତିରେ ରାଜନୀତି ହେଉଛି ଶ୍ରେଷ୍ଠ ନୀତି : ଯେଉଁଥିରେ କି କେବଳ ଧନ ସମ୍ପଦ ଭରିଥିବା ଲୋକ ହିଁ ପାରଙ୍ଗମ ଧନ ଯଦି ଅଛି - ରୂପ-ବିଦ୍ୟା-ବୁଦ୍ଧି-ବଳ ସବୁ ତା ପାଖରେ ମହଜୁଦ୍। ଆଉ କେବଳ ସେହି ଲୋକ ହିଁ ରାଜନୀତି କରିବା ପ୍ରାଜ୍ଜ୍ୟର୍ଯ୍ୟ କିଏ କେବେ କାହିଁ ଦେଖିଛି? କି ଅନୁଭବ କରିଛି ? ଯେ ଧନ ନଥାଇ ସାଧାରଣ ବର୍ଗର ଲୋକ ନିଜ ସୁ-ଗୁଣ ବଳରେ ଜନତାଙ୍କ ନିଜପଟକୁ ଆକର୍ଷି ଭୋଟ୍ ହାତେଇବାରେ ସଫଳ ହେବାର? ବା ତାର ଯେତକ ସୁ-ଗୁଣ କେଉଁ ଉପାୟରେ ପରିଷ୍ଫୁଟ ହୋଇ ପାରୁଛି ?ବରଂ ଯେ ଖାଲି ଶୂନ୍ୟ ମାହାଳିଆ ଅଲଣା ତୁଣ୍ଡରେ ଜନସେବା, ଲୋକସେବା ସମାଜ ସେବା କହି ବୁଲୁଛି କି ଆତ୍ମ ଯଶର ଡ଼ିଣ୍ଡିମ ପିଟୁଛି ସେ ହିଁ ଏ ଯଶପାଇଁ ପ୍ରକୃତ ରାଜନୈତିଜ୍ଞ କାହିଁକି ନା ବାଂଶ ପରମ୍ପରା ଆଭିଜାତ୍ୟକୁ ପ୍ରଦର୍ଶନ କରି ବର୍ତ୍ତମାନ ସେ ଏଇ ସ୍ଥିତିରେ, ତେଣୁ ସେ କିଆଁ ଏ ବା;ରେ ପଛେଇଯିବ?

ଭାରତୀୟ ନୀତି ପ୍ରଣୟନ -ବିଧାନ କାନୁନ ଆଇନ ସତେ ଯେ କେତେ ଯେ ମାୟାଜାଲ? ଯିଏ ଥରେ ଫସିଲା, ସେ ଆଉ କଦାପି ବାହାରିବା ପାଇଁ ମନ ବଳାଇବ ନାହିଁ। ପ୍ରାୟତଃ ଏଇ ପ୍ରକାର ଯେଉଁମାନେ ଲୋକ ସମ୍ମୁଖରେ କହି ବୁଲନ୍ତି। ପ୍ରକୃତପକ୍ଷେ ସେମାନେ ସାମୁହିକ ହେଉ ଅବା ବ୍ୟକ୍ତିଗତ ଅଧୁନା ସମାଜରେ ଯେଉଁ...... ଭଗବାନ ସୃଷ୍ଟିକର୍ତ୍ତା ତ ମଣିଷକୁ ସମାନ ଉପାଦାନ ଅସ୍ଥିମଜ୍ଜା ରକ୍ତ ମାଂସରେ ଗଢ଼ିଛନ୍ତି। ତେଣୁ ପ୍ରତ୍ୟେକଙ୍କ ଶରୀରରେ ସମାନ କୋଷିକା-ରକ୍ତକଣା ଇତ୍ୟାଦି ଇତ୍ୟାଦି। ବଞ୍ଚିରହିବାକୁ ପାଣି ପବନରେ କାହା ପାଇଁ କମି ବେଶୀ ପ୍ରତ୍ୟୟମାନ ହୁଏ କି? ସାଧାରଣ ଭାବେ ସଭ୍ୟ ଶିକ୍ଷିତ ଯଦି ଏତକ ଠିକ୍‌ଭାବେ ବୁଝିଛି-ତେବେ ଶାନ ଗାଦିରେ ବସିଲା ପରେ କେମିତି ଯେ ଯାକୁ ଭୁଲିଯାଉଛି? ନାର, ଭୁଲିବାଟା ଆଇନ ସମ୍ମତ? ନା ଏହା କାହା ସ୍ୱାର୍ଥରେ ଜଡ଼ିତ? ଖାଲି ସିନା ଶୂନ୍ୟ ମାହାଳିଆ ଅଲଣା କୁଣ୍ଡରେ ରସହୀନ ସ୍ଲୋଗାନ୍ ? କାର୍ଯ୍ୟକାରିତା କେତେଦୂର ସମ୍ଭବ ନା ଏଥିରେ କେଉଁ ଲୁଚାଛପା ଅଛି? ଭୋଜବାଜି କିମିୟା ବଳରେ ଯେମିତି ଯାଦୁଗର କ୍ଷଣିକ ପାଇଁ ହେଉନା, କାହିଁକି ଅଲୌକିକ ପ୍ରଦର୍ଶନ ପୂର୍ବକ ଲୋକମାନସକୁ ସ୍ତବ୍ଧ କରେ,ଠିକ୍ ତା ଦୃଶ ଏଇ ଆମ ତଥାକଥିତ ନେତା ମନ୍ତ୍ରୀ, ପ୍ରଶାସକ,ଶାସକ ଆଇନ୍ ରକ୍ଷକ କି ଅଭିନେତା କ୍ରିଡ଼ାବିତ୍ ହୁଅନ୍ତୁ ନା କାହିଁକି ? ସେମାନେ ସଦାସର୍ବଦା ଏ ନବ ସଭ୍ୟ ଆଧୁନିକ ଯୁଗରେ ଏତେ କମ୍ ରୋଜଗାରରେ କେମିତି ଯେ ଚଳିବା ? କାଇଁ କସ୍ମିନ କାଳେ ଏଇ ଯେଉଁ ବିଷମତା ସମ୍ବନ୍ଧେ ପାଟି ଖୋଲୁନାହାନ୍ତି? ଦେଶର ରାଜକୋଷରୁ ଆମ ପାଇଁ ଯେପରି ଖର୍ଚ୍ଚ ହେଉଛି ?.....ଦେଶ ଜାତି ଅଗ୍ରଗତି ପ୍ରଗତି ପାଇଁ ଆମେ ଏଇଥିରୁ କିଛି ଅଂଶ କାଟି ଜନତାକଂ ହୀତ ସାଧନ ନିମିତ୍ତ ବିନିଯୋଗ କରିବା ନା ମ ଏମିତି କେମିତି ହେବ ?ଏ ପରା ନବ ସଭ୍ୟ ଆଧୁନିକ ଯୁଗ ବରଂ ଯେଉଁମାନେ ଯାର ଆଲୋକରେ ଆଲୋକିତ ଏ ପର୍ଯ୍ୟନ୍ତ ହୋଇପାରିନାହାନ୍ତି,ସେମାନେ ସେମିତି ଅନ୍ଧାରରେ ଥିଲେ କ୍ଷତି ବା କଣ ? “ଖାଇଲା ପୁଅ ରଙ୍କ” ଯେଉଁମାନେ ପାଇନାହାନ୍ତି ସେମାନେ ସେମିତି ରହିଲେ କ୍ଷତି କ’ଣ? ସେମାନେ ତ ଯେନତେନ ବଞ୍ଚିଛନ୍ତି କି ନାହିଁ? ଈଶ୍ୱର ତାଙ୍କ ପାଇଁ ଯାହା ବିଧାନ କରିଛନ୍ତି, ନା? ୧- ନେତା ମନ୍ତ୍ରୀ ହେବାପାଇଁ ନୈତିକତା ଦୃଷ୍ଟିକୋଣରୁ ନିର୍ଦ୍ଧାରିତ କୌଣସି କିଛି ଯୋଗ୍ୟତା କି ଶିକ୍ଷାଦୀକ୍ଷାର ପ୍ରମାଣ ପତ୍ରର ଆବଶ୍ୟକ ନାହିଁ

୨-ସମସ୍ତଙ୍କ ପାଇଁ ନୀତି ନିର୍ଦ୍ଧାରଣ ହୋଇ ଏ ଏତେ ସମୟ ଚାକିରୀ କରିବ ଖେଳିବ ଅଭିନୟ କରିବ , ଆଇନ୍ ବ୍ୟବସାୟ କି ଅନ୍ୟ ହେଲନା କାହିଁକି ସବୁପାଇଁ ତ ବିଭିନ୍ନ ଢ଼ଙ୍ଗ ଢ଼ାଙ୍ଗରେ ସମୟ ସୀମା ନିର୍ଦ୍ଧାରଣ ଅଛି ଅଥଚ ଏ ଦେଶର ଆଇନ୍ ନିର୍ମାତା ସଂରକ୍ଷକ ଶାସକ ମାନକଂ କ୍ଷେତ୍ରରେ କୁଆଡ଼େ ଗଲା ଏ ସବୁ ?ଯେଉଁମାନେ ଦେଶ ସେବକ,ସମାଜ ସେବୀ ସାଧାରଣ ବର୍ଗଙ୍କଠୁଁ ବହୁ ଉର୍ଦ୍ଧରେ ଉଚ ବେତନ ଭୋଗି କି ଭତ୍ତା ଆୟକାରୀ ସେମାନଙ୍କ ପାଇଁ ରାଜକୋଷରୁ “ହ ଲ” ଲୋଡ଼ା ହେଲାବେଳେ ବର୍ତ୍ତମାନକୁ ଯେଉଁମାନେ ବୟସର ତାଡ଼ନାରେ ବୃଦ୍ଧାବସ୍ଥା ଯୋଗୁଁ ଏବେ ଅଦରକାରୀ ସେଇମାନଙ୍କ ଭିତରୁ ଦେଶ ଗଠନରେ କିଏ କେଉଁ ଭୂମିକା ନ ନିଭାଇଛି? କିଏ ଭଲ କୃଷକ ଥିଲା ତ କିଏ ଦକ୍ଷ ଶ୍ରମିକ ଥିଲା - କିଏ ବିଭିନ୍ନ ମତେ ଦେଶ ଜାତି ମାନ ସମ୍ମାନ ବୃଦ୍ଧି କରୁଥିଲା କି ବଜାୟ ରଖିପାରୁଥିଲା ଅଥଚ ସେମାନଙ୍କ ଚିନ୍ତା କରିବା ଦୂରେ ଥାଉ- ପ୍ରତିକ୍ଷଣ ମୁହୂର୍ତ୍ତରେ ବେତନ ଭତ୍ତା ବୃଦ୍ଧିର ନାରବାଜି ସମାଜକୁ ଅତିଷ୍ଠ ସିନା କରୁଛି। ହେଲେ କିଏ କେବେ ନିଜ ବେତନରୁ କୌଣସି, ବ୍ୟକ୍ତି ବିଶେଷ ହେଉ କି ସଂଗଠନ ହେଉ କିମ୍ବା ଧର୍ମ ଅନୁଷ୍ଠାନକୁ ସ୍ୱଇଚ୍ଛାରେ ଆଖିଦୃଶିଆ ରାଶି ପ୍ରଦାନର କାହିଁତ କିଛି ପ୍ରମାଣ ନାହିଁ। ବରଂ ପ୍ରତ୍ୟେକ ଦିନ ସମ୍ବାଦ ସରବରାହ ସଂସ୍ଥାମାନେ ଯେଉଁ ରକମର ସମ୍ବାଦ ପରବେଷଣ କରୁଛନ୍ତି ତା’ର କିଛି ଅନ୍ତ ନାହିଁ କି ସମାଧାନ ନାହିଁ। ଦୁର୍ନିତି ମୁଳୋତ୍ପାଟନ ସମ୍ଭବ ନହେଲେ ବି କାଇଁ କେବେ ବି ଦୋଷୀ ଦଣ୍ଡ ଭୋଗିବା ଦେଖି ଅନ୍ୟ ଯିଏ ଦୁର୍ନିତଖୋର ଚେତୁନାହାଁନ୍ତି? ହଁ ସମସ୍ତେ ନିଶ୍ଚୟ ଅବଗତ ଯେ ଲୁଣ ବିନା ସାଧାରଣଭାବେ ଯେମିତି ବଂଚିବା ଦୁରୁହ- କାହିଁକି ଲୁଣ ତ ଏତେ ପ୍ରୟୋଜନ? କ’ଣ ପାଇଁ ? ଖାଦ୍ୟରେ ସମ୍ମିଶ୍ରଣ ପାଇଁ ମାତ୍ର ତାର ମାତ୍ରରୁ ଅଧିକ କିଏ ଚାହାଁନ୍ତି? ନା ପାଣି ପବନକୁ କିଏ ଅଧିକ ... ଉପଯୋଗ କରିପାରିବ? ହଁ ବରଂ ପୃଥୀତତ୍ତ୍ୱରେ ସମସ୍ତେ ଅଧିକ ଉପାର୍ଜନ ଦିଗରେ ତତ୍ପର କିନ୍ତୁ ଅଗ୍ନତତ୍ତ୍ୱ ଯେ ଆକାଶତତ୍ତ୍ୱ କମି କାରଣରୁ ମାନ୍ଦା, ତେଣୁ ବା ଆକାଶ ତତ୍ତ୍ୱ ସଂରକ୍ଷକ ସଂଯୋଜକ ମାନେ ହିଁ ସ୍ଥୁଳ ରୂପେ ପୃଥ୍ୱୀ ତତ୍ତ୍ୱକୁ ଆଦବକାୟିଦାରେ ମାଲିକାନା ଜାହିର୍ କରିବାକୁ ଚେଷ୍ଟିତ। ଯାର କ’ଣ କିଛି ପରିବର୍ତ୍ତନ ସମ୍ଭବ ନୁହେଁ? କେମିତି ବା ସମ୍ଭବ ହେବ ଯେ? ଶାସକଗୋଷ୍ଠୀଙ୍କ ଚୈତନ୍ୟ ଉଦୟ ହେବ ନା ଯାର, ପରିବର୍ତ୍ତନ ସମ୍ଭବ ହେବ? ଜ୍ଞାନୀଜଗତ ଦେଖୁଛନ୍ତି ଶୁଣୁଛନ୍ତି ସେମାନଙ୍କୁ ଅଭାବ ଏମିତି ଗ୍ରାସିଛି ଯେ ଆଉ କାହା କଥା କାହାକୁ ଦିଶୁନାହିଁ, ଆଉ କେମିତି ବା ସେ ବରିଷ୍ଠ ନାଗରିଙ୍କ ଅଭାବ ଅନାଟନ ସମ୍ବନ୍ଧେ ସଚେତନ ହୋଇପାରିବେ? ଆଜି ଯେ ବୟସର କ୍ରୁର ଆକ୍ରମଣରେ ସବୁଦିଗରୁ ଅଶକ୍ତ - କିନ୍ତୁ ତା’ର ଭୋଟଖଣ୍ଡକ ବଳରେ ଏ ଆସନ ଗାଦିଟା ମିଳିଛି କି ନାହିଁ ? ଅଥଚ ତିନିଶହ ଭତ୍ତା ଶାସକମାନେ ଦେଇ - ସେମାନଙ୍କ ସମ୍ମାନ ପ୍ରତି ଆଞ୍ଚ ପହଞ୍ଚାଇଛନ୍ତି - ନା ଭିତ୍ତିହୀନ କ୍ରୁର ଉପହାସ କରୁଛନ୍ତି? ସେ କଥା କିଏ କେବେ ଚିନ୍ତା କରି ଆମୁଳ ଚୁଳ ନହେଲେ ବି ଅଚେ ଅଚେ ସୁଧାରିବାକୁ ଚାହୁଁଛନ୍ତି। ଏକଥାର ଏବେ କିଏ ବା କେମିତି ଅସହମାହିତ ହେବ? କାରଣ ଦିନ ପ୍ରତିଦିନ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରୁଥିବା ଅଳିକ କି ଅବାନ୍ତର ବି ନୁହଁ ଯୋଉ ବାବୁଭାୟାମାନେ ନବ ସଭ୍ୟ ଆଧୁନିକ ଯୁଗର ଦ୍ୱାହି ଦେଇ ଏତେ ସବୁ କହୁଛନ୍ତି। ସତରେ କଣ ମୋନେ ଏଇ ନିରାଶ୍ରୟ ବୃଦ୍ଧାବୃଦ୍ଧାଙ୍କ ଦୁଃଖକୁ ଦେଖୁନାହାଁନ୍ତି? ସରକାର ନୀତି ପ୍ରଣୟନ କରି ଦେଲାପରେ ତାର ଗତି କୁଆଡ଼େ? ନା ସେ କେମିତି କାର୍ଯ୍ୟାରୀ ହେଉଛି? କି ବୃଦ୍ଧ ବୃଦ୍ଧା ଗରିବ ଅସହାୟ ବିଧବା ଉପଭୋକ୍ତାମାନେ କେଉଁ ଢ଼ଙ୍ଗରେ କିପରି ଭାବେ ପ୍ରାପ୍ତ ବା ଭତ୍ତା ପାଇପାରୁଛନ୍ତି? କ’ଣ ସେ ବାସ୍ତବରେ କିଏ କେବେ ଅନୁଶୀଳନ କି ସମୀକ୍ଷା କିଛି ତ ହେଲେ କରନ୍ତୁ - ନଚେତ୍ ଗରିବ ଗରିବ ହୋଇ ରହିଥାଉ, ଆଉ ସରକାର ପ୍ରଦତ୍ତ ଭତ୍ତା ଦିଗହରା ହୋଇ ତଥାକଥିତ ଅଭ୍ୟୁକ୍ତମାନେ ହିଁ ଭୋଗ କରିଚାଲିଥାନ୍ତୁ ଯେଉଁମାନଙ୍କର ଭୋଟ୍‌ଖଣ୍ଡକର ଦାମ୍ ଏତେ? ଆଉ ପ୍ରତ୍ୟେକ ଭୋଟ୍ ମୂଲ୍ୟ ସମାନ ଅଥଚ “ହଁ” “ଲ” ରେ ଏ ଯେଉଁ ତାରତମ୍ୟ? ସେ ସମ୍ପର୍କେ ଧନୀଙ୍କୁ ଦିଅନ୍ତୁ ଧନ - ଗରିବଙ୍କଠୁଁ ଦେଇ ତେବେ ସିନା ଗାଦି ରହିଥିବ ସ୍ଥିର ହୋଇ - ଦେଶର ଅମଲାମାନେ ପ୍ରାୟ ସମସ୍ତେ ନ ହେଲେ ବି, ଅଧିକାଂଶ ଭାବନ୍ତି ସରକାରଙ୍କ ତରଫରୁ, ପ୍ରକୃତ ଉପଭୋକ୍ତାଙ୍କୁ ଯେଉଁ ଭତ୍ତା ଅନୁଦାନ ମିଳୁଛି, ଯେ ସବୁ କେବଳ ଆମରି ଦୟାରେ .... ନହେଲେ ବି ଅଧିକାଂଶ ଭାବନ୍ତି ସରକାର ତରଫରୁ, ପ୍ରକୃତ ଉପଭୋକ୍ତାଙ୍କୁ ଯେଉଁ ଭତ୍ତା ଅନୁଦାନ ମିଳୁଛି, ସେ ସବୁ କେବଳ ଆମରି ଦୟାରେ ହେଲେ ବି, ସେ ବାବୁଭାୟାମାନେ, କର୍ତ୍ତବ୍ୟନିଷ୍ଠ ଭାବେ ଯେ ପ୍ରକାର କରି ଚାଲିଛନ୍ତି - ସେ ସମ୍ପର୍କେ କାହାକୁ ବା ଅଗୋଚର? ଲୋକ ପ୍ରତିନିଧିଭାବେ ରାଜନେତାମାନେ ନୋହିଲେ- କିମିତି ତୁମ୍ଭି ତୋଫାନ କରୁଛନ୍ତି ଓ ନିଜେ ନିଜେ ଆଇନ ପ୍ରଣେତା। ପାଳକ ସଂରକ୍ଷକ ହୋଇ ନିଜ ପାଇଁ ଭତ୍ତା କେବେ ବଢ଼ି କରୁଛନ୍ତି କାହାକୁ ବା ଅଜଣା? ଗାଦିଶୀଳ ନେତାମନ୍ତ୍ରୀ କାର୍ଯ୍ୟାଳୟରେ ସାଧାରଣ ନେତାଙ୍କୁ କିଭଳି ବ୍ୟବହାର କରୁଛନ୍ତି ? ଅଛିଣ୍ଡା ପ୍ରଶ୍ନ।

*ଏଚ୍.ଆଇ.ଜି ସି/୮୬ ଟପଫ୍ଲୋର,ଭୁବନେଶ୍ୱର-୩*
*ମୋ: ୯୪୩୭୫୮୦୨୪୩*
















ଅଭିଷେକ ନାୟକ
ଷ୍ଟାଣ୍ଡାର୍ଡ-୭
ବିଜେଇଏମ୍ ସ୍କୁଲ-୨
ଭୁବନେଶ୍ୱର



ସଂସ୍କୃତି ବସ୍ତିଆ
ଷ୍ଟାଣ୍ଡାର୍ଡ-୭, ୟୁରୋ ସ୍କୁଲ
ଏରୋଲି, ନଭି ମୁମ୍ବାଇ



# ୧୫ ମାସ ହେଲା ଖାଲି ପଡିଛି ମଣ୍ଡଳ ଶିକ୍ଷାଧିକାରୀ ପଦବୀ

**ଜଗତସିଂହପୁର, (ସୁଶାନ୍ତ ରାଉତ) :** ଜଗତ୍‌ସିଂହପୁର ଜିଲ୍ଲା ଶିକ୍ଷାଅଧିକାରୀଙ୍କ ଅଧିନରେ ଥିବା ରଘୁନାଥପୁର ମଣ୍ଡଳ ଶିକ୍ଷାଅଧାକରୀ କାର୍ଯ୍ୟାଳୟଟି ଦୁର୍ଦୁର୍ନୀତିର ଗନ୍ତାଘର ପାଲଟିଛି । ଏହି ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟରେ ଆଜକୁ ୧୫ ମାସ ହେଲା ମଣ୍ଡଳ ଶିକ୍ଷାଅଧିକାରୀ ପଦବୀ ଖାଲି ପଡିଛି । ଏହି ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ଯେକୌଣସି କାର୍ଯ୍ୟପାଇଁ ଲାଞ୍ଚ ନଦେଲେ କୌଣସି କାର୍ଯ୍ୟ ହେଉନାହିଁ । ବିଶେଷ କରି ଏହି ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଜିପିଏଫ୍ ପାଇଁ ଆବେଦନ କଲେ ସର୍ବନିମ୍ନ ୫ ଶହରୁ ୧ ହଜାର ଟଙ୍କା ଲାଂଚ ଦେବାକୁ ପଡୁଛି ବୋଲି ବହୁ ଶିକ୍ଷକ ଶିକ୍ଷୟିତ୍ରି ସେମାନଙ୍କ ନାମ ଗୋପନ ରଖିବାକୁ ଆମ ପ୍ରତିନିଧିଙ୍କୁ କହିଛନ୍ତି । ସେହିପରି ଏହି ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟରୁ ଯେକୌଣସି ଶିକ୍ଷକ ଶିକ୍ଷୟିତ୍ରୀ ଚାକିରିରୁ ଅବସର ନେଲାପରେ ସେମାନଙ୍କ ପେନ୍‌ସନ ପାଇଁ ପେନ୍‌ସନ କାଗଜପତ୍ର ପ୍ରସ୍ତୁତି ନିମନ୍ତେ ସର୍ବନିମ୍ନ ୨ ହଜାରରୁ ୩ ହଜାର ଟଙ୍କା ତୁରନ୍ତ ଜନୈକ କିରାଣି ନେଉଛନ୍ତି ବୋଲି ଅବସର ନେଉଥିବା ବହୁ ଶିକ୍ଷକ ଶିକ୍ଷୟିତ୍ରୀ ସେମାନଙ୍କ ନାମ ଗୋପନରଖି ପ୍ରକାଶ କରିବାକୁ ଆମ ପ୍ରତିନିଧିଙ୍କୁ କହିଛନ୍ତି । ଏହି ଅଫିସରେ ଲାଂଚ ନଦେଲେ ଫାଇଲ୍ ଗାୟବ ହୋଇଯାଉଅଛି । ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ଏହି ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ସହକାରୀ ମଣ୍ଡଳ ଶିକ୍ଷାଅଧିକାରୀ ତଥା ବିଆର୍‌ସିସି ନୃସିଂହ ଚରଣ ଓଝା ୨୦୧୭ ମସିହାରେ ଜୁଲାଇ ମାସରୁ ଚାକିରିରୁ ଅବସର ନେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କ ପେନ୍‌ସନ କରାଯାଉନାହିଁ । ତାଙ୍କର ଗୋଟିଏ ଫାଇଲ ଟି ଏହି ଅଫିସରେ ଗାୟବ ହୋଇଯାଇଛି । ଶ୍ରୀ ଓଝା ଆଜକୁ ୧ ବର୍ଷ ହେଲା ରଘୁନାଥପୁର ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶ ହୋଇପଡିଛନ୍ତି । ତାଙ୍କର ପେନ୍‌ସନ ଏପର୍ଯ୍ୟନ୍ତ କରାଯାଉନାହିଁ । ଏହି କାର୍ଯ୍ୟାଳୟରୁ ମଣ୍ଡଳ ଶିକ୍ଷାଅଧିକାରୀ ଭାବେ ଶରତ କୁମାର ରାଉତରାୟ ଗତ ୨୦୧୭ ମସିହା ଅପ୍ରେଲ ୩୦ ତାରିଖରୁ ଚାକିରିରୁ ଅବସର ନେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କର ନିୟମିତ ପେନ୍‌ସନ କରାଯାଇନାହିଁ । ଏହି କାର୍ଯ୍ୟାଳୟଟିରେ ଅତିରିକ୍ତ ମଣ୍ଡଳ ଶିକ୍ଷାଅଧିକାରୀ ପଦବୀ ଖାଲି ପଡିଛି । ଜଣେ ରାତି ଜଗୁଆଳ ଏବଂ ଚତୁର୍ଥ ଶ୍ରେଣୀ ପଦବୀ ମଧ୍ୟ ଖାଲି ପଡିଛି । ପ୍ରଖାଶ ଥାଉକି, ଏହି ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଛୁଟି ଦରଖାସ୍ତ ମଞ୍ଜୁରି ପାଇଁ ମଧ୍ୟ ଲାଂଚ ଦେବାକୁ ପଡୁଛି । ଏଠାରେ ସୂଚନା ଯୋଗ୍ୟ ପୂର୍ବତନ ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀ ରାଉତରାୟଙ୍କର ପେନ୍‌ସନ କାଗଜପତ୍ର ଆଜକୁ ୧୫ ମାସ ହେଲା ଲାଂଚ ଦିଆଯାଇନଥିବାରୁ ଏହି କାର୍ଯ୍ୟାଳୟରେ ପଡିରହିଛି । ତାହା ଜିଲ୍ଲା ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟକୁ ପଠାଉନାହାଁନ୍ତି । ଏଠାରେ ସୂଚନା ଯୋଗ୍ୟ ୪୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଅପ୍ରେଲ ୨୦୧୭ ରୁ ନୂତନ ଦରମା ନିର୍ଦ୍ଧାରଣ କରାଯିବା ନିମନ୍ତେ ଜିଲ୍ଲା ଶିକ୍ଷାଅଧିକାରୀ କାର୍ଯ୍ୟାଳୟରେ ଆଜକୁ ୬ ମାସହେଲା ଫାଇଲ ନାଲି ଫିତା ତଳେ ପଡିରହିଛି । ଜଗତ୍‌ସିଂହପୁର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଏ ଅଂଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

# କିଡ୍‌ନୀ ଆକ୍ରାନ୍ତରେ ୫ ମୃତ

## ସରକାରୀ ସହାୟତା ଦାବି



**ଡାବୁଗାଁ :** ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଡାବୁଗାଁ ଥାନା ଅଧିନରେ ଥିବା ଚାଟିଗୁଡା ଗ୍ରାମ ପଞ୍ଚାୟତର ଚାଟିଗୁଡା ୧୯ନଂ ୱାର୍ଡରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ୫ଜଣ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି । ମୃତକଙ୍କ ମଧ୍ୟରେ ଭରତ ଚୌଧୁରୀ (୪୫), କୋଶଖା ଢାଲି (୪୮), ଅପଳାକାନ୍ତି ସରକାର (୫୦), ମହେନ୍ଦ୍ର ଗୌଡ (୨୩) ଓ ସପନ ମଣ୍ଡଳ (୪୫)ଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ମୃତକମାନଙ୍କୁ ପ୍ରଥମେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରେ ପରେ ଜୟପୁର ଗ୍ଲୋବାଲ ମେଡିକାଲରେ ଚିକିତ୍ସିତ ହେଉଥିଲେ । ସୂଚନାଥାଉ କି, ଚାଟିଗୁଡା ଠାରୁ ୩ କିମି ଦୂରତ୍ୱ କାନାକୋଟ ଗ୍ରାମରେ ଗତବର୍ଷ ୧୨ଜଣଙ୍କ ମୃତ୍ୟୁ ହୋଇଥିଲା । ଉକ୍ତ ଘଟଣା ଘଟିବାର ଏକବର୍ଷ ନପୁରୁଣୁ ପୁନର୍ବାର ଏପରି ସମସ୍ୟା ଦେଖିବାକୁ ମିଳିଛି । ବର୍ତ୍ତମାନ ଚାଟିଗୁଡା ଗ୍ରାମର ସପନ ମଣ୍ଡଳ (୩୮) ବିଶାଖାପାଟଣା ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ସେହି ଗ୍ରାମର ଅନନ୍ତ ମଣ୍ଡଳ ନାମକ ଜଣେ ବୃଦ୍ଧ ଅର୍ଥାଭାବରୁ ଚିକିତ୍ସା ନ ପାଇ ଏବେବି ଯନ୍ତ୍ରଣା ଭୋଗୁଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ନଳକୂପରେ ଦୂଷିତ ଜଳ ବାହାରୁଥିବାରୁ ଉକ୍ତ ରୋଗୀ ପିଉଛନ୍ତି ଓ ଅନ୍ୟ ଗ୍ରାମକୁ ମଧ୍ୟ ଉକ୍ତ ରୋଗ ବ୍ୟାପୁଥିବାର ଆଶଙ୍କା କରାଯାଉଛି । ବର୍ତ୍ତମାନ ସେହି ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି ।

# ଜିଲ୍ଲାସ୍ତରୀୟ ଜନସେବା ଦିବସ ପାଳିତ



**ବରଗଡ଼ :** ବରଗଡ଼ ସ୍ଥିତ କ୍ଲାସ କମ୍ପ୍ୟୁଟରଠାରେ ଜିଲ୍ଲାସ୍ତରୀୟ ଜନସେବା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଯୋଗଦେଇଜନସେବା କେନ୍ଦ୍ରର ଆଭିମୁଖ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ । ଜନସେବା କେନ୍ଦ୍ର ଗୁଡିକ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରି ବିଭିନ୍ନ ସରକାରୀ ଯୋଜନାର ସୁଫଳ ଜନସାଧାରଣ କିପରି ସୁବିଧାରେ ପାଇପାରିବେ ସେହି ଉଦ୍ଦେଶ୍ୟର କାର୍ଯ୍ୟ କରୁଛି ବୋଲି ପଞ୍ଚାୟତ ସ୍ତରରୁ ଆସିଥିବା ଜନସେବା କେନ୍ଦ୍ରର କର୍ମଚାରୀମାନେ ପ୍ରକାଶ କରିଥିଲେ । କୃଷକ ଫସଲବୀମା, ଆୟ ପ୍ରମାଣପତ୍ର, ବ୍ୟାଙ୍କିଙ୍ଗ ସୁବିଧା, ବେକାରୀ ଯୁବଗୋଷ୍ଠୀମାନଙ୍କୁ ସ୍ୱଳ୍ପ ତାଲିମ ତଥା ଉପାର୍ଜନକ୍ଷମ କରିବା ଦିଗରେ ଏହି କେନ୍ଦ୍ର ଗୁଡିକର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଏହି ଅବସରରେ ମତପ୍ରକାଶ ପାଇଥିଲା । ବରଗଡ଼ ଜିଲ୍ଲାର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜନସେବା କେନ୍ଦ୍ରର ଅଧିକାରୀ, ତାଲିମ ନେଉଥିବା ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ଚିତ୍ରକଳା ଓ ଟାଇପିଙ୍ଗ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ଶେଷରେ ପ୍ରଫୁଲ୍ଲ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବନ୍ୟା ଆଶଙ୍କା ...

ମାତୃମଙ୍ଗଳ କେନ୍ଦ୍ରକୁ ଆଣିବା ପାଇଁ ସେ କହିଛନ୍ତି । ସେହିପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୋଡାଲ୍ ଅଫିସରମାନେ ୨୪ ଘଣ୍ଟା ସତର୍କ ରହିବାକୁ ସେ ପରାମର୍ଶ ଦେଇଛନ୍ତି । ବର୍ଷା କାରଣରୁ ରାଜ୍ୟର କେତେକ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଜଣାପଡିଛି । ପ୍ରବଳ ବର୍ଷା ଯୋଗୁଁ ବାଲିମେଳା ଓ ମାଲକାନଗିରି ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା । ରାୟଗଡ଼ା ଜିଲ୍ଲାରେ ବର୍ଷା ଫଳରେ ବଂଶଧାରା, ନାଗାବଳୀ ଓ କଲ୍ୟାଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ହୀରାକୁଦ ଡ୍ୟାମର ଜଳସ୍ତର ମଧ୍ୟ ଧିରେଧିରେ ବୃଦ୍ଧି ପାଇବାରେ ଲାଗିଛି । ଡ୍ୟାମ୍‌ର ଜଳଧାରଣ କ୍ଷମତା ୬୩୦ ଏକର ଫୁଟ୍ ଥିବା ବେଳେ ଜଳସ୍ତର ୬୦୯ ଫୁଟ ଥିବା ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଆସନ୍ତା ୨୪ ତାରିଖ ପୂର୍ବାହ୍ନ ୧୧ଟାରେ ଡ୍ୟାମ୍‌ର ଦୁଇଟି ସ୍ଲୁଇସ୍ ଗେଟ୍ ଖୋଲାଯିବା ନେଇ ନିଷ୍ପତ୍ତି ହୋଇଛି ।

### ଫ୍ଲୋରଟେଷ୍ଟରେ ...

ଦେଶରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକଗୁଡ଼ିଏ ଯୋଜନା ପ୍ରବର୍ତ୍ତନ କରାଯିବା ସହ ବିଭିନ୍ନ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି । ଦେଶରେ ୮ କୋଟି ଶୌଚାଳୟ ପ୍ରତିଷ୍ଠା କରାଯାଇ ପାରିଛି । ଏଭଳି ଜନକଲ୍ୟାଣକାରୀ କାର୍ଯ୍ୟ ଯୋଗୁ ଏନ୍‌ଡିଏ ସରକାର ଦେଶବାସୀଙ୍କ ବିଶ୍ୱାସଭାଜନ ହୋଇପାରିଛି । ଏଣୁ ଅନାସ୍ଥା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ମୋଦି ସମସ୍ତ ସଦସ୍ୟଙ୍କୁ ଆହ୍ୱାନ ଜଣାଇଥିଲେ । ବିତର୍କର ଦୀର୍ଘ ଉତ୍ତର ଦେଇ ଶେଷରେ ସେ କହିଥିଲେ, ୨୦୨୪ରେ ପୁଣି ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ମୁଁ ବିରୋଧୀଙ୍କୁ ଆମନ୍ତ୍ରଣ କରୁଛି । ଅନାସ୍ଥା ପ୍ରସ୍ତାବ ଉପରେ ପ୍ରଥମେ ଆଲୋଚନା କରିଥିଲା ଟିଡିପି । ଏହି ବିତର୍କରେ ଭାଗ ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧି ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ । ସେ ଅଭିଯୋଗ କରିଥିଲେ, ମୋଦି ସରକାର ବଡ଼ ବଡ଼ ପ୍ରତିଶ୍ରୁତି ଦେଇ ତାହା ପାଳନ କରୁନାହାନ୍ତି । ଅନ୍ୟ ଦଳଗୁଡ଼ିକ ଭଳି ଟିଡିପି ବିଜେପି 'ଜୁମ୍‌ଲା'ର ଶିକାର ହୋଇଛି । ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରମଣ ରାଫେଲ ଲଢୁଆ ବିମାନ ସମ୍ପର୍କରେ ମିଥ୍ୟା କହିଛନ୍ତି । ପ୍ରଧାନମନ୍ତ୍ରୀ ଏହାର ଜବାବ ଦେବାକୁ ରାହୁଲ ଦାବି କରିଥିଲେ । ସେ ଆହୁରି କହିଥିଲେ, କେତେକ ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କ ସମସ୍ତେ ଜାଣନ୍ତି । ପ୍ରଧାନମନ୍ତ୍ରୀ ମଧ୍ୟ ଦୁର୍ନୀତିରେ ଭାଗିଦାର ଅଛନ୍ତି । କଳାଧନ ସମ୍ପର୍କରେ ମୋଦିଙ୍କ ପ୍ରତିଶ୍ରୁତି ବିଷୟରେ ସ୍ମରଣ କରାଇଦେଇ ରାହୁଲ କହିଲେ, ବିଦେଶରୁ କଳାଧନ ଫେରାଇଆଣି ପ୍ରତ୍ୟେକ ଭାରତୀୟଙ୍କୁ ୧୫ ଲକ୍ଷ ଟଙ୍କା ଫେରାଇ ଦିଆଯିବ ବୋଲି କୁହାଗଲା । କିନ୍ତୁ ଏହା କଥାରେ ରହିଗଲା । ଏହା ହେଉଛି, ଜୁମ୍‌ଲା ନମ୍ବର ୱାନ୍ । ବେକାରୀ ସମସ୍ୟାକୁ ଜୁମ୍‌ଲା ନମ୍ବର ଟୁ ବୋଲି ସେ କହିଥିଲେ । ୨ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ ବୋଲି କୁହାଗଲା, କିନ୍ତୁ ୪ ଲକ୍ଷ ନିଯୁକ୍ତି ସୃଷ୍ଟି କରାଯାଇଛି । ମୋଦି ସରକାର କର୍ପୋରେଟ୍ ହାଉସ୍‌ଗୁଡ଼ିକର ୨.୫ କୋଟି ଟଙ୍କାର ଋଣ ଛାଡ଼ କରି ଦେଇଛନ୍ତି । ରାହୁଲ ଏସବୁ କହିଲା ବେଳେ କଂଗ୍ରେସ ଦଳର ସଦସ୍ୟମାନେ ଡରୋମତ୍, ଡରୋମତ୍ ବୋଲି କହିବା ଶୁଣାଯାଇଥିଲା । ତେବେ ଏହି ସମୟରେ ଶାସକ ଦଳର ସଦସ୍ୟମାନେ ରାହୁଲଙ୍କ କହିବା ଢଙ୍ଗକୁ ନେଇ ତାଚ୍ଛଲ୍ୟ କରିବା ଦେଖାଯାଇଥିଲା । ବିତର୍କ ଶେଷରେ ପ୍ରଧାନମନ୍ତ୍ରୀ ଏହାର ଉତ୍ତର ଦେଲାବେଳେ ଗୃହରେ ପ୍ରବଳ ହଟ୍ଟଗୋଳ ସୃଷ୍ଟି ହୋଇଥିଲା । ବାଚସ୍ପତି ସଦସ୍ୟମାନଙ୍କୁ ଏଥିରୁ କ୍ଷାନ୍ତ ହେବାକୁ ବାରମ୍ବାର ନିବେଦନ କରିବା ଦେଖାଯାଇ ଥିଲା । ଗୃହରେ ବିତର୍କ ଆରମ୍ଭ ହେବା ପୂର୍ବରୁ ବିଜେଡି ସାଂସଦ ଭର୍ତ୍ତୃହରି ମହତାବ ଆସନରୁ ଉଠିପଡ଼ି କହିଲେ, ୟୁପିଏ ସରକାରର ୧୦ ବର୍ଷ ଓ ଏନ୍‌ଡିଏର ୪ ବର୍ଷ ଶାସନ କାଳରେ ଓଡ଼ିଶା ପ୍ରତି ଅନ୍ୟାୟ କରାଯାଇଛି । ଏହି ବିତର୍କ ଓଡ଼ିଶା ପାଇଁ ଫଳପ୍ରଦ ହେବ ନାହିଁ । ତେଣୁ ଆମେ କକ୍ଷତ୍ୟାଗ କରୁଛୁ । ଶ୍ରୀ ମହତାବ ଏହା କହିବା ମାତ୍ରେ ବିଜେଡି ସଦସ୍ୟମାନେ କକ୍ଷ ତ୍ୟାଗ କରିଥିଲେ ।

### 'ମୋ ସ୍କୁଲ'ରେ ...

ସ୍କୁଲ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମୋ ସ୍କୁଲ ଅଭିଯାନର ପ୍ରଥମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଏହା ସ୍ଥିର ହୋଇଛି । ବରାଦ ହୋଇଥିବା ଏହି ଅର୍ଥରେ ସ୍କୁଲର ଭିତ୍ତିଭୂମି, ଶ୍ରେଣୀଗୃହର ଉନ୍ନତି, ପାଠାଗାର-ପୁସ୍ତକ, ଖେଳ ସାମଗ୍ରୀ, ଶ୍ରେଣୀଗୃହର ଆସବାବପତ୍ର ଯୋଗାଣ, ସ୍କୁଲ ବଗିଚା ଆଦିର ଉନ୍ନତି କରଣ ଅନ୍ତର୍ଭୁକ୍ତ । ପରବର୍ତ୍ତୀ ସମୟରେ ରାଜ୍ୟର ସମସ୍ତ ସ୍କୁଲରେ ଏହାକୁ କାର୍ଯ୍ୟକାରୀ କରାଯିବ । ଏ ଦିଗରେ ଆବଶ୍ୟକ ସମସ୍ତ ପଦକ୍ଷେପ ନେଇ କାର୍ଯ୍ୟାନ୍ୱୟନ ପ୍ରସ୍ତୁତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ପ୍ରକାଶଥାଉକି, ଗତ ଶିଶୁ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଶିକ୍ଷା ଓ ଶିକ୍ଷାନୁଷ୍ଠାନର ସାମଗ୍ରୀକ ବିକାଶ ଲାଗି 'ମୋ ସ୍କୁଲ' ଯୋଜନାର ଶୁଭାରମ୍ଭ କରି ଏନେଇ ୧୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ବ୍ୟବସ୍ଥା କରିବାକୁ ଘୋଷଣା କରିଥିଲେ । ଓଡ଼ିଶାର ମହାକାଶ ବିଜ୍ଞାନୀ ସୁସ୍ମିତା ମହାନ୍ତି 'ମୋ ସ୍କୁଲ' ଯୋଜାନର ଅଧ୍ୟକ୍ଷା ରହିଛନ୍ତି । ତେବେ ସ୍କୁଲ ଶିକ୍ଷାରେ ଜନସାଧାରଣଙ୍କର ଘନିଷ୍ଠ ସମ୍ପୃକ୍ତି, ସକରାତ୍ମକ ଚିନ୍ତାଧାରା ଓ ଅତୁଟ ବିଶ୍ୱାସ ଆଣିବା ଲାଗି ଏହି ଯୋଜନାର ପରିକଳ୍ପନା ହୋଇଛି । ଏଥିରେ ପୁରାତନ ଛାତ୍ର ସଂଘ, ବିଶିଷ୍ଟ ବ୍ୟକ୍ତି, ଶିକ୍ଷାବିତ୍‌ଙ୍କୁ ସାମିଲ କରାଯିବ । ଏହି ଯୋଜନାରେ ଆର୍ଥିକ ସହାୟତା କ୍ଷେତ୍ରରେ ମିଳିବାକୁ ଥିବା ଅର୍ଥର ୨ଗୁଣ ରାଜ୍ୟ ସରକାର ସମ୍ପୃକ୍ତ ସ୍କୁଲକୁ ଅନୁଦାନଭାବେ ଯୋଗାଇ ଦେବେ । ଏନେଇ ବିସ୍ତୃତ ଗାଇଡ୍ ଲାଇନ୍ ପ୍ରସ୍ତୁତ କରାଯାଇଛି । ବ୍ୟକ୍ତିଗତ ଓ ସାମୂହିକ ସ୍ତରରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ । ବୈଠକରେ ମୋ ସ୍କୁଲ ଯୋଜନାର ସଦସ୍ୟ ସଚିବ ତଥା ଓପେପାର ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମହାନ୍ତି, ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ଦାସ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିଭୁପ୍ରସାଦ ଷଡ଼ଙ୍ଗୀ, ସ୍ୱତନ୍ତ୍ର ଅଧିକରୀ ରଶ୍ମିରଞ୍ଜନ ସାହୁ, ମୁଖ୍ୟ ପରିଚାଳନା ଅଧିକାରୀ ଅମରଜିତ୍ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ୟୁନିଟ୍-୯ ହାଇସ୍କୁଲର ପୂର୍ବତନ ଛାତ୍ର ସଂଘ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ୧୦ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ତେଲେଙ୍ଗାନାର ସ୍ୱତନ୍ତ୍ର ମୁଖ୍ୟ ଶାସନ ସଚିବ ବିଭୁ ପ୍ରସାଦ ଆଚାର୍ଯ୍ୟ, ବ୍ୟବସାୟୀ ତାରା ପ୍ରସାଦ ଧଳ, ପୂର୍ବତନ କ୍ରିକେଟ୍ ତାରକା ଦେବାଶିଷ ମହାନ୍ତି ପ୍ରମୁଖ 'ମୋ ସ୍କୁଲ' କାର୍ଯ୍ୟକ୍ରମରେ ସମ୍ପୃକ୍ତ ସ୍କୁଲର ଉନ୍ନତି ଲାଗି ଏହି ଟଙ୍କା ଦାନ କରିଥିବା ଜଣାପଡ଼ିଛି ।

### ଏମ୍ସରୁ ...

ଉନ୍ନତି ଘଟିଥିବା ବେଳେ ବଳିଆର ସ୍ୱାସ୍ଥ୍ୟାବସ୍ଥା ଉନ୍ନତି ଆସିବା ପର୍ଯ୍ୟନ୍ତ ଆଉ କିଛି ଦିନ ଲାଗିବ ବୋଲି ପ୍ରଫେସର ଡାକ୍ତର ଦୀପକ ଗୁପ୍ତା ସୂଚନା ଦେଇଥିଲେ । ତେବେ ଜଗାବଳିଆଙ୍କ ସ୍ୱାସ୍ଥ୍ୟ ଠିକ୍ ରହିଛି ବୋଲି କହିଛନ୍ତି ଡାକ୍ତରୀ ଦଳ । ସବୁ ଦୃଷ୍ଟିରୁ ବିଚାର କରି ବଳିଆର ସ୍ୱାସ୍ଥ୍ୟାବସ୍ଥାରେ ଯେହେତୁ ଉନ୍ନତି ଆସିନାହିଁ, ସେମାନଙ୍କୁ ଆଉ କିଛିଦିନ ଏମ୍ସରେ ରଖି ଚିକିତ୍ସା କରିବାକୁ ମନ୍ତ୍ରୀ ଶ୍ରୀ ଜେନା ଅନୁରୋଧ କରିଥିଲେ । ଓଡ଼ିଶାରୁ ଆସିଥିବା ୫ ଜଣିଆ ବିଶେଷଜ୍ଞ ଡାକ୍ତରୀ ଦଳ ଅବସ୍ଥା ଅନୁଧ୍ୟାନ କରି ତାଙ୍କର ମତାମତ ପ୍ରଦାନ କଲା ପରେ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ । ଏହି ଆଲୋଚନା କାଳରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଏମ୍ସର ପ୍ରଫେସର ଡାକ୍ତର ଗୁପ୍ତା, ପ୍ରଫେସର ଡକ୍ଟର ଏସ୍‌ଏସ୍ କାଲେ ଓ ପ୍ଲାଷ୍ଟିକ୍ ସର୍ଜରୀ, ସର୍ଜରୀ, ନ୍ୟୁରୋ, ନେଫ୍ରୋଲୋଜି ଆଦି ବିଭାଗର ଡାକ୍ତରମାନେ ଉପସ୍ଥିତ ଥିଲେ ।

### ମନ୍ତ୍ରୀ ପଦରୁ ...

ପମ୍ପ ଖୋଲିବା ପାଇଁ ଅନୁମତି ଦେଇଥିଲା । ଏହାର ମାଲିକାନା ମଧ୍ୟ ଟିଟୋର ପତ୍ନୀ ବେନ୍‌ଜୀରଙ୍କ ନାମରେ ରହିଛି । ଓଡ଼ିଶାର ଆବାଳ ବୃଦ୍ଧ ବନିତା ଗ୍ୟାଙ୍ଗଷ୍ଟର ଟିଟୋର ଅପରାଧ ଦୁନିଆ ବିଷୟରେ ଜାଣିଥିବା ବେଳେ କେଉଁ ପରିସ୍ଥିତିରେ ଓ କିଭଳି ଭାବେ ଆଇସିଏଲ୍ ଟିଟୋକୁ ଦୁଇ ଦୁଇଟି ପେଟ୍ରୋଲ ପମ୍ପ ଖୋଲିବା ପାଇଁ ଅନୁମତି ଦେଲା ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ପରିପ୍ରେକ୍ଷୀରେ ଆଇଓସିଏଲ୍ ମଧ୍ୟ ଟିଟୋ ସଂପର୍କରେ ସବୁ ତଥ୍ୟ ପାଇଥିବା ବେଳେ ଓଡ଼ିଶା ମାଟିର କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜାଣିଶୁଣି ଗ୍ୟାଙ୍ଗଷ୍ଟର ଟିଟୋକୁ ପେଟ୍ରୋଲ ପମ୍ପ ଖୋଲିବା ପାଇଁ ଅନୁମତି ଦେଇଥିଲେ । ସେପଟେ, ଓଡ଼ିଶାରେ ପେଟ୍ରୋଲ ପମ୍ପ ଖୋଲୁଥିବା କମ୍ପାନୀଗୁଡିକରୁ ଆଦାୟ ହେଉଥିବା ସିଏସ୍‌ଆର୍ ଅର୍ଥ ସିଧାସଳଖ ଆଇଓସିଏଲ୍ ନିକଟକୁ ଯାଇଥାଏ, ଯାହା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିଛି । ୨୦୧୫ ମସିହାରେ ଟିଟୋର ପତ୍ନୀ ନାମରେ ଆବେଦନ ହୋଇଥିବା ପେଟ୍ରୋଲ ପମ୍ପକୁ ସ୍ୱୀକୃତି ଦେବା ପାଇଁ ମନ୍ତ୍ରୀ ଶ୍ରୀ ପ୍ରଧାନ ଆଇଓସିଏଲ୍‌ର ବାଟ ଓଗାଳି ନଥିଲେ,କିନ୍ତୁ ୨୦୧୭ ମସିହାରେ ଶ୍ରୀ ପ୍ରଧାନ ଗ୍ୟାଙ୍ଗଷ୍ଟର ଟିଟୋ ବିଷୟରେ ସବୁ କିଛି ଜାଣି ମଧ୍ୟ ଆଖି ବନ୍ଦ କରି ତାକୁ ପେଟ୍ରୋଲ ପମ୍ପ ଖୋଲିବା ପାଇଁ ଅନୁମତି ଦେଇଥିଲେ । ବେଆଇନ୍ ଭାବେ ଉଭୟ ବ୍ୟକ୍ତିଗତ ଓ ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ମନ୍ତ୍ରୀ ଶ୍ରୀ ପ୍ରଧାନ ଟିଟୋ ପ୍ରତି ଏଭଳି କୋହଳ ମନୋଭାବ ପୋଷଣ କରିଥିଲେ । ଗତକାଲି ଖୋଦ୍ ଆଇଓସିଏଲ୍ କର୍ତ୍ତୃପକ୍ଷଙ୍କ ଜାରି ପ୍ରେସ୍ ବିବୃତିରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା ଯେ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରାଳୟର ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଜଣେ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ବ୍ୟକ୍ତିକୁ ପେଟ୍ରୋଲ ପମ୍ପ ଖୋଲିବା ପାଇଁ ଅନୁମତି ପ୍ରଦାନ କରାଯାଇଛି । ତେବେ ଗତ ଏକ ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଶାର କୋଣ ଅନୁକୋଣରେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ଭାବେ ପରିଚିତ ଗ୍ୟାଙ୍ଗଷ୍ଟର ଟିଟୋ ବିଷୟରେ ଆଇଓସିଏଲ୍ ଓ ଏହାର ନିର୍ମାତା ଧର୍ମେନ୍ଦ୍ର ପ୍ରଧାନ ନଜାଣିବା ଏକ ହାସ୍ୟାସ୍ପଦ ବିଷୟ । ରାଜନୀତିକୁ ଅପରାଧୀକରଣ କରିବାର ପ୍ରଥା ଓଡ଼ିଶାରେ ନଥିଲା । କିନ୍ତୁ ଧର୍ମେନ୍ଦ୍ର ପ୍ରଧାନ ଏଭଳି କାରନାମା କରି ଓଡ଼ିଶା ରାଜନୀତିରେ ଅପରାଧିକ ତତ୍ତ୍ୱଙ୍କୁ ସମର୍ଥନ କରି ବିହାର ଭଳି ଅପରାଧଯୁକ୍ତ ରାଜନୈତିକ ବ୍ୟବସ୍ଥା କରିବାକୁ ଚେଷ୍ଟା ଚଳାଇଛନ୍ତି । ଟିଟୋ ବିରୋଧରେ ୪୫ରୁ ଅଧିକ ସଂଗୀନ ଅପରାଧିକ ମାମଲା ରହିଥିବା ବେଳେ ଧଳ ସାମନ୍ତ ବ୍ରଦର୍ସଙ୍କ ବିରୋଧରେ ମଧ୍ୟ ୩୫ରୁ ଅଧିକ ମାମଲା ରହିଛି । ଗଞ୍ଜାମରେ କାଉନ୍‌ସିଲର ଲକ୍ଷ୍ମୀଦତ୍ତ ପ୍ରଧାନଙ୍କ ହତ୍ୟାକାଣ୍ଡ, ବିଜେପୁର ଉପ-ନିର୍ବାଚନ ସମୟରେ ବିଜେଡି କର୍ମୀଙ୍କ ହତ୍ୟା ଓ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ଭାଇଙ୍କ ଉପରକୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ସଂପୃକ୍ତ ଅପରାଧୀ ମଧ୍ୟ ବିଜେପି ସହ ଜଡ଼ିତ ଥିବା ବିଜେଡି ମୁଖପାତ୍ର ତଥା ସାଂସଦ ପ୍ରତାପ କେଶରୀ ଦେବ କହିଛନ୍ତି । ଅପରାଧିକ ତତ୍ତ୍ୱଙ୍କୁ ପ୍ରୋତ୍ସାହନ ଯୋଗାଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସଂପୃକ୍ତି ସ୍ପଷ୍ଟ ହୋଇଛି । ଏଣୁ ନୈତିକତା ଦୃଷ୍ଟିରୁ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ପଦରୁ ଶ୍ରୀ ପ୍ରଧାନ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ଦେବ ଦାବି କରିଛନ୍ତି ।

### ରାଜ୍ୟ ସରକାରଙ୍କ ...

ପୃଷ୍ଠଭୂମିର ଟିଟୋକୁ ଦେବାରେ କିପରି ଭୂମିକା ନିଅନ୍ତି ତାହା ରାଜ୍ୟବାସୀଙ୍କୁ ଅଛପା ନୁହେଁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ଟିଟୋଙ୍କ ଦଶ ହଜାର କୋଟି ଟଙ୍କାର ଅପରାଧିକ ସାମ୍ରାଜ୍ୟ ପଛରେ ଟେଂଡର ଫିକ୍ସିଂ ମୁଖ୍ୟ ସହାୟକ ଓ ଏହି ସହାୟତା ଶାସକ ଦଳର ଟାଣୁଆ ନେତା, ମନ୍ତ୍ରୀ ତଥା ସେମାନଙ୍କ ଛତ୍ର ଛାୟା ତଥା ପୋଲିସ ଓ ପ୍ରଶାସନିକ ଅଧିକାରୀ ମାନେ ଯୋଗାଇ ଦେଇଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ଟିଟୋ ଅପରାଧିକ ସାମ୍ରାଜ୍ୟର ତଦନ୍ତ ଏପରି କି କ୍ରାଇମ ବ୍ରାଂଚକୁ ବାଦ ଦେଇ ଭିଜିଲାନ୍ସକୁ ଦେବାକୁ ରାଜ୍ୟ ସରକାର ଷଡଯନ୍ତ୍ର କରୁଛି । ଏହାର ମୁଖ୍ୟ କାରଣ ହେଉଛି ଟିଟୋର ଅପରାଧିକ ପୃଷ୍ଠଭୂମିକୁ ଘଣ୍ଟ ଘୋଡାଇ କେବଳ ତଳିଆ ସରକାରୀ କର୍ମଚାରୀଙ୍କ ମୁଣ୍ଡରେ ଦୋଷ ଲଦି ନେତା ମନ୍ତ୍ରୀଙ୍କୁ ଖସାଇ ଦେବା । ସ୍ୱଚ୍ଛତାର ଶ୍ରେଷ୍ଠ ନିଦର୍ଶନ ଦେଖାଇ ଦେଶର ସବୁଠୁ ବିଶ୍ୱସନୀୟ ତଦନ୍ତକାରୀ ସଂସ୍ଥା ସିବିଆଇକୁ ତଦନ୍ତଭାର ଗଲେ ବିଜେଡି ନେତାଙ୍କର ଅପରାଧିକ ପୃଷ୍ଠଭୂମିର ପର୍ଦାଫାସ ହେବା ଡରରେ ବିଜେଡି ପ୍ରତିକ୍ରିୟାଶୀଳ ହୋଇ ପଡିଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ଟିଟୋକୁ ପେଟ୍ରୋଲ ପମ୍ପ ଆବଂଟନରେ ଅନିୟମିତତା ହୋଇଛି ବୋଲି ଆଇଓସିଏଲ ତରଫରୁ ସ୍ୱୀକାର କରା ଯାଇଥିବା ନେଇ ସାମ୍ବାଦିକଙ୍କ ପ୍ରଶ୍ନର ଉତରରେ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ଅନିୟମିତତା ପ୍ରାରମ୍ଭିକ ପ୍ରମାଣ ମିଳିବା କାରଣରୁ ହିଁ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆ ଯାଇ ଯିଏ ବି ଦୋଷୀ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ର ମନ୍ତ୍ରୀ ପଦକ୍ଷେପ ନେଇଛନ୍ତି ବୋଲି ସେ କହିଛନ୍ତି ।

### ଖାଲୁଆ ଅଞ୍ଚଳରେ ...

ପାର୍ଶ୍ୱବର୍ତ୍ତୀ ଗାଆଁଗୁଡ଼ିକ ଯୁଝାଗଡ଼, ରଘୁନାଥପୁର, ଦାରୁଠେଙ୍ଗ ଓ ଦାଢ଼ାରେ ମଧ୍ୟ ଅଧିକ ଖାଲୁଆ ଅଞ୍ଚଳ ରହିଛି । ବାରଙ୍ଗ ନିକଟବର୍ତ୍ତୀ ବରିମୁଣ୍ଡ ଗାଆଁ ସହିତ ଅନ୍ୟ କେତେକ ଅଞ୍ଚଳ ମଧ୍ୟ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଅନ୍ତର୍ଭୁକ୍ତ ହୋଇଛି । ଚାଷଜମିକୁ ଘରବାରିରେ ପରିବର୍ତ୍ତନ କରାଯାଇ ବାସପଯୋଗୀ ଜମି ସୃଷ୍ଟି କରାଯାଉଛି । ମାତ୍ର ବିଲ୍ଡର୍‌ମାନେ ଏଥିପାଇଁ ଉପଯୁକ୍ତ ଡ୍ରେନେଜ୍ ସୁବିଧା ଉପଲବ୍ଧ ନକରାଇବାରୁ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଛି ବୋଲି ବିଡିଏ ଅଧିକାରୀ କହିଛନ୍ତି । ରାଜଧାନୀର ଜଳବନ୍ଦୀ ସମସ୍ୟା ନେଇ ବିଡିଏ ଓ ବିଏମ୍‌ସିକୁ ରାଜଧାନୀବାସିନ୍ଦା ଅଭିଯୋଗ କରି ଆସୁଛନ୍ତି । ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥାର ଅଭାବ ପାଇଁ ଜଳବନ୍ଦୀ ସମସ୍ୟା ଉପଜୁଛି ବୋଲି ଅଭିଯୋଗ ହେଉଛି । ବିଲ୍ଡରମାନଙ୍କୁ ନିର୍ମାଣ ଅନୁମତି ଦେଲା ବେଳେ ପ୍ରିୟାପ୍ରୀତିତୋଷଣ କରି ନିୟମକାନୁନ ପ୍ରତି ଆଖିବୁଜି ଦିଆଯାଉଛି ବୋଲି ଅଭିଯୋଗ ହେଉଛି । ଏଥିପାଇଁ ବିଡିଏ ଗୃହ ନିର୍ମାଣ ଅନୁମତି ନିୟମାବଳୀରେ ଏଭଳି ସଂଶୋଧନ ଆଣିଛି । ଏହି ନୂତନ ସଂଶୋଧନ ନିୟମାବଳୀକୁ ନମାନିଲେ ବିଲ୍ଡରମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଡିଏ ଅଧିକାରୀ କହିଛନ୍ତି ।

ପର୍ଯ୍ୟଟନ ଚକ୍ର


ବହୁ ଦୁର୍ଦ୍ଦିନକୁ ସାମ୍ନା କରିଥିଲା

# ଧନଧାନ୍ୟରେ ପରିପୂର୍ଣ୍ଣ ଗୋଆ

ଆସ ବୁଲିଯିବା ଗୋଆ

ଉପସ୍ଥାପନା
ଜାହ୍ନବୀସୁତ

ଆପଣଙ୍କର ମନେଥିବ ଯେ, ଗୋଆରେ ମୁଁ ଦେଖିଥିବା ପ୍ରାୟ ସମସ୍ତ ମନ୍ଦିର ସମ୍ପର୍କରେ ଆପଣମାନଙ୍କୁ ସୂଚନା ଦେଇ ସାରିଛି । ଅବଶ୍ୟ ଏହା ବ୍ୟତୀତ ଆହୁରି ମନ୍ଦିର ମଧ୍ୟ ଥାଇପାରେ । ଏବେ ଗତ ସ୍ତମ୍ଭର ସୂଚନା ଅନୁସାରେ ଗୋଆରେ ଥିବା ର୍ଚ୍ଚ ଗୁଡିକ ସମ୍ପର୍କରେ ସୂଚନା ଦେବି । ଆପଣମାନଙ୍କୁ ଆଉ ଥରେ ମନେ ପକାଇଦେବି ଯେ, ଯେତେବେଳେ ବି ଆପଣମାନେ ଗୋଆ ବୁଲିବାକୁ ଯିବେ ସେତେବେଳେ ଆପଣ ଏହି ସବୁ ସ୍ଥାନ ଦେଖିବାକୁ ଆଦୌ ବି ଭୁଲିବେନି । ମନ୍ଦିର, ଚର୍ଚ୍ଚ, ମସଜିଦ୍ ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଗୋଆର ସି ବିଚ୍ ଆଉ ମନୋରଞ୍ଜନ ପୂର୍ଣ୍ଣ ଗୋଆର ନାଇଟ୍ ଲାଇଫ୍ । ମୁଁ ଚାହିଁଥିଲେ ଗୋଆ ସମ୍ପର୍କରେ ଆପଣମାନଙ୍କୁ ଚାରି କିମ୍ବା ପାଞ୍ଚୋଟି ସ୍ତମ୍ଭରେ ସୂଚନା ଦେଇ କାମ ସାରିଦେଇଥାନ୍ତି । କିନ୍ତୁ ଏହା କରିଥିଲେ ବହୁବର୍ଣ୍ଣା । ଗୋଆ ବିଷୟରେ ଆପଣମାନେ ସମ୍ପୂର୍ଣ୍ଣ ବିବରଣୀ ବୋଧେ ପାଇପାରି ନଥାନ୍ତେ । ତେଣୁ ମୁଁ ଭାଗ ଅନୁସାରେ ଅର୍ଥାତ ପ୍ରଥମେ ମନ୍ଦିର, ତା'ପରେ ଚର୍ଚ୍ଚ ଏହି କ୍ରମ ଅନୁସାରେ ସୂଚନା ଦେଉଛି । ସେହି କ୍ରମରେ ଆଜି ସ୍ତମ୍ଭରୁ ଆମେ ଆସନ୍ତୁ ଗୋଆରେ ଥିବା ଚର୍ଚ୍ଚ ଗୁଡିକ ବିଷୟରେ ଜାଣିବା । କାରଣ ଗୋଆର ସଂସ୍କୃତି ଏବଂ ପର୍ଯ୍ୟଟନରେ ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି । ଦ୍ୱିପହରର ଭୋଜନ ଆମେ ସାରି ବାହାରିଲୁ ଚର୍ଚ୍ଚ ଦେଖିବା ପାଇଁ ପୁରୁଣା ଗୋଆ ବା ଓଲ୍ଡ ଗୋଆ । ଆମେ ଯିବାର ଥିଲା ସେଣ୍ଟ ଅଗଷ୍ଟାଇନ୍ ଚର୍ଚ୍ଚକୁ । ପ୍ରକୃତରେ ଏଠାରେ ଆପଣମାନଙ୍କୁ ପୁରୁଣା ଗୋଆ ସମ୍ପର୍କରେ ପ୍ରଥମେ ସୂଚନା ଦେବାକୁ ଚାହିଁବି । କାରଣ ବର୍ତ୍ତମାନର ସମୃଦ୍ଧ ରାଜ୍ୟ ଗୋଆର ପ୍ରଚ୍ଛଦରେ ଏହି ପୁରୁଣା ଗୋଆର ବହୁତ ବଡ ଅବଦାନ ରହିଛି ବୋଲି ସୂଚନା ମିଳେ । ପୁରୁଣା ଗୋଆ ବା ଓଲ୍ଡ ଗୋଆ ଏବେ ରହିଛି ଉତ୍ତର ଗୋଆ ଜିଲ୍ଲାରେ । କିନ୍ତୁ ଦିନଥିଲା ଏହାଥିଲା ଗୋଆର ପର୍ତ୍ତୁଗୀଜ ଶାସନର ମୂଳକେନ୍ଦ୍ର । ପର୍ତ୍ତୁଗୀଜମାନଙ୍କ ପୂର୍ବରୁ ବିଜାପୁର ରାଜବଂଶ ଦ୍ୱାରା ଏହି ସହର ପ୍ରଥମେ ପ୍ରତିଷ୍ଠା ହୋଇଥିଲା ପ୍ରାୟ ପଞ୍ଚଦଶ ଶତାବ୍ଦୀ ବେଳକୁ । ଆଉ ମାଣ୍ଡବୀ ନଦୀ କୂଳରେ ଏହାଥିଲା ବିଜାପୁର ରାଜତ୍ୱର ଏକ ପ୍ରସିଦ୍ଧ ବନ୍ଦର । ଆହୁରି ମଧ୍ୟ ସୂଚନା ମିଳେ ଯେ, ଆଦିଲ୍ ଶାହାଙ୍କ ରାଜତ୍ୱରେ ବିଜାପୁର ପରେ ଓଲ୍ଡ ଗୋଆକୁ ତାଙ୍କର ଦ୍ୱିତୀୟ ରାଜଧାନୀ ବୋଲି କୁହାଯାଉଥିଲା । ଏଠାରେ ତତ୍କାଳୀନ ସମୟରେ ଶାହାଙ୍କ ରାଜପ୍ରସାଦ ମସଜିଦ୍ ଏବଂ ମନ୍ଦିର ମଧ୍ୟ ରହିଥିବାର ସୂଚନା ମିଳେ । ପ୍ରାୟ ୧୫୧୦ ମସିହା ବେଳକୁ ପର୍ତ୍ତୁଗୀଜ ମାନଙ୍କ ଅଧିନକୁ ଆସିଥିଲା ଓଲ୍ଡ ଗୋଆ ଆଉ ତା'ପରେ ଏହା ପର୍ତ୍ତୁଗୀଜ ଶାସନର ପାଲଟିଲା ଏକ ମୂଳକେନ୍ଦ୍ର । ପ୍ରାୟ ୧୭୫୯ ମସିହା ବେଳକୁ ପର୍ତ୍ତୁଗୀଜ ଭାଇସ୍ ରାୟଙ୍କ ବାସସ୍ଥାନ ସ୍ଥାନାନ୍ତରିତ ହୋଇଥିଲା





ନୂଆ ଗୋଆକୁ ମାନେ ବର୍ତ୍ତମାନର ପାଣାଜୀକୁ ଆଉ ସେ ପର୍ଯ୍ୟନ୍ତ ଓଲ୍ଡ ଗୋଆ ଥିଲା ଏକ ପ୍ରମୁଖ ସହର । ତେବେ ଏହି ପୁରୁଣା ଗୋଆର ଆଉ ଏକ ବିଶେଷତ୍ୱ ହେଲା ପ୍ରାୟ ଷୋଡଶ ଶତାବ୍ଦୀର ମଧ୍ୟ ଭାଗ ବେଳକୁ ଏହି ପୁରୁଣା ଗୋଆ ବା ଓଲ୍ଡ ଗୋଆ ଖ୍ରୀଷ୍ଟଧର୍ମର ଏକ ପ୍ରମୁଖ କେନ୍ଦ୍ର ପାଲଟିଥିଲା । ଏବେ ବି ଆପଣମାନେ ଓଲ୍ଡ ଗୋଆରେ ପହଞ୍ଚିଲେ ଅନେକ ଚର୍ଚ୍ଚ ଦେଖିବାକୁ ପାଇବେ । ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କ ପାଇଁ ଏହି ସହର ଖଉବ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ଏବେ ତ ଗୋଆକୁ ଯାଉଥିବା ଅନେକ ପର୍ଯ୍ୟଟକମାନେ ଯାଇଥାନ୍ତି ଏହି ଓଲ୍ଡ ଗୋଆର ସେହିସବୁ ଚର୍ଚ୍ଚ ଗୁଡିକ ଦେଖିବା ପାଇଁ । ସେହି କ୍ରମରେ ଆମେ ବି ଯାଉଥିଲୁ । ହେଲେ ପୁରୁଣା ଗୋଆରେ ପହଞ୍ଚିବା ପୂର୍ବରୁ ଏକ ଜୁସ୍ ଦୋକାନରେ ଆମେ ସମସ୍ତେ ଜୁସ୍ ପିଇବା ପାଇଁ ଅଟକିଥିଲୁ । ଜୁସ୍ ଦୋକାନୀଙ୍କୁ ଦେଖିଲେ ସେ ଜଣେ ଉଚ୍ଚ ଶିକ୍ଷିତ ଭଳି ଦେଖା ଯାଉଥିଲା । ଆମେ ଆମର ପରିଚୟ ଦେଇ ତାଙ୍କ ଠାରୁ ଓଲ୍ଡ ଗୋଆ ସମ୍ପର୍କରେ ଆଉ କିଛି ଅଧିକ ଜାଣିବାକୁ ଚାହିଁଥିଲୁ । ସେ ଏକ ରୋଚକ ତଥ୍ୟ ପ୍ରଦାନ କରିଥିଲେ ଯାହା ଶୁଣିବା ପରେ ମୁଁ ଆଶ୍ଚର୍ଯ୍ୟ ହେଲି । ତାଙ୍କ ସୂଚନା ମୁତାବକ ଦିନେ ଆଡମ୍ବର ଓ ଧନଧାନ୍ୟରେ ଝଲସୁଥିଲା ଓଲ୍ଡ ଗୋଆ । କିନ୍ତୁ ସମୟ ସୁଅରେ ଅନେକ ଦୁର୍ଦ୍ଦିନ ବି ଭୋଗିଥିଲା । ସପ୍ତଦଶ ଶତାବ୍ଦୀରେ ଓଲ୍ଡ ଗୋଆରେ ଭୟଙ୍କର ମ୍ୟାଲେରିଆ ଜ୍ୱର ଏବଂ କଲେରା ରୋଗ ବ୍ୟାପିଥିଲା । ଆଉ ଏଠାକାର ବାସିନ୍ଦାମାନେ ଭୟଭୀତ ହୋଇପଡିଲେ । ଶେଷରେ ଏପରି ଅବସ୍ଥା ହେଲା ଯେ, ପର୍ତ୍ତୁଗୀଜ ଭାଇସ୍‌ରାୟ ନିଜ ବାସସ୍ଥାନ ମଧ୍ୟ ପରିବର୍ତ୍ତନ କରିଥିଲେ । ଏପରିକି କୁହାଯାଏ ଯେ, ୧୭୭୫ ମସିହା ବେଳକୁ ଏହି ସହରର ଜନସଂଖ୍ୟା ଖସି ଆସି ପ୍ରାୟ ମାତ୍ର ୧୫୦୦ରେ ପହଞ୍ଚିଥିଲା । ଅବଶ୍ୟ ୧୮୬୩ରେ ପାଣାଜୀ ଗୋଆର ନୂଆ ରାଜଧାନୀ ଭାବେ ଘୋଷିତ ହେବା ପର୍ଯ୍ୟନ୍ତ ଓଲ୍ଡ ଗୋଆ ଆଇନତଃ ଗୋଆର ରାଜଧାନୀ ଥିଲା । କିନ୍ତୁ ଆଜି ପୁରୁଣା ଗୋଆ ପର୍ଯ୍ୟଟନ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି । ଜୁସ୍ ଦୋକାନ ମାଲିକଙ୍କ ଏତିକି କଥା ଭିତରେ ପ୍ରାୟ ଆଉ କାହା ପାଟିରୁ କିଛି କଥା ବାହାରି ନଥଲା । ସମସ୍ତଙ୍କ ଜୁସ୍ ଗ୍ଲାସ ଖାଲି ହୋଇସାରିଥିଲା । ସେ ଆମକୁ ପରାମର୍ଶ ଦେଲେ ପ୍ରଥମେ ସେଣ୍ଟ ଅଗଷ୍ଟାଇନ୍ ଚର୍ଚ୍ଚ ଦେଖିବା ପାଇଁ । ତେବେ ଏତେ ସୂଚନା ଆଉ ପରାମର୍ଶ ପାଇଁ ତାଙ୍କୁ ଧନ୍ୟବାଦ ଜଣାଇ ବାହାରିଲୁ ସେଣ୍ଟ ଅଗଷ୍ଟାଇନ୍ ଚର୍ଚ୍ଚ ଦେଖିବା ପାଇଁ ।

*କ୍ରମଶଃ...*



## ଗଣେଶ୍ୱର ଓ ଅଂଶୁମାନଙ୍କ ଦଳବଦଳ ନେଇ ଚର୍ଚ୍ଚା

**କେନ୍ଦ୍ରାପଡ଼ା :** ଏବେ ଜିଲ୍ଲାରେ ରାଜନୈତିକ ମାହୋଲ ଖୁବ୍ ସରଗରମ ହୋଇଉଠିଛି । କିଛିଦିନ ହେବ ବରିଷ୍ଠ କଂଗ୍ରେସ ନେତା ଗଣେଶ୍ୱର ବେହେରା ବିଜେଡିରେ ଯୋଗଦେବା ନେଇ ଚର୍ଚ୍ଚା ଥମି ନଥିବା ବେଳେ ରାଜନଗରର ବିଧାୟକ ଅଂଶୁମାନ ମହାନ୍ତି ବିଜେଡ଼ିରେ ଯୋଗଦେବା କଥା ଜିଲ୍ଲାବାସୀଙ୍କୁ ଚକିତ କରିଛି । ସୂଚନାଥାଉ କି, ଗତ ୨୦୧୪ ନିର୍ବାଚନରେ ବିଜେଡି ବିଧାୟକ ଅଲେଖ ଜେନାଙ୍କୁ ବିଜେଡି ଟିକଟ୍ ଦେଇ ଫେରାଇନେବା ପରେ ସେ ଅସନ୍ତୋଷ ଥିଲେ । ଯହାଫଳରେ ଉକ୍ତ ନିର୍ବାଚନରେ ବିଜେଡି ହାରିଥିଲା । ତେବେ ସେଠାକାର ଚର୍ଚ୍ଚିତ ରାଜନୈତିକ ନାୟକ ସ୍ୱର୍ଗତ ନଳିନୀକାନ୍ତ ମହାନ୍ତିଙ୍କ ପୁଅ କଂଗ୍ରେସର ପ୍ରାର୍ଥୀ ହୋଇ ବିଜୟୀ ହେଲେ । ତେଣୁ ବୋଧହୁଏ ଏଥିପାଇଁ ଅଲେଖବାବୁ ବିକଳ୍ପ ଭାବେ ବିଜେଡି ଛାଡ଼ି ବିଜେପିରେ ଯୋଗଦେଲେ । ହେଲେ ସେଠାକାର ବିଜେଡ଼ିର ଟାଣୁଆ ନେତା ଧୃବ ସାହୁ ଅନେକ ପରିଶ୍ରମ କରିଥିଲେ ହେଁ ଅଲେଖ ଓ କୃତିବାସ ପାତ୍ରଙ୍କ ପ୍ରଭାବ ହେତୁ ଉଧାଇ ପାରିଲେନାହିଁ । ତେଣୁ ଏଠାରେ ବିଜେଡି ଜିତିବା ଅସମ୍ଭବ ହୋଇପଡ଼ିଛି । ଏବେ କୃତିବାସ ବାବୁ ଆପିକମଲ୍ ଅଧକ୍ଷ ପଦରେ ନିଯୁକ୍ତି ହୋଇଛନ୍ତି । ତଥାପି ଧୃର୍ବ ସାହୁଙ୍କ ପଥ ପରିଷ୍କାର ନୁହେଁ । କାରଣ ଅଲେଖବାବୁ ବିଜେପି ପାଇଁ ଘରଘର ବୁଲି ସଂଗଠନ ସୁଦୃଢ କରିବାରେ ଲାଗିପଡ଼ିଛନ୍ତି । ଏବେ ରାଜ୍ୟରେ କଂଗ୍ରେସ ଦଳ ରସାତଳଗାମୀ ହୋଇଯାଉଥିବା ବେଳେ ଅଂଶୁମାନ ନିଜକୁ ସୁରକ୍ଷିତ ମଣୁନାହାନ୍ତି । ତେଣୁ ଏଭଳି ପରିସ୍ଥିତିରେ ଏବେ ଅନେକ ବରିଷ୍ଠ ନେତା ବିଜେଡି ଓ ବିଜେପି ମୁହାଁ ହେଉଥିବାବେଳେ ଆଗକୁ ଅଂଶୁମାନବାବୁ ମଧ୍ୟ ବିଜେଡିରେ ଯୋଗଦେବେ ବୋଲି ଶୁଣିବାକୁ ମିଳୁଛି । ତେବେ ଗଣେଷେ ଓ ଅଂଶୁମାନ ଯଦି ବିଜେଡିରେ ଯୋଗଦେବେ, ତାହା କି ଫଳପ୍ରଦ ହେବ ତାହା ଆଗାମୀ ଦିନରେ ଜଣାପଡ଼ିବ ।

## ପୋଲିସ ପକ୍ଷରୁ ବୃକ୍ଷ ରୋପଣ

**ଖୋରଧା :** ଖୋରଧା ରିଜର୍ଭ ପୋଲିସ୍ ଲାଇନ୍‌ଠାରେ ଖୋରଧା ପୋଲିସ୍ ତରଫରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଖୋରଧା, ଏସ୍.ପି, ଦିପ୍ତୀ ରଞ୍ଜନ ରାୟ, ଡ଼ିଏଫଓ ଖୋରଧା, ବିକାଶ ରଞ୍ଜଜନ ଦାସ, ଖୋରଧା ଆଡିସ୍‌ନାଲ୍ ଏସ୍‌ପି ପ୍ରତାପ ସ୍ୱାଇଁ, ଏସ୍‌ଡିପିଓ ଖୋରଧା ଯୁଗଳ କିଶୋର ଦାସ୍, ଡ଼ିଏସ୍‌ପି ବିଷ୍ଣୁପଦ ମହନ୍ତ, ଡ଼ିଏସ୍‌ପି ସତିଶ୍ ପାଢ଼ୀ, ଏସି ରିଜର୍ଭ ଅଫିସ୍ ଖୋରଧା ପସନ୍ନ କୁମାର ରାଉତ, ଆଇ.ଆଇ.ସି, ଖୋରଧା ଟାଉନ୍ ରଞ୍ଜିତ୍ ସାହୁ, ଆଇଆଇସି, ସଦର ବିକ୍ରମ କେଶରୀ ଜେନା, ସର୍ଜେଣ୍ଟ ଅମୁଲ୍ୟ କୁମାର ନାୟକ, ଖୋରଧା ଜିଲ୍ଲା ପୋଲିସ୍ ହାବିଲ୍‌ଦାର-



କନେଷ୍ଟବଳ ଆସୋସିଏସନ୍‌ର ସଭାପତି ଝରି ସାମନ୍ତରାୟ, ଓ ସମସ୍ତ ପୋଲସ୍ କର୍ମଚାରୀ ମାନେ ଯୋଗଦାନ କରି ବୃକ୍ଷ ରୋପଣ କରିଥିଲେ ।

## ସବୁଜ କାର୍ଡଧାରୀଙ୍କୁ ମିଳୁନି ସୁବିଧା

**ସୋନପୁର :** ସରକାରୀ ନିୟମ ତଥା ଘୋଷଣା ଅନୁଯାୟୀ ଏ ପର୍ଯ୍ୟନ୍ତ ସୋନପୁର ଜିଲ୍ଲା ସବୁଜ ପତ୍ରିକାଧାରୀମାନଙ୍କୁ ଉପଯୁକ୍ତ ସୁବିଧା ସୁଯୋଗ ମିଳିପାରି ନଥିବା ଅଭିଯୋଗ ହେଉଛି । ନିୟମ ଅନୁସାରେ ୨ଟି କିମ୍ବା ତା' ଠାରୁ କମ୍ ସନ୍ତାନ ଥିବା ଦମ୍ପତଙ୍କ ପରିବାରର ମହିଳାମାନଙ୍କୁ ସରକାରୀ ଡାକ୍ତରଖାନାରେ ଅସ୍ତ୍ରୋପଚାର କରାଗଲେ ସରକାରଙ୍କ ତରଫରୁ ସେହି ପରିବାରର ମହିଳାମାନଙ୍କ ନାମରେ ସବୁଜ ପତ୍ରିକା ମିଳିଥାଏ । ତେବେ ଏହି ସବୁଜ ପତ୍ରିକାଧାରୀଙ୍କୁ ସରକାର ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ ନିୟମ ରହିଛି । ସୋନପୁର ଅଞ୍ଚଳର ସବୁଜ ପତ୍ରିକାଧାରୀମାନଙ୍କୁ ସରକାରଙ୍କ ଏହି ଘୋଷଣା ଅନୁଯାୟୀ ସୁବିଧା ସୁଯୋଗର ବିଶେଷ ଫଳପ୍ରଦ ହେଉନାହିଁ । ଅନ୍ୟପକ୍ଷରେ ସବୁଜ କାର୍ଡଧାରୀମାନଙ୍କ ନାମରେ ନିୟମ ଅନୁସାରେ ସରକାର ବିଭିନ୍ନ ପ୍ରକାର ଋଣ ଓ ଘରଡିହ ସହିତ ଏମାନଙ୍କ ମଧ୍ୟରୁ ଭୂମିହୀନ ପରିବାର ଗୁଡିକୁ ତଦନ୍ତ କରି ଚାଷ ଜମି ମଧ୍ୟ ଯୋଗାଇଦେବାକୁବ ଅଭିଯୋଗ ହେଉଛି । ପ୍ରକାଶ ଥାଉକି ଏମାନଙ୍କ ମଧ୍ୟରୁ ଅନେକ ଭୂମିହୀନ ଓ ବାସହୀନ ପରିବାର ମାନଙ୍କୁ ଘରଡିହର ପଟ୍ଟା ବଣ୍ଟନ ନିମନ୍ତେ ବିଗତ ଦିନରେ କରାଯାଇଥିବା ସର୍ଭେ କାର୍ଯ୍ୟ ତାହା ଠିକ୍ ଭାବରେ ହୋଇପାରି ନଥିବାରୁ ସବୁଜ ପତ୍ରିକାଧାରୀମାନେ ପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି ।

## ଘନ ଘନ ବିଦ୍ୟୁତ୍ କାଟ୍ ଲୋକେ ହନ୍ତସନ୍ତ

**ଯାଜପୁର, (ସୁରେଶ କର) :** ଯାଜପୁର ଜିଲ୍ଲା ବରୀ ବ୍ଲକର ଲୋକମାନେ ଗତ କିଛିଦିନ ହେବ ବିଦ୍ୟୁତ୍ ସେବା ପାଇବାରୁ ସମ୍ପୂର୍ଣ୍ଣ ବଞ୍ଚିତ ହେଉଛନ୍ତି । ଦିନମାନ ୨୪ ଘଣ୍ଟା ମଧ୍ୟରୁ ମାତ୍ର ୪/୫ ଘଣ୍ଟା ପାଇଁ ମଧ ବରୀବାସୀ ବିଦ୍ୟୁତ୍ ପାଇପାରୁନାହାନ୍ତି । ଏଭଳି ଅସୁବିଧା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ ସେମାନେ କହୁଛନ୍ତି ଯେ, ୩୩ କେଭି ବିଦ୍ୟୁତ୍ ଯାଜପୁରରେ ଖରାପ ଥିବାରୁ ଏଠାରେ ଆମେ ବିଦ୍ୟୁତ୍ ସେବା ଯୋଗାଇ ପାରୁନାହୁଁ । କିନ୍ତୁ ଖରାଦିନ ପୂର୍ବରୁ ସରକାର ଘୋଷଣା କରିଥିଲେ ଯେ, ଚଳିତବର୍ଷ ବିଦ୍ୟୁତ୍‌କାଟ ହେବନାହିଁ ଏବଂ ସବୁ ଅଞ୍ଚଳରେ ଥିବା ଦୁର୍ବଳ ବିଦ୍ୟୁତ୍ ଖୁଣ୍ଟ ଓ ତାର ବଦଳାଯିବ । କିନ୍ତୁ ଏଭଳି ଘୋଷଣା ଯେପରି ଘୋଷଣାରେ ରହିଯାଇଛି । କାରଣ ବରୀ ଅଞ୍ଚଳରେ ସାମାନ୍ୟ ଘଡଘଡି ଓ ବର୍ଷା ହେଲେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ସେବା ବନ୍ଦ ରହୁଛି । ହେଲେ ବିଭାଗ ବିଦ୍ୟୁତ୍ ବିଲ୍ ଜମା କରିବା ପାଇଁ ଲୋକଙ୍କ ଉପରେ ଯେଭଳି ଚାପ ପକାଏ ସେଭଳି ସେବା ଯୋଗାଇବାରେ ସାମର୍ଥ୍ୟ ପ୍ରକାଶ କରୁନାହିଁ । ଯାହାକୁ ନେଇ ଲୋକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି । ଏନେଇ ବାଇଁଶିରିଆର ଜନୈକ ଦୋକାନୀ ବିଷନ୍ ସାହୁ କହିଛନ୍ତି ଯେ, ବିଭାଗରେ କାର୍ଯ୍ୟ କରୁଥିବା କିଛି କର୍ମଚାରୀଙ୍କ ଖାମଖିଆଲୀ ଗୁଣ ଓ ମନମୁଖୀ କାରବାର ଯୋଗୁ ଏଭଳି ଘଟୁଛି । ଛାତ୍ର ଦେବଦତ୍ତ ପଣ୍ଡା, ଅବିନାଶ ଦାଶ ଓ ମନୋଜ କୁମାର ନନ୍ଦ ଅଭିଯୋଗ କରିଛନ୍ତି ଯେ, ବିଜୁଳି ବିଭାଗର ଅବହେଳା ଯୋଗୁ ଲୋକେ କ୍ଷତିଗ୍ରସ୍ତ ହେଉଛନ୍ତି । କିନ୍ତୁ ଅନ୍ୟପଟେ ଇନ୍‌ଭର୍ଟର କମ୍ପାନୀ ମାଲେମାଲ ହେଉଥିବା କଥା ମଧ୍ୟ ସେମାନେ କହିଛନ୍ତି । ତେଣୁ ବରୀ ଅଞ୍ଚଳରେ ତୁରନ୍ତ ଏହି ସମସ୍ୟାର ସମାଧାନ କରାନଗଲେ ଲୋକେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ମଧ୍ୟ ଜଣାପଡିଛି ।

## ବିଇଓ ଅଫିସ୍ ସାଜିଛି ଲୁଟେରାଙ୍କ ଭୂସ୍ୱର୍ଗ !

**ମାର୍ଶାଘାଇ :** ସ୍ଥାନୀୟ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଅସୁସ୍ଥ ଶିକ୍ଷକମାନଙ୍କ ପାଇଁ ପ୍ରତି ବର୍ଷ ଆରସିଏମ୍ ଯୋଜନାରେ ଲକ୍ଷାଧିକ ଟଙ୍କା ଆସିଥାଏ । ମାତ୍ର ଏହି ଅର୍ଥକୁ ଅଫିସର ନିର୍ଦ୍ଦିଷ୍ଟ କିଛି କର୍ମଚାରୀ ଏବଂ ପ୍ରଭାବଶାଳୀ ଶିକ୍ଷକ ମିଥ୍ୟା ମେଡିକାଲ ସାର୍ଟିଫିକେଟ ତଥା ମିଥ୍ୟା ଚିକିତ୍ସା ବିଲ୍ ଦେଇ ବର୍ଷ ବର୍ଷ ଧରି ଲୁଟି ଚାଲିଛନ୍ତି । ଏପଟେ ପ୍ରକୃତ ଅସୁସ୍ଥ ଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ଆବେଦନ କରି ମଧ ଏହି ଯୋଜନାର ସୁଫଳ ପାଇ ପାରୁନାହାନ୍ତି । ଜଣେ ସାମାଜିକ କର୍ମୀ ଏ ସମ୍ବନ୍ଧରେ ସୂଚନା ଅଧିକାର ଆଇନ ବଳରେ ଘଟଣାର ତଥ୍ୟ ପାଇବାକୁ ଆବେଦନ କରିବା ପରେ ଘଟଣାଟି ଲୋକଲୋଚନକୁ ଆସିଛି । ସଂପୃକ୍ତ ସାମାଜିକ କର୍ମୀଙ୍କୁ ତଥ୍ୟ ନ ଦେଇ ମାନସିକ ସ୍ତରରେ ଦୁର୍ବଳ କରିବା ପାଇଁ ତଥ୍ୟ କପି ଜେରକ୍ସ ବାବଦକୁ ଅଫିସ ୧ ହଜାର ଟଙ୍କା ଦାଖଲ କରିବା ପାଇଁ ଚିଠି ମାଧ୍ୟମରେ ବିଇଓ ଅଫିସର ସୂଚନା ଅଧିକାରୀ ଜଣାଇଥିଲେ । ୧ହଜାର ଟଙ୍କା ଦାଖଲ କରିବା ପରେ ମଧ ସାମାଜିକ କର୍ମୀ ମାଗିଥିବା ତଥ୍ୟ ନ ଦେଇ ବିଳମ୍ବିତ କରାଯାଇଥିଲା । ମାତ୍ର ସାମାଜିକ କର୍ମୀ ତଥ୍ୟ ପାଇବା ପାଇଁ ଅଡି

### ଆରସିଏମ୍ ଯୋଜନା ଅର୍ଥ ହଡପ

ବସିବାରୁ ତାଙ୍କୁ ଅଳ୍ପ କିଛି ତଥ୍ୟ ଦିଆଯାଇଥିଲା । ମାତ୍ର ଏହି ଯୋଜନାରେ ଗତ ୩ ବର୍ଷ ମଧ୍ୟରେ କେତେ ଟଙ୍କା ଆସିଅଛି, ଯେଉଁ ମାନଙ୍କୁ ଦିଆ ଯାଇଅଛି ସେମାନଙ୍କୁ କିପରିଭାବେ ଚୟନ କରାଗଲା ସେ ନେଇ କୌଣସି ତଥ୍ୟ ପ୍ରଦାନ କରାଯାଇ ନାହିଁ । ଶିକ୍ଷକ ସଂଘର କେତେକ ନିର୍ଦ୍ଦିଷ୍ଟ ପ୍ରଭାବଶାଳୀ କର୍ମକର୍ତ୍ତା ନିୟମିତ ଭାବେ ଆରସିଏମ୍ ଯୋଜନା ଅର୍ଥକୁ ନିଜର ଏବଂ ନିଜ ପରିବାର ସଦସ୍ୟଙ୍କ ନାମରେ ମିଥ୍ୟା ବିଲ୍ କରାଇ ଅର୍ଥ ହଡପ କରୁଥିବା ଜଣାପଡିଛି । ଫଳରେ ସଂପାଦକଙ୍କ ପ୍ରରୋଚନାରେ ସାମାଜିକ କର୍ମୀ ଜାଣିବାକୁ ଚାହିଁଥିବା ତଥ୍ୟକୁ ଲୁଚାଇ ଅସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇଥିବା ନେଇ ସାମାଜିକ କର୍ମୀ ଅଭିଯୋଗ କରିଛନ୍ତି । ଏହିସବୁ ହଡପର ମୁଖ୍ୟ କାର୍ପଟଦାର କୁହାଯାଉଥିବା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପୂର୍ବରୁ ଥିବା ଜଣେ କିରାଣୀ ଯିଏକି ଏବେ କେନ୍ଦ୍ରାପଡା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ଭାବେ ଅବସ୍ଥାପିତ ଅଛନ୍ତି । ତାଙ୍କ ସହାୟତାରେ ଶିକ୍ଷକ ସଂଘର ସଂପାଦକ ନିଜେ ଏବଂ ନିଜ ପରିବାର ସଦସ୍ୟଙ୍କ ନାମରେ ମିଥ୍ୟା ବିଲ ଦେଇ ଅର୍ଥ ହଡପ କରିଥିବା ଆଲୋଚନା ହେଉଛି । ଉକ୍ତ କିରାଣୀ ଜଣକ ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ବଦଳି ହୋଇ ସାରିଥିଲେ ମଧ ନିଜ ଦାୟିତ୍ୱରେ ଥିବା କାଗଜପତ୍ର ଏଯାବତ ତାଙ୍କ ସ୍ଥାନରେ ଅବସ୍ଥାପିତ ହୋଇଥିବା କିରାଣୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ନ ଥିବା ଜଣାପଡିଛି । ସେହିପରି ଅନ୍ୟ ପଦପଦବୀରେ ଥିବା ଶିକ୍ଷକ ନେତାମାନେ ମଧ ଉକ୍ତ କିରାଣୀଙ୍କ ସହ ଅସାଧୁ ମେଣ୍ଟ କରି ଅନେକ ଅର୍ଥ ହଡପ କରିଥିବା ଜଣାପଡିଛି । ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଆର୍‌ସିଏମ ଯୋଜନା ଅର୍ଥ ହଡପ କାରୀଙ୍କୁ ଗିରଫ କରିବା ସହ ଯୋଗ୍ୟ ଆବେଦନକାରୀ ଅସୁସ୍ଥ ଶିକ୍ଷକଶିକ୍ଷୟିତ୍ରୀ ମାନଙ୍କୁ ଯୋଜନାର ଅର୍ଥ ପ୍ରଦାନ କରିବାକୁ ଶିକ୍ଷକ ମହଲରେ ଦାବି ହେଉଛି ।

# ଲାକୁବାଡିବାସୀଙ୍କ ସହ କଥାହେଲେ ପ୍ରଧାନମନ୍ତ୍ରୀ




**ରାୟଗଡ଼ା :** ପ୍ରଧାନମନ୍ତ୍ରୀ ଦୀନଦୟାଲ ଉପାଧ୍ୟାୟ ଗ୍ରାମ୍ୟ ଜ୍ୟୋତି ଯୋଜନାର ସମୀକ୍ଷା କରିଛନ୍ତି ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଗୁମ୍ମା ପଞ୍ଚାୟତର ଲାକୁବାଡ଼ି ଗ୍ରାମବାସୀଙ୍କ ସହ ସିଧା ସଳଖ ଆଲୋଚନା କରିଥିଲେ ପ୍ରଧାନମନ୍ତ୍ରୀ। ରାୟଗଡ଼ା ବ୍ଲକ ଗୁମ୍ମା ପଞ୍ଚାୟତ ଅନ୍ତର୍ଗତ ଲାକୁବାଡ଼ି ଗ୍ରାମର ବାସିନ୍ଦାଙ୍କ ସହ ଦିନ ୧୦.୧୫ ରୁ ୧୦.୩୦ ପର୍ଯ୍ୟନ୍ତ କଥା ହୋଇଥିଲେ। ଲାକୁବାଡ଼ି ଗ୍ରାମରେ ବିଦ୍ୟୁତ ସେବା ପାଇଁ ଗ୍ରାମବାସୀ ଯେତିକି ଆନନ୍ଦିତ ହୋଇନଥିଲେ ତାଠାରୁ ଅଧିକ ଆନନ୍ଦ ହୋଇଥିଲେ ପ୍ରଧାନମନ୍ତ୍ରୀଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ କଥା ହୋଇଛନ୍ତି ବୋଲି। ଦିନ ଦୟାଲ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନା ରାୟଗଡ଼ା ଜିଲ୍ଲାରେ କେମିତି ଚାଲିଛି ଏବଂ ପ୍ରଶାସନ ପକ୍ଷରୁ ସ୍ଥିରୀକୃତ ଲାକୁବାଡ଼ି ଘାଁର ଲୋକେ ବିଜୁଳି ଆଲୋକ ପାଇବା ପରେ ସେମାନଙ୍କର ମନୋଭାବ କଣ ରହିଛି ସେ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିଥିଲେ ପ୍ରଧାନମନ୍ତ୍ରୀ। ତେଣୁ ସିଧାସଳଖ ଉକ୍ତ ଗ୍ରାମବାସୀଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଗ୍ରାମବାସୀଙ୍କ ସହ ୧୫ ମିନିଟ କଥା ହୋଇଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଏନ୍‌ଆଇସିର ଷ୍ଟୁଡିଓରେ ଏହି ବାର୍ତ୍ତାଳାପ ହୋଇଥିଲା। ପ୍ରଧାନମନ୍ତ୍ରୀ ସିଧାସଳଖ ଜୁହାର ଓ କେମିତି ଅଛ ପଦରୁ ଆରମ୍ଭ କରିଥିଲେ ବାର୍ତ୍ତାଳପ। ଏଭଳିକି ମହାପ୍ରଭୁ ଜଗନ୍ନାଥଙ୍କ ବିଷୟରେ ମଧ ପଚାରିବାକୁ ଭୁଲିନଥିଲେ ପ୍ରଧାନମନ୍ତ୍ରୀ। ଗ୍ରାମବାସୀଙ୍କ ଆଲୋଚନା ବେଳେ ଟ୍ରାନ୍ସଲେଟର ଭାବେ ଶିକ୍ଷକ ନିଳାଞ୍ଚଳ ମିଶ୍ର ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ କଥା ଗ୍ରାମବାସୀଙ୍କୁ ଓ ଗ୍ରାମବାସୀଙ୍କ କଥା ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

# ଯୁବାୟନ ଉତ୍ସବ : ୮ଜଣଙ୍କୁ ଟାଇମ୍‌ପାସ୍ ପୁରସ୍କାର



**ଭୁବନେଶ୍ୱର :** ଟାଇମ୍‌ପାସ୍ ପକ୍ଷରୁ ଭଞ୍ଜକଳା ମଣ୍ଡପଠାରେ କଳା ଓ ସାହିତ୍ୟର ତ୍ରିଦିବସୀୟ ଉତ୍ସବ 'ଯୁବାୟନ' ବିଶିଷ୍ଟ ସିନେ ଅଭିନେତ୍ରୀ ତ୍ରିପୁରା ମିଶ୍ର ଏବଂ ପ୍ରସିଦ୍ଧ ଲେଖକ, ଗୀତିକାର ତଥା ପୂର୍ବତନ ପ୍ରଶାସକ ଦେବଦାସ ଛୋଟରାୟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବର ପ୍ରଥମ ପର୍ବରେ ଟାଇମ୍‌ପାସ୍ ପକ୍ଷରୁ ୮ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୧୬ ମସିହା ପାଇଁ ବାଦଲ ମହାନ୍ତିଙ୍କୁ ଏବଂ ୨୦୧୭ ମସିହା ପାଇଁ ଶକ୍ତି ମହାନ୍ତିଙ୍କୁ ଟାଇମ୍‌ପାସ୍ ବୁକର୍ ପୁରସ୍କାର ପ୍ରଦାନ କରାଯିବା ସହିତ ଲେଖକ ଦ୍ୱୟଙ୍କ ପୁରସ୍କୃତ ପାଣ୍ଡୁଲିପି ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏଥିସହିତ ଉପନ୍ୟାସରେ ପ୍ରଜ୍ଞାଶ୍ରୀ ରଥ, କବିତାରେ ଭାରତ ମାଝୀ, ପ୍ରବନ୍ଧରେ ପରଂବ୍ରହ୍ମ ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଥିଲା ଟାଇମ୍‌ପାସ୍ ବେଷ୍ଟ୍ ସେଲର ପୁରସ୍କାର। ଟାଇମ୍‌ପାସ୍ ବହିବନ୍ଧୁ ସମ୍ମାନ ପୁସ୍ତକପ୍ରେମୀ ଅଜୟ ଖୁଣ୍ଟିଆଙ୍କୁ ପ୍ରଦାନ କରାଯାଇଥିବାବେଳେ ଜ୍ଞାନୀ ଦେବାଶିଷ ମିଶ୍ର ଓ ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କୁ ଟାଇମ୍‌ପାସ୍ ସ୍ୱୟଂଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା।

# ଲିଙ୍ଗରାଜ ସାହୁଙ୍କୁ 'ସୁରକ୍ଷା ସମ୍ମାନ'

**ଭୁବନେଶ୍ୱର :** ଗ୍ଲୋରି ଅଫ୍ ଇଣ୍ଟରନ୍ୟାସନାଲ ଫାଉଣ୍ଡେସନ୍ ଟ୍ରଷ୍ଟ(ଗିଫ୍ଟ) ପକ୍ଷରୁ ରୋଟାରୀ ଭବନଠାରେ 'ସୁରକ୍ଷା ସମ୍ମାନ' ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ରେଳ ସୁରକ୍ଷା ବଳର ଉପାୟୁକ୍ତ ବରୁଣ କୁମାର ବେହେରା, ଏସିପି ରବିନ୍ଦ୍ର ନାଥ ଶତପଥୀ, ଲିଙ୍ଗରାଜ ଥାନା ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ଭୁବନେଶ୍ୱର ଓକିଲ ସଂଘର ପୂର୍ବତନ ସଭାପତି ସନ୍ତୋଷ ଚୌଧୁରୀ, ପ୍ରମୋଦ ପଟ୍ଟନାୟକ, ମ୍ୟାଥ୍ ୱାର୍ଲ୍ଡର ଅଧକ୍ଷ ତଥା




ଅଧ୍ୟାପକ ପସନ୍ନ ଚୌଧୁରୀ, ଭାରତୀୟ ମାନବ ଅଧିକାର ସୁରକ୍ଷା ସଂଗଠନର କେନ୍ଦ୍ରୀୟ ସଚିବ ଲିଙ୍ଗରାଜ ସାହୁ, ମାନବାଧିକାର ସଂଗଠକ ଅଭିଜିତ ଦିକ୍ଷିତ୍, ପଲ୍ଲୀ ଉନ୍ନୟନ ସେବା ସମିତିର ସମ୍ପାଦିକା ଶ୍ୱାତୀ ସୁଚରିତା ପାତ୍ର ପ୍ରମୁଖଙ୍କୁ 'ସୁରକ୍ଷା ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିରେ ଜାତୀୟସ୍ତରୀୟ ଆଲୋଚନାଚକ୍ର 'ଶିଶୁ ବିରୋଧୀ ଅପରାଧ : ଘଟଣା ଓ ଆହ୍ୱାନ' ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟର ଅଧକ୍ଷା ସଂଗୀତା ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁପ୍ରିମ୍‌କୋର୍ଟ ସରକାରୀ ଷ୍ଟାଡିଙ୍ଗ୍ କାଉନସିଲ ସଭ୍ୟ ରାଜେଶ ଦାସ ମୁଖ୍ୟ ଅତିଥି, ରାଜ୍ୟ ଶିଶୁ ସୁରକ୍ଷା ଅଧୀକାର ଆୟୋଗର ପୂର୍ବତନ କମିଶନର ଡ. କସ୍ତୁରୀ ମହାପାତ୍ର ମୁଖ୍ୟବକ୍ତା, ନୂଆଦିଲ୍ଲୀ ପ୍ରବାସୀ ଓଡ଼ିଆ ବିକାଶ ସମିତିର ସାଧାରଣ ସମ୍ପାଦକ ପ୍ରସନ୍ନ ପରିଡା ଅତିଥି ଭାବେ ଯୋଗଦେଇ ଏହି ଆଲୋଚନାଚକ୍ରରେ ଭାଗ ନେଇ ମତବ୍ୟକ୍ତ କରିଥିଲେ ଯେ, ଶିଶୁ ମାନଙ୍କ ଉପରେ ଅତ୍ୟାଚାର ବଢୁଛି। ସଚେତନ ଦ୍ୱାରା ଶିଶୁ ସୁରକ୍ଷା ହେବା ସହ ସମାଜରେ ସୁରକ୍ଷିତ ରହିପାରିବ।

# 'ଓଡିଶା ମାନଚିତ୍ରରେ ସୋନପୁର ହେବ ଏକ ମଡେଲ ସହର'



**ସୋନପୁର :** ସୋନପୁର ସହରର ସାମୂହିକ ବିକାଶ ପାଇଁ ବ୍ୟାପକ ଉଦ୍ୟମ ଆରମ୍ଭ କରାଯିବା ସହ ଆଗାମୀ ଦିନରେ ସହରକୁ ଏକ ସ୍ମାର୍ଟ ସହର କରିବାର ଯୋଜନା ରହିଛି ତେଣୁ ଏଥିରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ରାଜ୍ୟ ନଗର ଉନ୍ନୟନ, ଗୃହ ନିର୍ମାଣ ଓ ଜଳସମ୍ପଦ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ସୂଚନା ଦେଇଛନ୍ତି। ୧୨ କୋଟି ଟଙ୍କା ବ୍ୟୟରେ ସୁବର୍ଣ୍ଣପୁର ସହରକୁ ପାନୀୟ ଜଳଯୋଗାଣର ବ୍ୟବସ୍ଥା କରାଯାଇଛି। ଏପରିକି ସହରର ପ୍ରତ୍ୟେକ ଘରକୁ ଜଳଯୋଗାଣର ମଧ ବ୍ୟବସ୍ଥା କରାଯାଇଛି। ଜଳଯୋଗାଣ ପାଇଁ ବର୍ତ୍ତମାନ ସହରର ସମସ୍ତ ରାସ୍ତା ଖୋଳାଯାଇଥିବାରୁ ପ୍ରତ୍ୟେକ ଘରକୁ ପାଇପ ସଂଯୋଗ ପରେ ଖୋଳା ଯାଇଥିବା ସମସ୍ତ ରାସ୍ତାକୁ ନୂତନ ଭାବେ ନିର୍ମାଣ କରାଯିବ। ସହରରେ ବିଦ୍ୟୁତକରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇ ରାସ୍ତାକଡରେ ଲାଗୁଥିବା ୭୦ ୱାଟ୍ ଏଲ୍‌ଇଡି ଲାଇଟ ପରିବର୍ତ୍ତେ ୧୦୦ ୱାଟ୍ ଲାଇଟ ଲଗାଇବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୁବର୍ଣ୍ଣପୁର ଟାଉନ ହଲରେ ଅନୁଷ୍ଠିତ ଦୀନଦୟାଲ ଅନ୍ତୋଦୟ ଯୋଜନା ଜାତୀୟ ସହରାଞ୍ଚଳ ଜୀବିକା ମିଶନ ଅନ୍ତର୍ଗତ ବିଭିନ୍ନ ସହାୟତା ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ସେ ଆହୁରି କହିଛନ୍ତି ଯେ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକର ଦକ୍ଷତା ବୃଦ୍ଧି ପାଇଁ ଆର୍ଥୀକ ସହାୟତା ପାଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଓ ସମ୍ପର୍କଦିକାମାନଙ୍କୁ ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା ପକ୍ଷରୁ ରାଜ୍ୟସ୍ତରରେ ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଉଛି । ପ୍ରଥମ ପର୍ଯ୍ୟାୟରେ ଅଗଷ୍ଟ ୧ରୁ ୪୦ଜଣଙ୍କୁ ତାଲିମ ପ୍ରଦାନ କରାଯିବ ଓ ପରବର୍ତ୍ତି ସମୟରେ ସମସ୍ତଙ୍କୁ ଏହି ତାଲିମ ପ୍ରଦାନ କରାଯିବ। ଅନ୍ୟ ପକ୍ଷରେ ସୁବର୍ଣ୍ଣପୁର ଜିଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ଏକ ଅସ୍ଥାୟୀ କାଉଣ୍ଟର ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥାରେ ଖୋଲାଯିବ ବୋଲି ସେ ସୂଚନା ଦେଇଥିଲେ। ଜିଲାପାଳ ଦାଶରଥି ଶତପଥି ସଭାପତିତ୍ୱ କରି ସହରର ବିକାଶ ପାଇଁ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କୟଙ୍କର ସୂଚନା ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶକ ସାରଦା ପ୍ରସାଦ ପଣ୍ଡା, ପୌରନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ର, ପୌରାଧକ୍ଷା ସୀମନ୍ତିନୀ ନାଏକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କୟଙ୍କର ଆଲୋକପାତ କରିଥିଲେ। ଏହି ଅବସରରେ ସହରର ୫୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୦ ଟଙ୍କା ଲେଖାଏଁ ଘୂର୍ଣ୍ଣାୟମାନ ପାଣ୍ଠିର ସହାୟତା ଯୋଗାଇ ଦିଆଯାଇଥିବା ବେଳେ ୨ଟି ଆଞ୍ଚଳିକ ଫେଡେରେସନ ଦଳକୁ ପ୍ରତ୍ୟେକ ୫୦ ହଜାର ଟଙ୍କାର ସହାୟତା ସହ ୩ଟି ସ୍ୱୟଂ ସହାୟକ ଦଳକୁ ୩ ଲକ୍ଷ ଟଙ୍କା ଲେଖାଏଁ ଗ୍ରୁପ ଋଣ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ପୂର୍ବରୁ ଲାଇସେନ୍ସ ପ୍ରଦାନ କରାଯାଇଥିବା ସହରର ରାସ୍ତାକଡ ବିକାଳିଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୌର ପରିଷଦର ସମସ୍ତ କର୍ମଚାରୀଙ୍କ ସମେତ ସହରର ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାମନେ ଉପସ୍ଥିତ ଥିଲେ।


# ସଫା ଟାଙ୍କି • ସଫା ପାଣି

ବୈଜ୍ଞାନିକ ପଦ୍ଧତି (Mechanised Cleaning)ରେ
ପାଣିଟାଙ୍କି ସଫା କରନ୍ତୁ ଓ ରୋଗରୁ ବଞ୍ଚନ୍ତୁ।



୬ସ୍ତରୀୟ ସଫା ପଦ୍ଧତି
ଆମେ ବିଗତ ୨୦୦୬ ମସିହାରୁ କେନ୍ଦ୍ରୀୟ ଭାରତରେ ଏହି ସେବା ଯୋଗାଉଅଛୁ।
ମାତ୍ର ଗୋଟିଏ ଫୋନ୍ କଲ ଦୂରତାରେ...

FASTCLEAN™
Clean Tanks. Faster & Better
ISO 9001 : 2008 Certified
www.fastcleanindia.com

SPS SERVICES
Shop No.-102
Gaganawas Commercial Complex
Gajapati Nagar, Bhubaneswar-34, Odisha
Cell : 9853209485


# ବେଳାଭୂମି ରାସ୍ତାରୁ ହଟିବ ପଶ୍ଚିମବଙ୍ଗ ଫଳକ



**ଭୁବନେଶ୍ୱର :** ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍‌ର ଉଦୟପୁର ବେଳାଭୂମି ରାସ୍ତାରେ ବେଆଇନ ଭାବେ ପଶ୍ଚିମବଙ୍ଗ ସରକାରଙ୍କ ଜଳ ସେଚନ ଓ ଜଳ ସଂପଦ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ସୂଚନା ଫଳକକୁ ୧୫ ଦିନ ମଧରେ ଉଠାଇଦେବା ପାଇଁ ପଶ୍ଚିମବଙ୍ଗ ସରକାରଙ୍କ ସଂପୃକ୍ତ ବିଭାଗକୁ ପତ୍ର ଲେଖାଯିବ। ଯଦି ୧୫ ଦିନ ମଧରେ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ସ୍ଥାନୀୟ ପ୍ରଶାସନ ଦ୍ୱାରା ଉକ୍ତ ଫଳକକୁ ଉଠାଇ ଦିଆଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି। ଉଦୟପୁର ବେଳାଭୂମିକୁ ଯିବା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ମିତ ରାସ୍ତା ପାଖରେ ଦୀଘା ବେଳାଭୂମି ବୋଲି ପଶ୍ଚିମବଙ୍ଗ ସରକାରଙ୍କ ଜଳ ସଂପଦ ବିଭାଗ ଦ୍ୱାରା ବେଆଇନ ଭାବେ ସୂଚନା ଫଳକ ଲଗାଯିବା ପରିପ୍ରେକ୍ଷୀରେ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସଚିବାଳୟରେ ମନ୍ତ୍ରୀ ଶ୍ରୀ ମହାନ୍ତିଙ୍କ ଅଧକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଉପସ୍ଥିତ ସ୍ଥାନୀୟ ବିଧାୟକ ତଥା ଉଚ୍ଚ ଶିକ୍ଷା ଓ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ପଶ୍ଚିମବଙ୍ଗର ଏତାଦୃଶ ବେଆଇନ କାର୍ଯ୍ୟର ନିନ୍ଦା କରିବା ସହିତ ରାଜ୍ୟ ସରକାରଙ୍କ ତ୍ୱରିତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ପଶ୍ଚିମବଙ୍ଗ ସରକାରଙ୍କ ବେଆଇନ ନିର୍ମାଣ ସଂପର୍କିତ ତଥ୍ୟ ବୈଠକରେ ଉପସ୍ଥାପନ କରିଥିଲେ । ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଓଡ଼ିଶା ଜାଗା ଉପରେ ସୂଚନା ଫଳକ ଲଗାଯାଇ ଜନସାଧାରଣଙ୍କୁ ଭ୍ରମିତ କରାଯିବାର ଉଦ୍ୟମକୁ ବିରୋଧ କରାଯିବା ସହ ସୂଚନା ଫଳକକୁ ପଶ୍ଚିମବଙ୍ଗ ସରକାର ୧୫ ଦିନ ମଧ୍ୟରେ ଉଠାଇ ନ ନେଲେ ଜିଲ୍ଲା ପ୍ରଶାସନ ଦ୍ୱାରା ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏଥି ସହିତ ୨୦୧୬ ମସିହାରେ ଉପଜିଲ୍ଲାପାଳଙ୍କ ସ୍ତରରେ ଅନୁଷ୍ଠିତ ବୈଠକର ନିଷ୍ପତ୍ତି ଅନୁଯାୟୀ ସୀମା ବିବାଦର ସମାଧାନ ନିମନ୍ତେ ଯୁଗ୍ମ ସୀମା ନିର୍ଦ୍ଧାରଣ କମିଟିର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ପଦକ୍ଷେପ ନେବାକୁ ରାଜସ୍ୱ ମନ୍ତ୍ରୀ ଶ୍ରୀ ମହାନ୍ତି ପରାମର୍ଶ ଦେଇଛନ୍ତି। ଏହା ବ୍ୟତୀତ ନିଜର ସ୍ଥିତିକୁ ଜାହିର କରିବା ସହ ଭବିଷ୍ୟତରେ ଯେପରି କୌଣସି ବିବାଦ ସୃଷ୍ଟି ନ ହୁଏ, ସେଥି ନିମନ୍ତେ ଓଡ଼ିଶା ସୀମାରେ ଏକ ଫାଟକ ବସାଇବା, ସେହି ସ୍ଥାନରେ ଭିତ୍ତିଭୂମିର ବିକାଶ ଏବଂ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ଆବଶ୍ୟକ କାର୍ଯ୍ୟକ୍ରମ ଗ୍ରହଣ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଗଲା । ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ପର୍ଯ୍ୟଟନ ବିଭାଗର ସହଯୋଗରେ ଉଦୟପୁର ବେଳାଭୂମିର ଉନ୍ନତି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ଓ ଉଦୟପୁର ଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକ ରାଜସ୍ୱ ବଙ୍ଗଳା ସ୍ଥାପନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।


EVOS BUILDCON PVT.LTD.

Upcoming Appartment Project
Mahaveer Enclave
Patrapada (Udayagiri Vihar)
300 Mts. from
N.H., Petrol Pump



3200/- Sq.ft
Construction will Start from March 2017
Member Of
AFORD

State Bank of India
Finance Available

Upcoming Mini Township Project (Duplex & Appartment)
HILL VIEW HEAVEN
DEULIAPATANA
2 K.M. from Madanpur, Near
Jagasara, BDA Housing Project



27-40 Lakhs
www.evos.co.in
Mob.: 9438383699, 9040051152


# ସବୁ ବନ୍ଦରରେ ସୁପର ସ୍ପେଶାଲିଟି ହସ୍ପିଟାଲ

**ଭୁବନେଶ୍ୱର :** ପାରାଦୀପ ସମେତ ଦେଶରେ ଥିବା ସମସ୍ତ ବୃହତ ବନ୍ଦରରେ ସୁପର ସ୍ପେଶାଲିଟି ହସ୍ପିଟାଲ ପ୍ରତିଷ୍ଠା କରାଯିବ। ଗୋଲ୍ଡେନ ସେର ମଡେଲ ଢାଞ୍ଚାରେ ନିର୍ମିତ ହେବାକୁ ଥିବା ଏହି ହସ୍ପିଟାଲ ପ୍ରକଳ୍ପକୁ କେନ୍ଦ୍ର ଜାହାଜ ମନ୍ତ୍ରଣାଳୟ ଷ୍ଟାଣ୍ଡିଂ ଫାଇନାନ୍ସ କମିଟି ଅନୁମୋଦନ କରିଛନ୍ତି। ପ୍ରଥମେ ମୁମ୍ବାଇ ପୋର୍ଟ ଟ୍ରଷ୍ଟ ହସ୍ପିଟାଲ ଏହି ଗୋଲ୍ଡେନ ସେର ମୋଡେଲ ଢାଞ୍ଚାରେ ନିର୍ମାଣ କରାଯିବ । ଯାହାକି ଚଳିତ ମାସ ୧୧ ତାରିଖରେ ଅନୁମୋଦିତ ହୋଇଛି। କେନ୍ଦ୍ର ଜାହାଜ ମନ୍ତ୍ରଣାଳୟର ଦେଇଥିବା ସୂଚନା ଅନୁଯାୟୀ ପାରାଦୀପ ବନ୍ଦର ଲାଗି ପ୍ରସ୍ତାବିତ ସୁପର ସ୍ପେଶାଲିଟି ହସ୍ପିଟାଲ ପ୍ରକଳ୍ପର 'ଡ୍ୟୁ ଡିଲିଜେନ୍ସ ରିପୋର୍ଟ' ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ରିପୋର୍ଟ ସମ୍ପୃକ୍ତ କନସଲ୍ଟାଣ୍ଟ ପ୍ରସ୍ତୁତ କରୁଛନ୍ତି। ଚଳିତ ମାସ ଶେଷ ସୁଦ୍ଧା ଏହି ରିପୋର୍ଟ ଜାହାଜ ମନ୍ତ୍ରଣାଳୟ ନିକଟରେ ଦାଖଲ ହେବାର ଅଛି। ପୂର୍ବରୁ କେନ୍ଦ୍ର ସରକାର ଭୁବନେଶ୍ୱରର ଦୁଇଟି ଘରୋଇ ହସ୍ପିଟାଲ ସହାୟତାରେ ପିପିପି ପ୍ରକ୍ରିୟାରେ ପାରାଦୀପଠାରେ ସୁପର ସ୍ପେଶାଲିଟି ହସ୍ପିଟାଲ ପ୍ରତିଷ୍ଠା ଲାଗି ଯୋଜନା କରିଥିଲେ ମଧ ସମ୍ପୃକ୍ତ ଘରୋଇ ହସ୍ପିଟାଲମାନେ ଏଥିଲାଗି ଆଗ୍ରହ ପ୍ରକାଶ କରିନଥିବାରୁ ଜାହାଜ ମନ୍ତ୍ରଣାଳୟ ବନ୍ଦର କର୍ମଚାରୀ ଏବଂ ବନ୍ଦରାଞ୍ଚଳର ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗୋଲ୍ଡେନ ସେର ଢାଞ୍ଚାରେ ସୁପର ସ୍ପେଶାଲିଟି ହସ୍ପିଟାଲ ନିର୍ମାଣ ପାଇଁ ସ୍ଥିର କରିଛନ୍ତି। ତେଣୁ ଏହି ହସ୍ପିଟାଲ ପ୍ରକଳ୍ପ ଫାଙ୍କା ପ୍ରତିଶ୍ରୁତି ନୁହେଁ ବୋଲି ଜାହାଜ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।


PLOT FOR SALE@BHUBANESWAR



Yellow Zone, 30ft wide Road
Mouza :
Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza :
Pandiapada
Contact Immediately :
8658607286 / 8917571455





Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି